# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 3/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 218 | ମୂଲ୍ୟ₹୭/-




## ଶେଖ୍ ହାସିନାଙ୍କୁ ୬ ମାସ ଜେଲ

ବାଂଲାଦେଶର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଅଦାଲତ ଅବମାନନା ମାମଲାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି।

୦୨

୧୪

## ୟଷ୍ଟ୍ରେମ୍ସ୍କାଙ୍କୁ ବଡ଼ ସଫଳତା

ୱିମ୍ବଲେଡନ ଗ୍ରାଣ୍ଡସ୍ଲାମ ଟେନିସ୍ ମହିଳା ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ କୋକୋ ଗଫ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଦୟନା ୟଷ୍ଟ୍ରେମ୍ସ୍କା।



## ୫ଲକ୍ଷ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ସରକାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୭(ସୁନିତ୍ ମିଶ୍ର)

ଚିଟ୍‌ଫଣ୍ଡ ପ୍ରସଙ୍ଗ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୀର୍ଘବର୍ଷ ଧରି ରାଜ୍ୟର ଲକ୍ଷାଧିକ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ସେମାନଙ୍କ ଟଙ୍କା ଫେରସ୍ତ ପାଇବା ଲାଗି ଅପେକ୍ଷାକରି ରହିଛନ୍ତି। ରାଜ୍ୟରେ କ୍ଷମତାକୁ ଆସିବା ପୂର୍ବରୁ ସମସ୍ତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ନେଇ ଭାଜପା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ନେଇ ମଧ୍ୟ ଅନେକ ସମୟରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ତେବେ ଆସନ୍ତା ୩ରୁ ୪ ମାସ ମଧ୍ୟରେ ୫ ଲକ୍ଷ କ୍ଷୁଦ୍ର କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲାସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏତଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ବର୍ଷେ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୪ରୁ ୨୦୨୪ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

## ଦକ୍ଷିଣମୋଡ଼ ନେଲା ରଥ



**ବାହୁଡ଼ା ପ୍ରସ୍ତୁତି:** ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଥିବା ଦର୍ପଦଳନ ରଥକୁ ବୁଧବାର ଦକ୍ଷିଣ ମୋଡ଼ କରାଯାଉଛି। (ରିପୋର୍ଟ: ପୃଷ୍ଠା-୩)

# ଛୁଟିରେ ଅଫିସର, କାର୍ଯ୍ୟରେ ଅଚଳାବସ୍ଥା

## ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଟଳ ଓଏଏସ୍ ସଂଘ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ପରିସରରେ ମାଡ଼ ଘଟଣା ରାଜ୍ୟର ପ୍ରଶାସନିକ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଟଳ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ରାଜ୍ୟରେ ରହିଛି। ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଚାଲିଯାଇଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ହୋଇପାରୁନାହିଁ। ଏଥିଯୋଗୁ ସାଧାରଣ ଲୋକଙ୍କୁ ହଇରାଣ ହେବାକୁ ପଡ଼ୁଛି। ଏନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରିଛନ୍ତି।

ଭୁବନେଶ୍ୱର,୨।୭ (ରବିନାରାୟଣ ଜେନା)

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାକୁ ନେଇ ଓଏଏସ୍ ସଂଘ ନିଷ୍ପତ୍ତି କ୍ରମେ ଅଫିସରମାନେ ବୁଧବାର ବିଧିବଦ୍ଧ ଭାବେ ସମୂହ ଛୁଟି ନେଇଛନ୍ତି। ଯେପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ ଗିରଫ ହୋଇନାହାନ୍ତି ଏବଂ ସରକାରଙ୍କ ପକ୍ଷରୁ ଅଧିକାରୀଙ୍କ ସୁରକ୍ଷା ନେଇ ପ୍ରତିଶ୍ରୁତି ମିଳିନାହିଁ, ସେପର୍ଯ୍ୟନ୍ତ ଓଏଏସ୍ ଅଫିସରମାନେ ଛୁଟିରେ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଘଟଣାକୁ ନେଇ ମଙ୍ଗଳବାର ଦିନତମାମ୍ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବ୍ଲକ, ସବ୍‌ଡିଭିଜନ, ଜିଲାଠାରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ଓଏଏସ୍ ଅଧିକାରୀମାନେ ବୈଠକ କରିଥିବାବେଳେ ବୁଧବାର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରି କି ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ବିଭିନ୍ନ ବିଭାଗରେ ମଧ୍ୟ ଓଏଏସ୍ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏଥିଯୋଗୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଯଦି ସରକାର ସଂଘର ପ୍ରତିଶ୍ରୁତି ରକ୍ଷା କରିବାରେ ବିଳମ୍ବ କରିବେ ତେବେ ସ୍ଥିତି ଜଟିଳ ହେବ ବୋଲି ଅଧିକାରୀମାନେ କହୁଛନ୍ତି।

ମଙ୍ଗଳବାର ଜିଲାସ୍ତରରେ ଓଏଏସ୍ ସଂଘ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ ☞ପୃଷ୍ଠା-୪

## ଭାଜପାକୁ ଅଡୁଆ ଜଗନ୍ନାଥ

### ସଭାପତି ଡାକିଥିଲେ, ଆଲୋଚନା କଲି, ଘରକୁ ଯାଉଛି

ଭୁବନେଶ୍ୱର, ୨।୭(ସୁନୀତ ମିଶ୍ର)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ଏବେ ରାଜ୍ୟ ଭାଜପା ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ଆକ୍ରମଣ ଘଟଣା ଭାଜପା ନେତା ତଥା ମଧ୍ୟ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଇଙ୍ଗିତରେ ହୋଇଥିବା କାରଣରୁ ତାଙ୍କ ଗିରଫ ଦାବିରେ ଓଏଏସ୍ ସଂଘ ଜିଦ୍‌ରେ ଅଡ଼ି ବସିଛି। ସେପଟେ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଜଗନ୍ନାଥ ପ୍ରଧାନଙ୍କୁ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି କହିବା ସହ ତାଙ୍କ ଗିରଫ ଦାବି କରିଛି। ଏଭଳିସ୍ଥିତିରେ ଜଗନ୍ନାଥଙ୍କ ଉପରେ ଦଳ କି କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁରାଣରେ ବାଇବେଲ କାହାଣୀ

## ବର୍ଷେ ଧରି ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଉଥିଲେ ଶିକ୍ଷୟିତ୍ରୀ


ମୁମ୍ବାଇ, ୨।୭

ମୁମ୍ବାଇର ଏକ ପ୍ରତିଷ୍ଠିତ ସ୍କୁଲର ଜଣେ ଶିକ୍ଷୟିତ୍ରୀ (୪୦) ବର୍ଷେ ଧରି ଜଣେ ନାବାଳକ ଛାତ୍ର (୧୬)ଙ୍କୁ ଯୌନ ନିର୍ଯାତନା ଦେଉଥିବାର ମାମଲା ସାମ୍ନାକୁ ଆସିଛି। ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଜଣକ ଗତ ବର୍ଷେ ହେବ ପୀଡ଼ିତ ଛାତ୍ରଙ୍କୁ ମୁମ୍ବାଇର ବିଭିନ୍ନ ସ୍ଥାନରେ ଯୌନ ନିର୍ଯାତନା ଦେଉଥିଲେ। ଏହି ଅବଧି ମଧ୍ୟରେ ସେ ଅନେକବାର ପୀଡ଼ିତ ଛାତ୍ରଙ୍କ ଦକ୍ଷିଣ ମୁମ୍ବାଇର ବିଭିନ୍ନ ପଞ୍ଚତାରକା ହୋଟେଲକୁ ନେଇ ଯାଉଥିଲେ ଏବଂ ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ବର୍ଷେ ମଧ୍ୟରେ ଶିକ୍ଷୟିତ୍ରୀ ଜଣଙ୍କ ପୀଡ଼ିତ ଛାତ୍ରଙ୍କୁ ଅନେକ ବାର ଯୌନ ନିର୍ଯାତନା ଦେଇଥିବା ପୋଲିସ କହିଛି। ଘଟଣାକୁ ନେଇ ମୁହଁ ନ ଖୋଲିବା ପାଇଁ ଅଭିଯୁକ୍ତ ଶିକ୍ଷୟିତ୍ରୀ ପୀଡ଼ିତ ଛାତ୍ରଙ୍କୁ ଲଗାତର ଆଣ୍ଟି ଡିପ୍ରେସାଣ୍ଟ ଔଷଧ ଦେଉଥିଲେ। ଗତ ସପ୍ତାହରେ ପୀଡ଼ିତ ଛାତ୍ରଙ୍କ ଉଚ୍ଚ ମାଧ୍ୟମିକ ପରୀକ୍ଷା ଶେଷ ହେବା ପରେ ସେ ନିଜର ଏହି ଭୟଙ୍କର ଅନୁଭୂତି ନିଜ ମା' ବାପାଙ୍କୁ ଜଣାଇଥିଲେ। ଏହାର କିଛିଦିନ ପରେ ପୁଣିଥରେ ତାଙ୍କ ନିକଟକୁ ଆସିବା ☞ପୃଷ୍ଠା-୪

## 'ମୃତ୍ୟୁ ପରେ ଉତ୍ତରାଧିକାରୀ ଚୟନ'

**ଘୋଷଣା କଲେ ଦଲାଇଲାମା**

**ଚାଇନାର ବିରୋଧ**



ଧର୍ମଶାଳା/ବେଜିଂ, ୨।୭

ତିବ୍ବତୀୟ ଆଧାତ୍ମିକ ନେତା ଦଲାଇଲାମା ଆସନ୍ତା ୬ ତାରିଖରେ ୯୦ତମ ବର୍ଷରେ ପଦାର୍ପଣ କରିବେ। ବୟସାଧିକ ହେବା କାରଣରୁ ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ତେବେ ଚତୁର୍ଦ୍ଦଶ ଦଲାଇଲାମା ଲାମୋ ଥୋଣ୍ଡୁପଙ୍କ ପକ୍ଷରୁ ବୁଧବାର ନିଜ ଉତ୍ତରାଧିକାରୀ ଚୟନ ସମ୍ପର୍କିତ ଏକ ବିବୃତି ଜାରି କରାଯାଇଛି। ଏହି ବିବୃତିରେ ସେ କହିଛନ୍ତି, ଦଲାଇଲାମାଙ୍କୁ ନେଇ ୬୦୦ ବର୍ଷ ଧରି ଚାଲିଆସିଥିବା ତିବ୍ବତୀୟ ପରମ୍ପରା ତାଙ୍କ ପରେ ମଧ୍ୟ ଜାରି ରହିବ। ଦଲାଇଲାମାଙ୍କ କାର୍ଯ୍ୟାଳୟ ଗାଦେନ ଫୋଡରଙ୍ଗ୍ ଟ୍ରଷ୍ଟ ପକ୍ଷରୁ ତିବ୍ବତୀୟ ବୌଦ୍ଧ ପରମ୍ପରା ଅନୁଯାୟୀ ତାଙ୍କ ଉତ୍ତରାଧିକାରୀଙ୍କୁ ଚୟନ କରାଯିବ। ପରବର୍ତ୍ତୀ ଦଲାଇଲାମାଙ୍କୁ ଚିହ୍ନଟ ଏବଂ ସ୍ୱୀକୃତିର ସମ୍ପୂର୍ଣ୍ଣ ଅଧିକାର କେବଳ ଗାଦେନ ଫୋଡରଙ୍ଗ୍ ଟ୍ରଷ୍ଟ ନିକଟରେ ରହିବ। ପଞ୍ଚଦଶ ଦଲାଇଲାମାଙ୍କ ନିଯୁକ୍ତିରେ କୌଣସି ☞ପୃଷ୍ଠା-୪

## କୋରାପୁଟରେ ମାଟି ଅତଡ଼ା ଖସି ଟ୍ରେନ୍ ଚଳାଚଳ ଠପ୍



ପାହାଡ଼ରୁ ଖସି ରେଳ ଧାରଣାରେ ଜମାହୋଇ ରହିଥିବା ମାଟି।

କୋରାପୁଟ/ଜୟପୁର,୨।୭ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ-କିରାଣ୍ଡୁଲ (କେକେ) ଲାଇନର ଜରଟି ଗ୍ରାମ ନିକଟରେ ଥିବା ରେଳଧାରଣା ଉପରେ ବୁଧବାର ପାହାଡ଼ରୁ ମାଟି ଅତଡ଼ା ଖସିବାରୁ ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୩ଟି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ବୁଧବାର ପାଇଁ ବାତିଲ କରାଯାଇଥିବା ଇଷ୍ଟ କୋଷ୍ଟ ରେଲୱେ ବରିଷ୍ଠ ଡିଭିଜନାଲ କମର୍ସିଆଲ ମ୍ୟାନେଜର କେ. ସନ୍ଦିପ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ କୋରାପୁଟରେ ବର୍ଷା ଲାଗି ରହିଛି। ଫଳରେ ବୁଧବାର ☞ପୃଷ୍ଠା-୪


No.X-

ଓଡ଼ିଶା ସରକାର

ଯୋଜନା ଓ ସଂଯୋଜନ ବିଭାଗ

******

ସଂଖ୍ୟା-୧ | ତା-୦୩.୦୭.୨୦୨୫

**ସାର୍ବଜନୀନ ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଗୃହ(ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର ତାରିଖ ୨୯.୦୬ .୨୦୨୫ ଅନୁଯାୟୀ, ତା.୨୯.୦୬ .୨୦୨୫ ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଙ୍କ ଦ୍ୱାରା କରାଯାଉଛି ।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ( ଭିଡିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା-୨୦.୦୭.୨୦୨୫ ସୁଦ୍ଧା puritragedy.enquiry@odisha.gov.in ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି ।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିମ୍ନ ସୂଚିତ ସ୍ଥାନ ଓ ସମୟରେ ସାକ୍ଷାତ କରିପାରିବେ ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ, ଭୁବନେଶ୍ୱର-ତା-୦୯.୦୭.୨୦୨୫ : ଅପରାହ୍ଣ-ଘ.୩.୦୦ ମି. ପର ଠାରୁ

୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ(ସ୍ପେଶାଲ ସର୍କିଟ୍ ହାଉସ୍),ପୁରୀ, ତା-୧୦.୦୭.୨୦୨୫ : ଅପରାହ୍ଣ- ଘ.୩.୦୦ମି. ପର ଠାରୁ

ଅଧିକ ସୂଚନା ପାଇଁ, ଟେଲିଫୋନ୍ ନମ୍ବର- (0674) 2536882/ 2391970 ରେ ଯୋଗାଯୋଗ କରାଯାଇପାରିବ ।

OIPR-50001/11/0005/2526

ଅତିରିକ୍ତ ଶାସନ ସଚିବ

# ୧୧ ନଦୀରେ ବନ୍ୟା

## ସତର୍କ ସଙ୍କେତ ଉପରେ ଉଛୁଳା ପାଣି: ସିଡବ୍ଲ୍ୟୁସି

ନୂଆଦିଲ୍ଲୀ,୨।୭(ପି.ଟି./ଏଜେନ୍ସି)



ବାରାଣସୀର ଗଙ୍ଗାନଦୀ ମଣିକର୍ଣ୍ଣିକା ଘାଟରେ ଜଳସ୍ତର ବୃଦ୍ଧିପାଇ ଏକ ମନ୍ଦିର ବୁଡ଼ିଯାଇଛି।

ବର୍ତ୍ତମାନ ଦେଶର ୧୧ ନଦୀରେ ଜଳସ୍ତର ସତର୍କ ସଙ୍କେତ ଉପରେ ରହିଛି। କିନ୍ତୁ କୌଣସି ସ୍ଥାନରେ ବିପଦ କିମ୍ବା ଅତି ବନ୍ୟା ସ୍ତରକୁ ଜଳ ଅତିକ୍ରମ କରିନାହିଁ ବୋଲି ବୁଧବାର କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ଦୈନିକ ପ୍ରକାଶ କରାଯାଉଥିବା ଫ୍ଲଡ୍ ବୁଲେଟିନ୍‌ରେ ଏହି ସତର୍କତା ଜାରି କରାଯାଇଛି।

ବୁଲେଟିନ୍‌ରେ କୁହାଯାଇଛି, ବର୍ତ୍ତମାନ ଦେଶର କୌଣସି ସ୍ଥାନରେ ଅତି କିମ୍ବା ଅତ୍ୟନ୍ତ ବନ୍ୟା ସ୍ଥିତି ଉପୁଜିନାହିଁ। ଅର୍ଥାତ୍ କୌଣସି ସ୍ଥାନରେ ବିପଜ୍ଜନକ ବନ୍ୟା ଦେଖାଦେଇନାହିଁ। ତେବେ ଓଡ଼ିଶା, ଆସାମ, ବିହାର, ତାମିଲନାଡୁ ଓ ଉତ୍ତର ପ୍ରଦେଶରେ ବନ୍ୟାସ୍ଥିତିର ସ୍ୱାଭାବିକ ସ୍ତରଠାରୁ ଉପରେ ଜଳ ପ୍ରବାହିତ ହେଉଛି। ଏହି ରାଜ୍ୟଗୁଡ଼ିକର କେତେକ ନଦୀରେ ଜଳସ୍ତର ସତର୍କ ସଙ୍କେତ ଉପରକୁ ଚାଲିଯାଇଛି। ଓଡ଼ିଶାର ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ମଥାନି ରୋଡ୍ ବ୍ରିଜ୍ ଓ ରାଜଘାଟରେ ସ୍ୱାଭାବିକ ସ୍ତରଠାରୁ ଉପରେ ପ୍ରବାହିତ ହେଉଛି। ଆସାମର କରିମ୍‌ଗଞ୍ଜରେ କୁଶିୟାରା ନଦୀ ଓ ନେଆମାଟିଘାଟରେ ବ୍ରହ୍ମପୁତ୍ର ନଦୀ ଜଳ ଚିନ୍ତାଜନକ ରହିଛି। ବିହାରର ବାଲତରାରେ କୋସି ନଦୀ, ବେନିବାଦରେ ବାଗମତି ଓ ଡୁମରିଘାଟରେ ଗଙ୍ଗାନଦୀରେ ଜଳପତ୍ତନ ବୃଦ୍ଧି ପାଇଥିବାରୁ ସ୍ଥିତି ଉପରେ ନଜର ରଖାଯାଇଛି। ସେହିପରି ଉତ୍ତର ପ୍ରଦେଶର ଫତେଗଡ଼ ଓ କଛଲା ବ୍ରିଜ୍‌ରେ ଗଙ୍ଗା, ଏଲ୍‌ଗିନ୍ ବ୍ରିଜ୍‌ରେ ଘାଗରା ଓ ଖଡ୍ଡାରେ ଗଣ୍ଡକ ନଦୀର ଜଳସ୍ତର ସତର୍କ ସଙ୍କେତର ୯୫ ମିଟର ଉପରେ ରହିଛି। ତାମିଲନାଡୁର ମୁସିରିରେ କାବେରୀ ନଦୀ ଜଳ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି।

ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ସମେତ ୧୦ ରାଜ୍ୟର ୨୩ଟି ଡ୍ୟାମ୍ ଏବଂ ବ୍ୟାରେଜରେ ଜଳସ୍ତର ବୃଦ୍ଧି ପାଇଛି। ଓଡ଼ିଶାର ରେଙ୍ଗାଲି ଡ୍ୟାମ୍ ଓ ପଶ୍ଚିମବଙ୍ଗର ଦୁର୍ଗାପୁର ବ୍ୟାରେଜରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳମୁଣ୍ଡରେ ଏହାର ପ୍ରଭାବ ଦେଖିବାକୁ ମିଳିପାରେ ବୋଲି ସିଡବ୍ଲ୍ୟୁସି ପକ୍ଷରୁ ସତର୍କ କରାଯାଇଛି।

## ସଂକ୍ଷେପରେ

### ଶେଖ୍ ହାସିନାଙ୍କୁ ୬ ମାସ ଜେଲ



ଢାକା,୨।୭

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଅଦାଲତ ଅବମାନନା ମାମଲାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ପକ୍ଷରୁ ବୁଧବାର ୬ ମାସ ଜେଲ ଦଣ୍ଡାଦେଶ ଦିଆଯାଇଛି। ହାସିନା ଗାଦିଚ୍ୟୁତ ହେବା ପରେ ଏହା ହେଉଛି ତାଙ୍କ ବିରୋଧରେ ପ୍ରଥମ ଦଣ୍ଡାଦେଶ। ଜଷ୍ଟିସ୍ ମହମ୍ମଦ ଗୋଲାମ ମୋର୍ତୁଜା ମୋଜୁମଦାରଙ୍କ ଅଧ୍ୟକ୍ଷତାରେ ଗଠିତ ଆଇସିଟି-୧ର ୩ଜଣିଆ ଖଣ୍ଡପୀଠ ଏହି ରାୟ ଦେଇଥିବା ବାଂଲାଦେଶର ଦୈନିକ ଖବରକାଗଜ ଢାକା ଟ୍ରିବ୍ୟୁନ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ୧୧ ମାସ ପୂର୍ବେ ଆୱାମି ଲିଗ୍ ନେତ୍ରୀ ଶେଖ୍ ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତକୁ ପଳାୟନ କରିଥିଲେ। ଏହାର ଠିକ୍ ପୂର୍ବରୁ ହାସିନାଙ୍କ ବିରୋଧରେ ଦେଶରେ ଏକ ବଡ଼ ବିଦ୍ରୋହ ମୁଣ୍ଡ ଟେକିଥିଲା। ଏହି ଆନ୍ଦୋଳନ ବେଳେ ଅନେକ ଶହ ଲୋକ ପ୍ରାଣ ହରାଇଥିଲେ। ଗତମାସରେ ଆଇସିଟି ପକ୍ଷରୁ ହାସିନା ଓ ତାଙ୍କ ୨ ସହଯୋଗୀଙ୍କ ନାମରେ ମାନବାଧିକାର ହନନ, ଗଣହତ୍ୟା ଆଦି ଅଭିଯୋଗରେ ଚାର୍ଜଫ୍ରେମ୍ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ୨୦୦୯ରେ ହାସିନା ଆଇସିଟି ପ୍ରତିଷ୍ଠା କରିଥିଲେ। ଉଦ୍ଦେଶ୍ୟ ଥିଲା, ୧୯୭୧ର ବାଂଲାଦେଶ ମୁକ୍ତି ଯୁଦ୍ଧ ବେଳେ ପାକିସ୍ତାନ ପକ୍ଷରୁ କରାଯାଇଥିବା ଯୁଦ୍ଧ ଅପରାଧର ତଦନ୍ତ ଓ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଦଣ୍ଡିତ କରିବା। ଜାତିସଂଘର ଏକ ରିପୋର୍ଟ ଅନୁସାରେ ହାସିନାଙ୍କ ଆୱାମି ଲିଗ୍ ସରକାରର ପତନ ପରେ ଜୁଲାଇ ୧୫ରୁ ଅଗଷ୍ଟ ୧୫ ମଧ୍ୟରେ ପ୍ରାୟ ୧,୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

### ତଦନ୍ତ ଶେଷଯାଏ ୨ ପାଇଲଟ୍ କାର୍ଯ୍ୟରୁ ଅନ୍ତର

#### ଏୟାର ଇଣ୍ଡିଆ ବିମାନ ୯୦୦ ଫୁଟ୍ ଖସିବା ଘଟଣା

ନୂଆଦିଲ୍ଲୀ,୨।୭

ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଜୁନ୍ ୧୨ରେ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାର ୩୮ ଘଣ୍ଟା ପରେ ଦିଲ୍ଲୀରୁ ଭିଏନା ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୧୮୭ ଗୁରୁତର ବିପଦର ସମ୍ମୁଖୀନ ହୋଇଥିଲା। ଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଟର୍ବୁଲାନ୍ସ ଯୋଗୁ ବିମାନଟି ନିର୍ଦ୍ଦିଷ୍ଟ ଉଚ୍ଚତାରୁ ୯୦୦ ଫୁଟ୍ ଖସିଥିଲା। ଡିଜିସିଏ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ବିମାନର ୨ ପାଇଲଟ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି।

### ଅଫିସ୍ ଶୌଚାଳୟରେ ମହିଳାଙ୍କ ଭିଡିଓ କରି ଇନ୍‌ଫୋସିସ୍ କର୍ମଚାରୀ ଗିରଫ

ବେଙ୍ଗାଲୁରୁ, ୨।୭

ପ୍ରତିଷ୍ଠିତ ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ବେଙ୍ଗାଲୁରୁସ୍ଥିତ କାର୍ଯ୍ୟାଳୟର ଶୌଚାଳୟରେ ମହିଳା ସହକର୍ମୀଙ୍କ ଭିଡିଓ ଶୁଟ୍ କରୁଥିବା ଅଭିଯୋଗରେ ବୁଧବାର କମ୍ପାନୀର ସିନିୟର ଆସୋସିଏଟ କନ୍‌ସଲଟାଣ୍ଟ ସ୍ୱପ୍ନିଲ ନାଗେଶ ମାଲି (୩୦)ଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ନାଗେଶ ଅଫିସର ଶୌଚାଳୟ ମଧ୍ୟରେ ଭିଡିଓ ଶୁଟ କରୁଥିବା ସମୟରେ ତାଙ୍କୁ ଜଣେ ମହିଳା ସହକର୍ମୀ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଧରିଥିଲେ। ନାଗେଶ ଶୌଚାଳୟର ପାଖ କମୋଡରେ ଠିଆ ହୋଇ ତାଙ୍କର ଭିଡିଓ ପ୍ରସ୍ତୁତ କରୁଥିଲେ ବୋଲି ଅଭିଯୋଗକାରୀ ମହିଳା କହିଛନ୍ତି। ନାଗେଶଙ୍କ ଫୋନ୍‌ରୁ ଶୌଚାଳୟରେ ଥିବା ସମୟର ଅନେକ ମହିଳାଙ୍କ ଭିଡିଓ ମିଳିଥିବା ପୋଲିସ କହିଛି।



ସ୍ୱପ୍ନିଲ ନାଗେଶ ମାଲି

## ବାଦଲଫଟା ବର୍ଷା: ୧୦ ମୃତ, ୩୪ ନିଖୋଜ



ହିମାଚଳ ପ୍ରଦେଶର ମଣ୍ଡିରେ ବାଦଲଫଟା ବର୍ଷାରେ ପ୍ରଭାବିତ ଲୋକଙ୍କୁ ବଣ୍ଟନ ପାଇଁ ହେଲିକପ୍ଟରରେ ରିଲିଫ୍ ସାମଗ୍ରୀ ନିଆଯାଉଛି।

ମଣ୍ଡି,୨।୭

ହିମାଚଳ ପ୍ରଦେଶ ମଣ୍ଡିର ଗୋହର, କାରସୋଗ୍, ଧରମପୁର ଓ ଥୁନାଗ୍ ସମେତ ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା ଯୋଗୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୪ ଜଣ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ବୁଧବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୧୧ ସ୍ଥାନରେ ବାଦଲଫଟା ବର୍ଷା ହୋଇଛି। ଏଥିଯୋଗୁ ଅନେକ ନଦୀରେ ବନ୍ୟାସ୍ଥିତି ଉପୁଜିଥିବାବେଳେ ଭୂସ୍ଖଳନ ମଧ୍ୟ ହୋଇଛି। ଲଗାଣ ବର୍ଷାରେ ରାଜ୍ୟର ମୋଟ ୨୮୨ ରାସ୍ତା ବନ୍ଦ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ଆଇଏଇଏ ସହ ସହଯୋଗ ବନ୍ଦକଲା ଇରାନ୍

ତେହରାନ୍/ଦୁବାଇ,୨।୭ (ରଏଟର୍ସ/ଏ.ପି.)

ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସହିତ ଇରାନ୍ ସହଯୋଗ ବନ୍ଦ ପାଇଁ ନିଷ୍ପତ୍ତି ନେଇଛି। ଗତ ସପ୍ତାହରେ ଇରାନ୍ ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ପାରିତ ହେବା ପରେ ବୁଧବାର ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍ ଏହା ଆଇନରେ ପରିଣତ ହୋଇଥିବା ଘୋଷଣା କରିଛନ୍ତି। ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ରଗୁଡ଼ିକରେ ଏୟାରଷ୍ଟ୍ରାଇକ୍ କରାଯିବା ପରେ ଏପରି ନିଷ୍ପତ୍ତି ନିଆଯାଇଛି। ଫଳରେ ଆଇଏଇଏ ତେହରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିପାରିବ ନାହିଁ। ଇତିମଧ୍ୟରେ ତେହରାନ୍ ଏହାର ପରମାଣୁ କାର୍ଯ୍ୟକ୍ରମ ଚଳାଇଥିବାବେଳେ ଆମେରିକା ସହ ଡିଲ୍ ପାଇଁ ଆଲୋଚନା ମଧ୍ୟ ଜାରି ରଖିବ ବୋଲି ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି ସଙ୍କେତ ଦେଇଛନ୍ତି। ଏହା ପୂର୍ବରୁ ଆଇଏଇଏ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ପକ୍ଷ ନେଇ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌କୁ ସମର୍ଥନ କରୁଥିବା ଦର୍ଶାଇ ଇରାନ୍ ଜାତିସଂଘର ଏହି ସଂସ୍ଥା ସହ ସମ୍ପର୍କ ଛିନ୍ନ କରିବାକୁ ଚେତାବନୀ ଦେଇଥିଲା। କାରଣ ଇରାନ୍ ଅଣୁ ଅପ୍ରସାର ଚୁକ୍ତି ଅଧୀନରେ ନିଜ ଉତ୍ତରଦାୟିତ୍ୱର ଉଲ୍ଲଂଘନ କରୁଛି ବୋଲି ଦର୍ଶାଇବାକୁ ଯାଇ ଆଇଏଇଏ ବୋର୍ଡ ତେହରାନ୍ ବିରୋଧରେ ଭୋଟ ଦେଇଥିଲା।

## ତରକାରି ପାତ୍ରରେ ପଡ଼ି ଶିଶୁର ମୃତ୍ୟୁ

ସୋନଭଦ୍ରା,୨।୭

ୟୁପିର ସୋନଭଦ୍ରା ଜିଲାରେ ଗରମ ତରକାରୀ ପାତ୍ରରେ ଖସିପଡ଼ି ଦେଢ଼ ବର୍ଷର ଶିଶୁକନ୍ୟା ପ୍ରାଣ ହରାଇଛି। ତେବେ ଠିକ୍ ୨ ବର୍ଷ ପୂର୍ବେ ଉକ୍ତ ଶିଶୁର ଭଉଣୀ ଡାଲିହାଣ୍ଡିରେ ଖସିପଡ଼ିବାରୁ ଜୀବନ ଯାଇଥିଲା। ଝାନ୍ସୀର ଶୈଳେନ୍ଦ୍ର ଓ ତାଙ୍କ ସ୍ତ୍ରୀ ସୋନଭଦ୍ରା ଜିଲାର ଦୁଧି ବଜାରରେ ଏକ ଜଳଖିଆ ଦୋକାନ ଦେଇଥିଲେ। ଏଥିପାଇଁ ଘରେ ବୁଟ ତରକାରୀ ରୋଷେଇ କରିଥିଲେ। ସେଠାରେ ଖେଳୁଥିବା ଶିଶୁକନ୍ୟା ପ୍ରିୟା ଗରମ ତରକାରୀରେ ଖସିପଡ଼ିଥିଲେ।

## ଶୁଣାଣିରୁ ଓହରିଲେ ୧୪ତମ ବିଚାରପତି

### ସଞ୍ଜୀବ ଚତୁର୍ବେଦୀଙ୍କ ମାନହାନି ମାମଲା

ଡେରାଡୁନ୍, ୨।୭

ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ଦ୍ୱାରା କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ବିଚାରପତି ମନୀଷ ଗର୍ଗଙ୍କ ବିରୋଧରେ ଦାୟର ଫୌଜଦାରୀ ମାନହାନି ମାମଲାର ଶୁଣାଣି କରିବାକୁ ମଙ୍ଗଳବାର ନୈନିତାଲର ଏକ ମାଜିଷ୍ଟ୍ରେଟ୍ ଅଦାଲତ ମନା କରିଦେଇଛନ୍ତି। ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜଷ୍ଟିସ୍ ନେହା କୁଶୱାହା ଏହି ମାମଲାର ଶୁଣାଣିରୁ ଓହରି ଯାଇଛନ୍ତି। ଜଷ୍ଟିସ୍ ନେହାଙ୍କ ସହ ଏହି ମାମଲାର ଶୁଣାଣିରୁ ଓହରି ଯାଇଥିବା ବିଚାରପତିଙ୍କ ସଂଖ୍ୟା ଏବେ ୧୪ରେ ପହଞ୍ଚିଛି। ପ୍ରକାଶ ଯେ, ସଞ୍ଜୀବ ୨୦୨୩ ନଭେମ୍ବରରେ ଜଷ୍ଟିସ୍ ଗର୍ଗଙ୍କ ବିରୋଧରେ ଫୌଜଦାରୀ ମାନହାନି ମାମଲା ଦାୟର କରିଥିଲେ। ୨୦୨୩ ଅକ୍ଟୋବର ୧୬ରେ କୋର୍ଟ ମଧ୍ୟରେ ଏକ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ଗର୍ଗ ତାଙ୍କ ବିରୋଧରେ ଅପମାନଜନକ ଭାଷାର ବ୍ୟବହାର କରିଥିଲେ ବୋଲି ଏହି ମାମଲାରେ ସଞ୍ଜୀବ ଅଭିଯୋଗ କରିଥିଲେ।

## ବଢ଼ୁଛି ଋଣବୋଝ, ଲୁଚାଉଛି କେନ୍ଦ୍ର: କଂଗ୍ରେସ

### ଭାରତୀୟଙ୍କ ମୁଣ୍ଡ ପିଛା ଋଣ ୪.୮ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨।୭

ଦେଶରେ ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡ ଉପରେ ବର୍ତ୍ତମାନ ୪.୮ ଲକ୍ଷ ଟଙ୍କା ଲେଖାଏ ଋଣ ରହିଛି। ୨୦୨୩ ମାର୍ଚ୍ଚରେ ପ୍ରତି ଭାରତୀୟଙ୍କ ମୁଣ୍ଡ ପିଛା ଋଣ ୩.୯ ଲକ୍ଷ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚରେ ଏଥିରେ ୯୦,୦୦୦ ଅର୍ଥାତ୍ ୨୩% ବୃଦ୍ଧି ଘଟି ୪.୮ ଲକ୍ଷ ଟଙ୍କାରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ୨୦୨୫ ଜୁନ୍‌ର ଫାଇନାନ୍ସିଆଲ ଷ୍ଟାବିଲିଟି ରିପୋର୍ଟରେ ଦର୍ଶାଯାଇଛି। ତେବେ ଉନ୍ନତ କ୍ରେଡିଟ୍ ରେଟିଂ ସମ୍ପନ୍ନ ବ୍ୟକ୍ତିମାନେ ନେଇଥିବା ଋଣ ଯୋଗୁ ସାମଗ୍ରିକ ଋଣରେ ଏଭଳି ଅଭିବୃଦ୍ଧି ଘଟିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଋଣବୋଝ ବୃଦ୍ଧିକୁ ନେଇ କଂଗ୍ରେସ ପକ୍ଷରୁ ବୁଧବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଛି।

ମୋଦି ସରକାରଙ୍କ ଅମଳରେ ଦେଶର ଋଣବୋଝ ବଢ଼ିଥିବାବେଳେ କେନ୍ଦ୍ର ପରିସଂଖ୍ୟାନ ଓ ବିଶେଷଜ୍ଞମାନଙ୍କ ସହାୟତା ନେଇ ବାସ୍ତବ ଚିତ୍ରକୁ ଲଗାତର ଭାବେ ଲୁଚାଇବାକୁ ଉଦ୍ୟମ କରୁଥିବା ବିରୋଧୀ ଦଳ ସମାଲୋଚନା କରିଛି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏସମ୍ପର୍କିତ ବିଭିନ୍ନ ଗଣମାଧ୍ୟମ ରିପୋର୍ଟର ସ୍କ୍ରିନ୍‌ଶଟ୍‌କୁ ସୋସିଆଲ ମିଡିଆରେ ଶେୟାର କରି କେନ୍ଦ୍ରକୁ ଘେରିଛନ୍ତି। ଗୋଟିଏ ମିଡିଆ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତର ପ୍ରତି ବ୍ୟକ୍ତିଙ୍କ ଉପରେ ଗତ ୨ ବର୍ଷରେ ହାରାହାରି ଋଣ ୯୦,୦୦୦ ଟଙ୍କା ବଢ଼ିଛି। ୨୦୨୩ ମାର୍ଚ୍ଚରେ ଏହା ୩.୯ ଲକ୍ଷ ଥିବାବେଳେ ୨୦୨୫ ମାର୍ଚ୍ଚରେ ୪.୮ ଲକ୍ଷକୁ ବୃଦ୍ଧି ପାଇଛି। ଜୟରାମ ଶେୟାର କରିଥିବା ଅନ୍ୟ ଏକ ରିପୋର୍ଟ ଅନୁସାରେ ଜଣେ ସାଧାରଣ ଲୋକଙ୍କ ଆୟ ଋଣର ସହଜ ମାସିକ କିସ୍ତି (ଇଏମ୍‌ଆଇ) ପଇଠ କରିବାରେ ଯାଉଛି, ଯାହାକି ଭବିଷ୍ୟତରେ ତାଙ୍କ ପାଇଁ କୌଣସି ଦୃଷ୍ଟିରୁ ଉପାଦେୟ ନୁହେଁ। ଡେଟ୍ ଅଫ୍ ଅଚ୍ଛେ ଦିନ୍ (ଋଣର ସୁଦିନ) ! ମୋଦି ସରକାର ଗତ ୧୧ ବର୍ଷରେ ଦେଶର ଅର୍ଥନୀତିକୁ ଉଜାଡ଼ି ଦେଇଛନ୍ତି। ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ କୌଣସି ଉଦ୍ୟମ କରାଯାଇ ନାହିଁ। କେବଳ ପୁଞ୍ଜିପତି ବନ୍ଧୁମାନଙ୍କ ପାଇଁ ସମସ୍ତ ନୀତି ପ୍ରଣୟନ କରାଯାଇଛି, ଯାହାର କ୍ଷତି ଦେଶବାସୀଙ୍କୁ ସହିବାକୁ ପଡୁଛି ବୋଲି ଜୟରାମ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଜୟରାମ ଆହୁରି କହିଛନ୍ତି, ଆମ ସାମ୍ନାକୁ ପ୍ରତିଦିନ କୌଣସି ନା କୌଣସି ପ୍ରକାରେ ସତ ଆସିବାରେ ଲାଗିଛି। ଭାରତୀୟ ଅର୍ଥନୀତିର ଚିନ୍ତାଜନକ ଚିତ୍ରକୁ ଆର୍‌ବିଆଇର ସଦ୍ୟ ରିପୋର୍ଟ ଆଣିଛି। କିନ୍ତୁ ସରକାର ନିରନ୍ତର ଭାବେ ପରିସଂଖ୍ୟାନ ଓ ବିଶେଷଜ୍ଞଙ୍କ ସହାୟତା ବଳରେ ବାସ୍ତବ ତଥ୍ୟ ଲୁଚାଇବାକୁ ଉଦ୍ୟମ ଚଳାଇଛନ୍ତି। ଆୟର ୨୫.୭% କେବଳ ଋଣ ଶୁଝିବାରେ ଯାଉଛି। ଋଣର ସର୍ବାଧିକ ୫୫% କ୍ରେଡିଟ୍ କାର୍ଡ, ମୋବାଇଲ୍ ଇଏମ୍‌ଆଇ ଆଦିକୁ ଯାଉଛି। ଏହାର ତାତ୍ପର୍ଯ୍ୟ ହେଉଛି ମୁଦ୍ରାସ୍ଫୀତିରେ ପରିବାରମାନେ ନିଜ ଆୟକୁ ନେଇ ତିଷ୍ଠିପାରୁନାହାନ୍ତି। ସେମାନେ ଋଣ ନେବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ଜୟରାମ କହିଛନ୍ତି।

## ଫୁରସତ୍

### ୫ ବର୍ଷ ଧରି ଡାଲ୍ ହ୍ରଦ ସଫା କରୁଛନ୍ତି ଡଚ୍ ମହିଳା

ଶ୍ରୀନଗର

ଡାଲ୍ ହ୍ରଦର ସୌନ୍ଦର୍ଯ୍ୟକୁ ରକ୍ଷା କରିବା ପାଇଁ ସଂକଳ୍ପ ନେଇଛନ୍ତି ଜଣେ ୬୮ ବର୍ଷୀୟା ଡଚ୍ ମହିଳା ଏଲିସ୍ ହୁର୍ବର୍ଟିନା ସ୍ୱାଣ୍ଡରମ୍ୟାନ୍। ସେ ଗତ ୫ ବର୍ଷ ଧରି ପ୍ରତିଦିନ ଡାଲ୍ ହ୍ରଦରୁ ପ୍ଲାଷ୍ଟିକ୍ ବ୍ୟାଗ୍ ଏବଂ ବୋତଲ ପରି ବିଭିନ୍ନ ଆବର୍ଜନା ବାହାର କରି ଏହାକୁ ସଫା କରିବାରେ ନିଜକୁ ନିୟୋଜିତ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅନେକ ୟୁଜର୍ସ ଏଲିସ୍‌ଙ୍କୁ ପ୍ରଶଂସା କରିଛନ୍ତି। ପ୍ରତିଦିନ ଡାଲ୍ ହ୍ରଦକୁ ସଫା କରୁଥିବାରୁ ଧୀରେ ଧୀରେ ସ୍ଥାନୀୟ ଅଞ୍ଚଳରେ ସେ 'ମଦର ଅଫ୍ ଡାଲ୍' ନାମରେ ଲୋକପ୍ରିୟ ହେଉଛନ୍ତି।

କଶ୍ମୀର ସହ ଏଲିସ୍‌ଙ୍କ ସମ୍ପର୍କ ୨୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯେତେବେଳେ ସେ ପ୍ରଥମ ଥର ପାଇଁ କଶ୍ମୀର ଉପତ୍ୟକାକୁ ଭ୍ରମଣ ପାଇଁ ଆସିଥିଲେ। କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, ସେଠାରେ ସେ ସ୍ଥାୟୀ ବାସିନ୍ଦା ଭାବେ ରହିବା ପାଇଁ ମନ ବଳାଇଥିଲେ। ୫ ବର୍ଷ ପୂର୍ବେ ଏଲିସ୍ କଶ୍ମୀରରେ ନିଜ ସ୍ଥାୟୀ ଘର କରିଥିଲେ ଏବଂ ସେବେଠାରୁ ସେ କଶ୍ମୀରରେ ରହିବା ସହ ପ୍ରତ୍ୟେକ ଦିନ ଡାଲ୍ ହ୍ରଦକୁ ସଫା କରିବାରେ ନିଜକୁ ନିୟୋଜିତ ରଖିଛନ୍ତି। କୌଣସି ସଙ୍ଗଠନର ବିନା ସହଯୋଗରେ, ବିନା କୌଣସି ପାଣ୍ଠିରେ ଏଲିସ୍ ଦୃଢ଼ ସଂକଳ୍ପ ସହ ଡାଲ୍ ହ୍ରଦ ମଧ୍ୟରୁ ପ୍ଲାଷ୍ଟିକ୍ ଆବର୍ଜନାକୁ ବାହାର କରି ଲୋକଙ୍କୁ ପରିବେଶ ପ୍ରତି ସଚେତନ କରାଉଛନ୍ତି। କଶ୍ମୀର ରାଇଟ୍ସ ଫୋରମ୍ ପକ୍ଷରୁ ତାଙ୍କର ଏକ ଭିଡିଓ ଶେୟାର କରାଯାଇଛି, ଯାହାର କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ପ୍ରତିଦିନ ଡାଲ୍ ହ୍ରଦ ସଫା କରୁଥିବା ଡଚ୍ ନାଗରିକ ଏଲିସ୍‌ଙ୍କ ଏହି ସମର୍ପଣକୁ ସାଲ୍ୟୁଟ୍। ସେ ଗତ ୫ ବର୍ଷ ଧରି ନିରନ୍ତର ଭାବେ ଏହି କାର୍ଯ୍ୟ କରି ଆସୁଛନ୍ତି। ତାଙ୍କଠାରୁ ଅନ୍ୟମାନେ ପ୍ରେରଣା ନେବା ଉଚିତ୍। ଡାଲ୍ ହ୍ରଦକୁ ସଫା ଏବଂ ସୁନ୍ଦର ରଖିବା କେବଳ ଏଲିସ୍‌ଙ୍କର ନୁହେଁ ବରଂ ସମଗ୍ର କଶ୍ମୀରବାସୀଙ୍କର ଦାୟିତ୍ୱ। ଡାଲ୍ ହ୍ରଦକୁ ପରିଷ୍କାର ରଖିବା ପାଇଁ ଏଲିସ୍‌ଙ୍କ ପ୍ରୟାସକୁ ସ୍ଥାନୀୟ ଲୋକେ ଏବଂ ପରିବେଶ କର୍ମୀମାନେ ହୃଦୟର ସହ ସମର୍ଥନ କରୁଛନ୍ତି। କଶ୍ମୀରର ସୌନ୍ଦର୍ଯ୍ୟକୁ ରକ୍ଷା କରିବା ଦିଗରେ ତାଙ୍କର ନୀରବ ତଥା ପ୍ରଭାବଶାଳୀ ପ୍ରୟାସ ଏକ ଉଦାହରଣ ପାଲଟିଛି।

ପ୍ରକାଶ ଯେ, ଏଲିସ୍ କେବଳ ଜଣେ ପରିବେଶପ୍ରେମୀ ନୁହନ୍ତି ବରଂ ସେ ଜଣେ ଉତ୍ସାହୀ ସାଇକେଲଚାଳକ ମଧ୍ୟ। ତାଙ୍କୁ ପ୍ରାୟତଃ ଶ୍ରୀନଗରର ବିଭିନ୍ନ ରାସ୍ତାରେ ସାଇକେଲ ଚଲାଉଥିବାର ଦେଖାଯାଇଥାଏ। ସେ କଶ୍ମୀରର ସୁନ୍ଦର ଉପତ୍ୟକା, ଲୋକ ସଂସ୍କୃତି ଏବଂ ତାଙ୍କର ବିଭିନ୍ନ କାର୍ଯ୍ୟକଳାପକୁ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ନିଜ ଅନୁଗାମୀଙ୍କୁ ଶେୟାର କରିଥାନ୍ତି।



ଏଲିସ୍ ହୁର୍ବର୍ଟିନା ସ୍ୱାଣ୍ଡରମ୍ୟାନ୍

### ଯୋଗୀ ଆଦିତ୍ୟନାଥଙ୍କ ଭୂମିକାରେ ଅନନ୍ତ ଜୋଶୀ

#### 'ଅଜୟ୍ ଦି ଅନ୍‌ଟୋଲ୍ଡ ଷ୍ଟୋରି ଅଫ୍ ଏ ଯୋଗୀ'ର ଟିଜର ଜାରି

ମୁମ୍ବାଇ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାୟୋପିକ୍ 'ଅଜୟ ଦି ଅନ୍‌ଟୋଲ୍ଡ ଷ୍ଟୋରି ଅଫ୍ ଏ ଯୋଗୀ'ର ଟିଜର ବୁଧବାର ଜାରି ହୋଇଛି। ଏହି ଟିଜରରେ ଯୋଗୀ ଆଦିତ୍ୟନାଥଙ୍କର ସନ୍ନ୍ୟାସ ନେବାଠାରୁ ଆରମ୍ଭ କରି ରାଜନୀତିରେ ପ୍ରବେଶ ଏବଂ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ତାଙ୍କର ବିଭିନ୍ନ ଝଲକକୁ ଦେଖିବାକୁ ମିଳିଛି। ଫିଲ୍ମରେ ଅଭିନେତା ଅନନ୍ତ ଜୋଶୀ ଯୋଗୀ ଆଦିତ୍ୟନାଥଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଟିଜରରେ ଅନନ୍ତଙ୍କ ଅଭିନୟକୁ ଅନେକ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଶାନ୍ତନୁ ଗୁପ୍ତାଙ୍କ ପୁସ୍ତକ 'ଦି ମଙ୍କ୍ ହୁ ବିକେମ୍ ଚିଫ୍ ମିନିଷ୍ଟର'କୁ ନେଇ ଏହି ବାୟୋପିକ୍ ଆଧାରିତ। ରବୀନ୍ଦ୍ର ଗୌତମଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ଅଗଷ୍ଟ ୧ ତାରିଖରେ ରିଲିଜ୍ ହେବ।



# ଅନ୍ତ୍ୟୋଦୟର ସଂକଳ୍ପକୁ ସାକାର କରୁଛି ଡିଜିଟାଲ ଇଣ୍ଡିଆ



**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ

କିଛି ମାସ ପୂର୍ବରୁ ମୁଁ ଦିଲ୍ଲୀରେ ଜଣେ ବରିଷ୍ଠ ୟୁରୋପୀୟ ମନ୍ତ୍ରୀଙ୍କୁ ଭେଟିଥିଲି। ଭାରତର ଡିଜିଟାଲ ଅର୍ଥପଇଠ ବିପ୍ଲବକୁ ଦେଖି ସେ ଆଚମ୍ବିତ ହୋଇଥିଲେ। ସାରା ଭାରତରେ ଲୋକମାନେ ଯେପରି ଭାବେ ମୋବାଇଲ ଫୋନ୍ ବ୍ୟବହାର କରି ଅର୍ଥପଇଠ କରୁଛନ୍ତି, ତାହା ତାଙ୍କୁ ସବୁଠୁ ଅଧିକ ପ୍ରଭାବିତ କରିଥିଲା। ଛୋଟ ଗାଁରୁ ବଡ଼ ସହର ପର୍ଯ୍ୟନ୍ତ, ଚା' ଦୋକାନୀଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅତି ସହଜରେ ଡିଜିଟାଲ ଅର୍ଥପଇଠ କରୁଥିବା ସେ ଦେଖିଥିଲେ। କିନ୍ତୁ ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରିଥିଲା: ଏତେ ପରିମାଣର ଭାଷାଗତ ଓ ଭୌଗୋଳିକ ବିବିଧତା ସତ୍ତ୍ୱେ ଭାରତ କିପରି ଭାବେ ଏତେ ବ୍ୟାପକ ସଫଳତା ହାସଲ କରିଛି? ମୁଁ ତାଙ୍କୁ ଗୋଟିଏ ୫୦୦ ଟଙ୍କିଆ ନୋଟ ଦେଖାଇଲି। ସେଥିରେ ୧୭ଟି ଭାଷାରେ 'ପାଞ୍ଚ ଶତ ଟଙ୍କା' ଲେଖା ହୋଇଥିଲା। ଏହା ସାଧାରଣ ହେଲେ ମଧ୍ୟ ଭାରତର ବିବିଧତାର ଏକ ବଳିଷ୍ଠ ନିଦର୍ଶନ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହି ବିବିଧତାକୁ ପ୍ରଯୁକ୍ତି ମାଧ୍ୟମରେ ଯୋଡ଼ାଯାଇପାରିଛି ଏବଂ ଏହା ଆମର ସବୁଠୁ ବଡ଼ ସାମର୍ଥ୍ୟ ପାଲଟିଛି। ଏହି ସମାବେଶୀ ଭାବନା ପ୍ରଯୁକ୍ତି ବିଦ୍ୟା ପ୍ରତି ଆମର ଆଭିମୁଖ୍ୟକୁ ପରିଭାଷିତ କରୁଛି। ଏହା ଆମ ପ୍ରଧାନମନ୍ତ୍ରୀଙ୍କର ମୂଳ ଦର୍ଶନକୁ ପ୍ରତିଫଳିତ କରୁଛି। ଏହି ଦର୍ଶନ ହେଉଛି, ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧତାକୁ ସାର୍ବଜନୀନ କରିବା ଏବଂ ସମସ୍ତଙ୍କୁ ଏହାର ଲାଭ ପ୍ରଦାନ କରିବା।

ଦୋକାନରେ ଥିବା ସ୍କିକରରେ ଅର୍ଥପଇଠ ହୋଇଛି ବୋଲି ବାର୍ତ୍ତା ଆସିବାଠାରୁ ଆରମ୍ଭ କରି ଏସ୍ଏମ୍ଏସ୍ ମାଧ୍ୟମରେ ନିଶ୍ଚିତକରଣ ହେବା ପର୍ଯ୍ୟନ୍ତ, ଏହି ବ୍ୟବସ୍ଥାକୁ ବାଧାମୁକ୍ତ ଏବଂ ସରଳ କରାଯାଇଛି। ଅନୁରୂପ ସମାବେଶୀ ଭାବନା ନେଇ ଭୀମ୍ ୨୦ଟି ଭାଷା ଏବଂ ଉମଙ୍ଗ ୧୩ଟି ଭାଷାରେ କାର୍ଯ୍ୟ କରୁଛି।

ଆମେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଏହି ରୂପାନ୍ତରଣ ଏକ ଗୌରବମୟ ଉଦାହରଣ ପାଲଟିଛି। ଆମେ ଅନେକ ଦୂର ଅତିକ୍ରମ କରିସାରିଛୁ ଏବଂ ଆମ ପାଖରେ ଅପାର ସମ୍ଭାବନା ରହିଛି। ଅନ୍ତିମ ସୋପାନରେ ଥିବା ଲୋକଙ୍କୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗ ଦେଖାଇ ଚାଲିଛି।

## ଇଣ୍ଡିଆ ଷ୍ଟାକ୍

ଜନସଂଖ୍ୟାର ଆକାର ସହ ତୁଳନୀୟ ଏକ ବିଶାଳ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୦ ବର୍ଷ ପୂର୍ବେ ପରିକଳ୍ପନା କରିଥିଲେ। ଏହାର ଲାଭ କିଛି ହାତଗଣତି ଲୋକଙ୍କୁ ନୁହେଁ ବରଂ ସମସ୍ତଙ୍କୁ ଯୋଗାଇ ଦେବାର ବିଚାରକୁ ନେଇ ଏକ ଯାତ୍ରା ଆରମ୍ଭ ହୋଇଥିଲା। ଫଳରେ ଆଜି ଯାହାକୁ ସାରା ବିଶ୍ୱ ଇଣ୍ଡିଆ ଷ୍ଟାକ୍ ରୂପେ ସ୍ୱୀକାର କରିଛି, ତାହାକୁ ନିର୍ମାଣ କରିବା ସମ୍ଭବ ହୋଇଥିଲା। ଏହାର କେନ୍ଦ୍ରରେ ରହିଛି ବିଶ୍ୱର ସର୍ବବୃହତ୍ ଡିଜିଟାଲ ପରିଚୟ ବ୍ୟବସ୍ଥା ଆଧାର। ଏହା ୧୪୦ କୋଟିରୁ ଅଧିକ ଲୋକଙ୍କୁ ଏକକ ଡିଜିଟାଲ ପରିଚୟ ପ୍ରଦାନ କରିଛି। ପ୍ରତ୍ୟେକ ଦିନ ନଅ କୋଟିରୁ ଅଧିକ ଆଧାର ପ୍ରମାଣୀକରଣ କରାଯାଉଛି। ଫଳରେ ଲୋକମାନେ ଦ୍ରୁତ ଗତିରେ ଓ ବିଶ୍ୱସନୀୟତାର ସହିତ ଅତ୍ୟାବଶ୍ୟକ ସେବା ପାଇପାରୁଛନ୍ତି।

ଆମର ସ୍ୱଦେଶୀ ପ୍ଲାଟଫର୍ମ 'ୟୁପିଆଇ' ଆର୍ଥିକ ନେଣଦେଣ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ସାରା ଭାରତରେ ଏହା ମାଧ୍ୟମରେ କାରବାର ହେଉଛି। ରାସ୍ତାକଡ଼ ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହାକୁ ଅତି ସହଜରେ ବ୍ୟବହାର କରୁଛନ୍ତି। ଗୋଟିଏ ଦିନରେ ହାରାହାରି ୬୦ କୋଟିରୁ ଅଧିକ ୟୁପିଆଇ ନେଣଦେଣ ହେଉଛି। ଦୈନନ୍ଦିନ ଜୀବନରେ ଡିଜିଟାଲ ଅର୍ଥପଇଠ ବ୍ୟବସ୍ଥା କିଭଳି ଗଭୀର ପରିବର୍ତ୍ତନ ଆଣିଛି ତାହା ଏଥିରୁ ପ୍ରମାଣିତ ହୋଇଥାଏ।

ଡିଜିଲକର ପ୍ରଶାସନ ଓ ନାଗରିକ ସେବା ପ୍ରଦାନକୁ ଅଧିକ ସରଳ କରିଛି। ମାତ୍ର ଗୋଟିଏ କ୍ଲିକ୍‌ରେ ଆପଣଙ୍କର ସବୁ କାଗଜପତ୍ର ମିଳିଯାଉଛି। ଡ୍ରାଇଭିଂ ଲାଇସେନ୍ସ ହେଉ କିମ୍ବା ଶିକ୍ଷାଗତ ପ୍ରମାଣପତ୍ର କିମ୍ବା ଅନ୍ୟାନ୍ୟ ଜରୁରୀ ରେକର୍ଡ–କୋଟି କୋଟି ଲୋକ ଏସବୁକୁ ସୁରକ୍ଷିତ ଓ ସୁବିଧାଜନକ ଭାବେ ରଖିପାରୁଛନ୍ତି।

ମୋବାଇଲ ଫୋନ୍‌ର ବ୍ୟାପକ ବ୍ୟବହାର ବିନା ଏସବୁ କିଛି ସମ୍ଭବ ହୋଇପାରିନଥାନ୍ତା। ବର୍ତ୍ତମାନ ଭାରତର ୯୦% ଲୋକ ମୋବାଇଲ ଉପକରଣ ବ୍ୟବହାର କରୁଛନ୍ତି। ଏହା ଲୋକଙ୍କ ହାତରେ ସିଧାସଳଖ ପ୍ରଯୁକ୍ତିର ଶକ୍ତି ପ୍ରଦାନ କରିଛି।

ଇଣ୍ଡିଆ ଷ୍ଟାକ୍ ମଧ୍ୟ ଏକ ବିଶ୍ୱସ୍ତରୀୟ ମଡେଲ ଭାବେ ଉଭା ହୋଇଛି। ଜି–ଟ୍ୱେଣ୍ଟି ବୈଠକରେ ଭାରତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ଏଜେଣ୍ଡାକୁ ଆଗକୁ ବଢ଼ାଇଥିଲା ଏବଂ ଏକ ଗ୍ଲୋବାଲ ଡିପିଆଇ ରିପୋଜିଟୋରି ପାଇଁ ପ୍ରସ୍ତାବ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ୭ଟି ଦେଶରେ ୟୁପିଆଇ କାରବାର ହେଉଛି, ଆହୁରି ଅନେକ ଦେଶ ଏହାକୁ ଗ୍ରହଣ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଭାରତୀୟଙ୍କୁ ସଶକ୍ତ କରିବା ଲାଗି ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ ଆଜି ସାରା ବିଶ୍ୱକୁ ଅନୁପ୍ରାଣିତ କରୁଛି।

## ସମାବେଶୀ ବିକାଶ

୫୫ କୋଟିରୁ ଉର୍ଦ୍ଧ୍ୱ ଜନଧନ ଆକାଉଣ୍ଟ ଖୋଲାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମାଧ୍ୟମରେ ୪୪ ଲକ୍ଷ କୋଟି ଟଙ୍କା ବିତରଣ କରାଯାଇଛି। ୧୦ କୋଟିରୁ ଅଧିକ ଏଲ୍‌ପିଜି ସଂଯୋଗ ଦିଆଯାଇଛି ଏବଂ ସ୍ୱାସ୍ଥ୍ୟସେବା ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଡିଜିଟାଲ ଇଣ୍ଡିଆର ଜନ ଧନ – ଆଧାର – ମୋବାଇଲ (ଜାମ୍) ତ୍ରୟ ଜରିଆରେ ଏସବୁ ସମ୍ଭବ ହୋଇପାରିଛି। ଆଜି ବାରାଣସୀ ଅଟୋ ଚାଳକ ହୁଅନ୍ତୁ କିମ୍ବା ମୁମ୍ବାଇର ହକର୍ ସମସ୍ତେ ଡିଜିଟାଲ ପେମେଣ୍ଟ ପାଇପାରୁଛନ୍ତି। କଲ୍ୟାଣମୂଳକ ଯୋଜନାରେ ବାଟମାରଣା ବନ୍ଦ ହୋଇଛି। ପ୍ରଶାସନ ଅଧିକ ପାରଦର୍ଶୀ ହୋଇଛି। ଠିକ୍ ସମୟରେ ଲୋକଙ୍କ କାମ ହୋଇଯାଉଛି।

## ପ୍ରଶାସନରେ ମାନବିକତାର ସ୍ପର୍ଶ

ମାଇଁ ଗଭ ଏବଂ ଉମଙ୍ଗ ଭଳି ଡିଜିଟାଲ ପ୍ଲାଟଫର୍ମ ଜରିଆରେ ନାଗରିକମାନେ ୨ହଜାରରୁ ଅଧିକ ସରକାରୀ ସେବା ପାଇପାରୁଛନ୍ତି। ଭାରତର ଜାତୀୟ ଟେଲି ମେଡିସିନ୍ ପ୍ଲାଟଫର୍ମ ଇ–ସଞ୍ଜୀବନୀ ଜରିଆରେ ୩୮ କୋଟି ଡାକ୍ତରୀ ପରାମର୍ଶ ମିଳିପାରିଛି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍)ର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୋଟିଏ ଏକକ ଡିଜିଟାଲ ସ୍ୱାସ୍ଥ୍ୟ ଆଇଡି ପ୍ରସ୍ତୁତ କରିବା। ବର୍ତ୍ତମାନ ସୁଦ୍ଧା ୭୯ କୋଟିରୁ ଅଧିକ ସ୍ୱାସ୍ଥ୍ୟ ଆଇଡି, ୬ ଲକ୍ଷ ସ୍ୱାସ୍ଥ୍ୟସେବା ପେସାଦାର ଏବଂ ୬୦ କୋଟି ସ୍ୱାସ୍ଥ୍ୟ ରେକର୍ଡର ଏକୀକରଣ କରାଯାଇଛି।

ବିହାରର ଏକ ଉପାନ୍ତ ଗାଁରେ ରହୁଥିବା ଶ୍ରୀମତୀ କାନ୍ତି ଦେବୀ ତାଙ୍କ ଘରୁ ଗୋଡ଼ ନକାଢ଼ି ଶହ ଶହ କିଲୋମିଟର ଦୂର ଲକ୍ଷ୍ନୌରେ ରହୁଥିବା ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଠାରୁ ଚିକିତ୍ସା ପରାମର୍ଶ ପାଇପାରିଛନ୍ତି। ଡିଜିଟାଲ ଇଣ୍ଡିଆର ଏହି ମହାଶକ୍ତି ସାଧାରଣ ନାଗରିକଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଭଳି ଜରୁରୀ ସେବାକୁ ପହଞ୍ଚାଇପାରିଛି।

## ଯୁବବର୍ଗ ଓ ଚାଷୀ

ଦୀକ୍ଷା, ସ୍ୱୟଂ ଏବଂ ପିଏମ୍ ଇ–ବିଦ୍ୟା ଭଳି ଡିଜିଟାଲ ଶିକ୍ଷା ପ୍ଲାଟଫର୍ମ ଏବେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ ସେମାନଙ୍କର ମାତୃଭାଷାରେ ପହଞ୍ଚିପାରୁଛି। ସ୍କିଲ ଇଣ୍ଡିଆ ଡିଜିଟାଲ ହବ୍ (ଏସ୍ଆଇଡିଏଚ) ଏବଂ ଫ୍ୟୁଚର୍ ସ୍କିଲ୍ସ ପ୍ରାଇମ୍ ଏବେ ଏଆଇ, ସାଇବର ସିକ୍ୟୁରିଟି ଏବଂ ବ୍ଲକ ଚେନ୍‌ରେ ଆମର ଯୁବବର୍ଗଙ୍କର ଦକ୍ଷତା ବିକାଶ କରୁଛି।

ଚାଷୀମାନେ ଡିଜିଟାଲ ମାଧ୍ୟମରେ ପାଣିପାଗ ସମ୍ବନ୍ଧୀୟ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ବଜାର ମୂଲ୍ୟ ପାଇପାରୁଛନ୍ତି। ବର୍ତ୍ତମାନ ୧୧ କୋଟିରୁ ଅଧିକ ଚାଷୀ ପ୍ରଧାନମନ୍ତ୍ରୀ–କିଷାନ ସମ୍ମାନ ନିଧି ଯୋଜନା ମାଧ୍ୟମରେ ସିଧାସଳଖ ଆୟ ସହାୟତା ପାଉଛନ୍ତି, ଯାହା ବାଧାମୁକ୍ତ ଭାବରେ ଯୋଗାଇ ଦିଆଯାଉଛି। ବ୍ୟାପକତା ଏବଂ ଅନ୍ତର୍ଭୁକ୍ତୀକରଣକୁ ଆଧାର କରି ନିର୍ମାଣ କରାଯାଉଥିବା ପ୍ରଯୁକ୍ତି କିଭଳି ଲୋକଙ୍କ ଜୀବନରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣୁଛି ଏବଂ ଅନ୍ତ୍ୟୋଦୟର ସ୍ୱପ୍ନକୁ ସାକାର କରିପାରୁଛି, ତାହା ଏସବୁ ଉଦାହରଣରୁ ପ୍ରତୀୟମାନ ହୋଇଥାଏ।

## ଅନ୍ତର୍ନିହିତ ବିଶ୍ୱାସ

ଭାରତର ଡିଜିଟାଲକରଣ ବୃଦ୍ଧି ପାଉଥିବାବେଳେ ଏହାର ସାଇବର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରାଯାଇଛି। ସିଇଆର୍‌ଟି–ଇନ୍ ଭଳି ପ୍ରତିଷ୍ଠାନ, ସାଇବର୍ ହେଲ୍ପଲାଇନ ୧୯୩୦ ଏବଂ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩ ବ୍ୟବହାରକାରୀଙ୍କ ଗୋପନୀୟତା ଓ ତଥ୍ୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଏହା ନାଗରିକଙ୍କ ମଧ୍ୟରେ ଡିଜିଟାଲ ସେବା ବ୍ୟବହାର କରିବା ଲାଗି ଭରସା ଓ ବିଶ୍ୱାସ ସୃଷ୍ଟି କରୁଛି। ଅପରେସନ ସିନ୍ଦୂର ସମୟରେ ଏହାର ଏକ ଦୃଢ଼ ଉଦାହରଣ ଦେଖିବାକୁ ମିଳିଥିଲା। ଆମର ଭିତ୍ତିଭୂମି ଉପରେ ସୁନିୟୋଜିତ ସାଇବର ଆକ୍ରମଣକୁ ଆମର ଏଜେନ୍ସିଗଡ଼ିକ ସଫଳତାର ସହିତ ମୁକାବିଲା କରିପାରିଥିଲେ।

## ନବସୃଜନ ଏବଂ ଷ୍ଟାର୍ଟଅପ୍ସ

୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ସହିତ ଭାରତରେ ଏବେ ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ ଇକୋସିଷ୍ଟମ ରହିଛି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରୁ ଅନେକ ଡିଜିଟାଲ ଇଣ୍ଡିଆର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିର ମୂଳଦୁଆକୁ ଆଧାର କରି ବଢ଼ିଛନ୍ତି। ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରଗୁଡ଼ିକ ଏବେ ଇଣ୍ଡିଆ ଷ୍ଟାକ୍ ମଡେଲକୁ ଗ୍ରହଣ କରୁଥିବାରୁ ଭାରତ ଦୁନିଆକୁ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ରପ୍ତାନି କରୁଛି।

ଆମର ଏଆଇ ମିଶନ ହାଇ–ଏଣ୍ଡ କମ୍ପ୍ୟୁଟିଂକୁ ଅଧିକ ଶସ୍ତା ଓ ସୁଲଭ କରିଛି। ଷ୍ଟାର୍ଟଅପ୍ସ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱର ସବୁଠୁ ଶସ୍ତା ଦରରେ ୩୪,୦୦୦ରୁ ଅଧିକ ଜିପିୟୁ ଉପଲବ୍ଧ ହେଉଥିବା ବେଳେ ଆହୁରି ୬୦୦୦ ଜିପିୟୁ ଏବେ ପ୍ରସ୍ତୁତ କରାଯାଉଛି।

## ସେମି କଣ୍ଡକ୍ଟରଠାରୁ ଆରମ୍ଭ କରି ଦୂରସଞ୍ଚାର ପର୍ଯ୍ୟନ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ" (ଭାରତରେ ନିର୍ମାଣ, ଭାରତ ପାଇଁ ନିର୍ମାଣ ଏବଂ ବିଶ୍ୱ ପାଇଁ ନିର୍ମାଣ) ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଫଳରେ ଇଲେକ୍ଟ୍ରୋନିକ୍ସ ଏବଂ ମୋବାଇଲ ଉତ୍ପାଦନରେ ଅଧିକ ବୃଦ୍ଧି ହୋଇଛି। ଆମର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ୧୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଆଜି ଭାରତ ଏକ ଅଗ୍ରଣୀ ମୋବାଇଲ ଫୋନ୍ ରପ୍ତାନିକାରୀ ଦେଶରେ ପରିଣତ ହୋଇଛି।

ଦୂରସଞ୍ଚାର ଭିତ୍ତିଭୂମିରେ ଦୃଢ଼ ସମ୍ପ୍ରସାରଣ ସହିତ ଏହି ବିକାଶକୁ ସମାନ୍ତରାଳ ଭାବେ ସମର୍ଥନ ଯୋଗାଇ ଦିଆଯାଉଛି। ଅନେକ ବର୍ଷ ପରେ ବିଏସ୍ଏନ୍ଏଲ୍ ପୁଣିଥରେ ଲାଭ ଉପାର୍ଜନ କରିପାରୁଛି। ଏହା ସରକାରୀ ଦୂରସଞ୍ଚାର କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଭାରତ ନିଜର ସ୍ୱଦେଶୀ ଦୂରସଞ୍ଚାର ଷ୍ଟାକ୍ ମଧ୍ୟ ବିକଶିତ କରିଛି। ଆଜି ପ୍ରାୟ ସାରା ଦେଶରେ ୪ଜି ସେବା ପହଞ୍ଚିପାରିଛି ଓ ଭାରତରେ ବିଶ୍ୱର ସବୁଠୁ ଦ୍ରୁତତମ ୫ଜି ସେବା କାର୍ଯ୍ୟକାରୀ ହୋଇଛି। ଏହି ଦୃଢ଼ ଡିଜିଟାଲ ଆଧାର ଡିଜିଟାଲ ଇଣ୍ଡିଆର ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇ ନେବାରେ ସହାୟକ ହେଉଛି।

ଭାରତ ସେମିକଣ୍ଡକ୍ଟର ମିଶନ ଭାରତର ସ୍ୱଦେଶୀ ଚିପ୍ ନିର୍ମାଣର ସଂକଳ୍ପକୁ ବାସ୍ତବତାରେ ପରିଣତ କରୁଛି। ଛଅଟି ସେମିକଣ୍ଡକ୍ଟର ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଯଥାଶୀଘ୍ର ପ୍ରଥମ ମେଡ–ଇନ୍–ଇଣ୍ଡିଆ ଚିପ୍ ଉତ୍ପାଦନ ଲାଗି ଏବେ ସେମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ଚାଲିଛି। ଏପରି ପ୍ରତିଯୋଗିତାକୁ ଆମେ ସ୍ୱାଗତ କରୁଛୁ। ଭାରତରେ ମଧ୍ୟ ୧,୭୦୦ରୁ ଅଧିକ ବିଶ୍ୱ କ୍ଷମତା କେନ୍ଦ୍ର ରହିଛି, ଯେଉଁଠି ପ୍ରାୟ ୨୦ ଲକ୍ଷ ଲୋକ ନିୟୋଜିତ ରହିଛନ୍ତି। ଖର୍ଚ୍ଚ ସଞ୍ଚୟକାରୀ ବ୍ୟାକ୍ ଅଫିସ ଭାବରେ ଆରମ୍ଭ ହୋଇଥିବା କାର୍ଯ୍ୟ ଏବେ ବିଶ୍ୱ ପାଇଁ ନବସୃଜନ, ଡିଜାଇନ ଏବଂ ଉତ୍ପାଦ ବିକାଶକୁ ଆଗେଇ ନେଉଛି।

## ଭବିଷ୍ୟତ ରୂପରେଖ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଏହାର ଦଶମ ବାର୍ଷିକୀ ପାଳନ କରୁଛି। ଏକ ଦୃଢ଼ ଡିଜିଟାଲ ମୂଳଦୁଆ ସ୍ଥାପିତ ହୋଇଛି, ଯାହାକୁ ଆଧାର କରି ବିକଶିତ ଭାରତର ଅଟ୍ଟାଳିକା ନିର୍ମାଣ କରାଯାଉଛି। ଆମର ଲକ୍ଷ୍ୟ ବେଶ ସ୍ପଷ୍ଟ ତୃଣମୂଳ ସ୍ତରରେ ଡିଜିଟାଲ ବିଭାଜନ ଦୂର କରିବା, ଡିଜିଟାଲ ସାକ୍ଷରତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ସାଇବର ସୁରକ୍ଷା ସୁନିଶ୍ଚିତ କରିବା। ଆଉ ପରିଶେଷରେ ପ୍ରଯୁକ୍ତିକୁ ପ୍ରତ୍ୟେକ ନାଗରିକଙ୍କ ପ୍ରକୃତ ବନ୍ଧୁରେ ପରିଣତ କରିବା।

# ଦର୍ପଦଳନ, ତାଳଧ୍ୱଜ ରଥର ହେଲା ଦକ୍ଷିଣମୋଡ଼

## ଆଜି ନନ୍ଦିଘୋଷକୁ କରାଯିବ ଦକ୍ଷିଣମୋଡ଼

ପୁରୀ, ୨।୭ (ଅଜିତ୍ କୁମାର ମହାନ୍ତି)



ଦକ୍ଷିଣ ମୋଡ଼ ନେବା ପରେ ଦର୍ପଦଳନ ଓ ତଳଧ୍ୱଜ ରଥ।

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ରଥଯାତ୍ରାର ପଞ୍ଚମ ଦିନ ମଙ୍ଗଳବାର ହେରାପଞ୍ଚମୀରେ ଅଭିମାନିନୀ ମା' ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିର ଆସି ନୀତି ସମ୍ପନ୍ନ କରି ଶ୍ରୀମନ୍ଦିରକୁ ଫେରିଯିବା ପରେ ଷଷ୍ଠ ଦିବସରେ ବୁଧବାର ବାହୁଡ଼ା ଯାତ୍ରାର ଆଦ୍ୟ ପର୍ବ ଆରମ୍ଭ ହୋଇଛି। ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ବିଜେ ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ତିନି ରଥର ଦକ୍ଷିଣମୋଡ଼ ଆରମ୍ଭ ହୋଇଥିଲା। ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚିଥିବାବେଳେ ସନ୍ଧ୍ୟା ହୋଇଯିବାରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ କରାଯାଇପାରିନାହିଁ। ଗୁରୁବାର ନନ୍ଦିଘୋଷକୁ ଦକ୍ଷିଣମୋଡ଼ କରାଯିବ।

ବୁଧବାର ମହାପ୍ରଭୁଙ୍କ ସକାଳଧୂପ ବିଳମ୍ବ ହେବା ଯୋଗୁ ରଥକୁ ଆଜ୍ଞାମାଳ ଆସିବା ଡେରି ହୋଇଥିଲା। ତେଣୁ ଦକ୍ଷିଣମୋଡ଼ ପାଇଁ ରଥଟଣାରେ ମଧ୍ୟ ବିଳମ୍ବ ଘଟିଲା। ବୁଧବାର ପୂର୍ବାହ୍ଣ ୧୧ଟା ୩୦ରେ ସକାଳ ଧୂପ ଶେଷ ହୋଇ ମଧ୍ୟାହ୍ନ ୧୨ଟା ୩୦ରେ ରଥକୁ ଆଜ୍ଞାମାଳ ବିଜେ ନିମନ୍ତେ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ତେବେ ସକାଳଧୂପ ବିଳମ୍ବରେ ଶେଷ ହେବା ପରେ ରଥକୁ ଆଜ୍ଞାମାଳ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ଣ ୨ଟାରେ ଘଣ୍ଟ, ଓଲାର, କାହାଳୀ ସହ ତିନିଜଣ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ପଟୁଆରରେ ଆଣିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ତାଳଧ୍ୱଜ ରଥକୁ ଘଣ୍ଟ, ଓଲାର (ଛତି), କାହାଳୀ, ବୈଜୟନ୍ତୀ ଏବଂ ବିଶ୍ୱକର୍ମା ମହାରଣା ଚଢ଼ିଥିଲେ। ରଥ ଦକ୍ଷିଣମୋଡ଼ ପାଇଁ ବିଜେ କାହାଳୀ ବାଜିଥିଲା। ଭୋଇ ସେବକମାନେ ଦର୍ପଦଳନ ରଥରେ ବ୍ରେକ୍ ଓ ଦଉଡ଼ି ସଂଯୋଗ କରିଥିଲେ। ପରେ ପରମ୍ପରା ଅନୁଯାୟୀ, ଘୋଷ ଘଣ୍ଟୁଆଙ୍କ ଘଣ୍ଟନାଦରେ ପ୍ରଥମେ ଦର୍ପଦଳନ ରଥକୁ ଦକ୍ଷିଣ ମୋଡ଼ କରାଯାଇଥିଲା। ଏହାପରେ ତାଳଧ୍ୱଜ ରଥର ଦକ୍ଷିଣମୋଡ଼ ହୋଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣମୋଡ଼ କରାଯାଇପାରି ନ ଥିଲା।

# ଓଏଏସ୍‌ଙ୍କ ପାଇଁ ଅଣ୍ଟାଭିଡ଼ିଲା ଓଆର୍ଏସ୍ ସଂଘ

ଭୁବନେଶ୍ୱର, ୨।୭ (ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସଂଘ ଯେଉଁ ନିଷ୍ପତ୍ତି ନେବ ତାହାକୁ ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍) ସଂଘ ସମର୍ଥନ କରିବ ବୋଲି ଓଆରଏସ୍ ସଂଘ ପକ୍ଷରୁ କୁହାଯାଇଛି। ବୁଧବାର ଓଆରଏସ୍ ସଂଘ ସଭାପତି କନିଷ୍କ ବୋଧିସତ୍ତ୍ୱ ଗଣମାଧ୍ୟମକୁ କହିଛନ୍ତି, ବିଏମ୍‌ସି ଅତିରିକ୍ତ ଆୟୁକ୍ତଙ୍କୁ ମାଡ଼ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହାଦ୍ୱାରା ସରକାରୀ ଅଧିକାରୀମାନେ କର୍ମକ୍ଷେତ୍ରରେ କାର୍ଯ୍ୟ କରିବାରେ ସମସ୍ୟା ଉପୁଜୁଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସଂଘ ଦାବି କରୁଛି। ଯଦି ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଉଚିତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଘ ପରବର୍ତ୍ତୀ ପର୍ଯ୍ୟାୟରେ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବ।

ସେ ପୁଣି କହିଥିଲେ, ସଂପ୍ରତି ମହାପ୍ରଭୁଙ୍କ ରଥଯାତ୍ରା ଓ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧକ୍ରମେ ସଂଘ ସରକାରଙ୍କ କାର୍ଯ୍ୟ ସୁଚାରୁରୂପେ ପାଳନ କରିବ।

# ରଥଯାତ୍ରା ଅଘଟଣ ତଦନ୍ତରେ ସହଯୋଗ କରିବେ ୪ ଓଏଏସ୍ ଅଫିସର

## ପ୍ରତ୍ୟହ ୩ଟାରୁ ୫ଟା ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ରହି କାମ କରିବେ

ଭୁବନେଶ୍ୱର, ୨।୭ (ସୁନିତ୍ ମିଶ୍ର)

ପୁରୀ ରଥଯାତ୍ରା ସମୟରେ ଗତ ୨୯ ତାରିଖରେ ଗୁଣ୍ଡିଚା ମନ୍ଦିର ଠାରେ ଦଳାଚକଟା କାରଣରୁ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଚାରିଆଡ଼ୁ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମା ପ୍ରାର୍ଥନା କରିବା ସହ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କରାଯିବାକୁ ଘୋଷଣା କରିଥିଲେ। ସେହି କ୍ରମରେ ଉନ୍ନୟନ କମିଶନର ମଧ୍ୟ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତାଙ୍କୁ ଏହି ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ୪ ଜଣ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବୁଧବାର ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଜିଏ ଏବଂ ପିଜି ବିଭାଗର ଅତିରିକ୍ତ ସଚିବ ମାନସ ରଞ୍ଜନ ସାମଲ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାସ, ଜଳ ସମ୍ପଦ ବିଭାଗର ରଶ୍ମିରଞ୍ଜନ ନାଏକ ଏବଂ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁଙ୍କୁ ଏହି କମିଟିରେ ରଖାଯାଇଛି। ବିନୟ କୁମାର ଦାସ ଏବଂ ପ୍ରଦୀପ କୁମାର ସାହୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପୁରୀ ରଥଯାତ୍ରା ଦାୟିତ୍ୱରେ ରହିଛନ୍ତି। ଏହି ୪ ବରିଷ୍ଠ ଓଏଏସ୍ ଅଫିସର ତାଙ୍କ ଦାୟିତ୍ୱ ନିର୍ବାହ କରିବା ସହ ପ୍ରତ୍ୟେକ ଦିନ ୩ଟାରୁ ୫ଟା ପର୍ଯ୍ୟନ୍ତ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୯ ତାରିଖ ଭୋର ସମୟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରଥ ଉପରେ ଠାକୁରଙ୍କୁ ଦର୍ଶନ କରିବା ଲାଗି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଯାଇଥିଲେ। ୩ ରଥ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିସାରିଥିଲା। ହେଲେ ଯେତିକି ପୋଲିସ ମୁତୟନ ରହିବା କଥା ଏବଂ କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନ ଥିଲେ। ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହେବା ସମୟରେ ଆମ୍ବୁଲାନ୍ସ ମଧ୍ୟ ସେଠାରେ ନ ଥିବା ଅଭିଯୋଗ ଉଠିଥିଲା। ଏହି ଘଟଣାର ମାସକ ମଧ୍ୟରେ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।



# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ବ୍ରଜକିଶୋର ନାୟକଙ୍କ ‘ଅକବି’ର କବିତା’ପୁସ୍ତକ ଉନ୍ମୋଚନ ଓ ଆଲୋଚନା ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ରଥଯାତ୍ରା ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ‘ଗୁହାରି’, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

ରଥାଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ଭାକ୍ତିକ ସତ୍ର ‘ଲୀଳାମୟ ନାଳାଦ୍ରୀଶ’, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୪୫।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରି ଅବଝୁଣା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବରି, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ପିରହାଟ–ବରଗଡ଼ିଆ ରାସ୍ତାର ଶିଳାନ୍ୟାସ, ସ୍ଥାନ: ଡଗରପଡ଼ା, ଖଇରା, ସମୟ: ଅପରାହ୍ନ ୪ଟା।
- ମହିଳାଙ୍କ ଦ୍ୱାରା ପୂଜା ଥାଳି ଡେକୋରେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ରାମ ଓ ପର୍ଶୁରାମ ବେଶ ଦର୍ଶନ, ସ୍ଥାନ: ମାଉସୀ ମା’ ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଦାଣ୍ଡିଆ (ଗର୍ବା) ନୃତ୍ୟ ପ୍ରଦର୍ଶନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ରାତି ୮ଟା ୩୦।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ଭଦ୍ରକ

- ସାମାଜିକ କର୍ମୀ ନିରଞ୍ଜନ ମହାନ୍ତିଙ୍କ ସ୍ମୃତି ଚାରଣ ସଭା, ସ୍ଥାନ:ସଙ୍ଗମ ମଣ୍ଡପ, ବାଇପାସ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- କଳାକାର ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀ ନଗର ଛକ, ସମୟ: ସକାଳ ୯ଟା ।

## ଜଗତ୍‌ସିଂହପୁର

- ଡିଏଭି ସ୍କୁଲ ପକ୍ଷରୁ ବିଶ୍ୱ ଖେଳ ଖବରଦାତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ପିପିଏଲ, ପାରାଦୀପ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା

- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା’ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା’ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜୁଡିସିଆଲ ଅଫିସର କଲୋନି, ନୟାଗଡ଼, ସମୟ: ସକାଳ ୮ଟା।
- ନୟାଗଡରେ ମେଡିକାଲ କଲେଜ ପାଇଁ ଖବରଦାତା ସମ୍ମିଳନୀ , ସ୍ଥାନ: ନୟାଗଡ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ସନ୍ଧ୍ୟା ବେଶରେ ପର୍ଶୁରାମ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ରାମ ଓ ବଳରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର ରାୟଗଡ଼ା, ସମୟ: ସକାଳ ୬ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଗୁଡାର, ସମୟ: ସକାଳ ୯ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଦେବାଦେବୀ ପୂଜା, ହୋମ ଓ ଅଧିବାସ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦ ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।
- ଶ୍ରମଦ ଭାଗବତ କଥାମୃତ ପ୍ରବଚନ, ସ୍ଥାନ ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସନ୍ଧ୍ୟା ୭ଟା ।

## ରାଉରକେଲା

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ କର୍ମଶାଳା, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା।
- ଆର୍‌ଏମ୍‌ସି ସଭାଗୃହରେ ସମୀକ୍ଷା ସଭା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସଂଯୁକ୍ତ କୃଷକ ସଂଗଠନର ଦାବିପତ୍ର ପ୍ରଦାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଳୀୟଦଳନ ଅବତାର ବେଶ, ସ୍ଥାନ: ମାଉସୀ ମା’ ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ରଥଯାତ୍ରା ଅବସରରେ ସୋନପୁର ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କ ପଦ୍ମମୁଖ ବେଶ, ସ୍ଥାନ: ବଡବଜାର ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ତରଭା ରଥଯାତ୍ରା ଅବସରରେ ଦଧିବାମନ ଜଗନ୍ନାଥଙ୍କ ରାମ ଅବତାର, ସ୍ଥାନ: ମାଉସୀ ମା’ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।
- ଉଫୁଲା ମାଉସୀ ମନ୍ଦିରରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ତରଫରୁ ଭଜନ ସମାରୋହ, ସ୍ଥାନ: ମାଉସୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଶିବ ମନ୍ଦିର ଓ ରାମ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ପାତାଳଗଙ୍ଗା, ବୋଡେନ ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ରଥଯାତ୍ରା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ଇରିଗେଶନ କଲୋନୀ, ନୂଆପଡା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲିର ଆଲୋଚନା ମୁତାବକ କାମରେ ଲାଗିପଡନ୍ତୁ ଅବଶ୍ୟ ଦୁଶ୍ଚିନ୍ତା କମିଯିବ। ନିଜ ଲୋକଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେବ। ସଭାସମିତି, ସଂଗଠନ, ରାଜନୀତିରେ ଉନ୍ନତ ଫଳ ପାଇବେ। ତର୍କ ନ କରି ବିବାଦଠାରୁ ଦୂରେଇ ରହିବା ଭଲ।

**ବୃଷ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ ଅଭିଯୋଗ ପାଇବେ। ବନ୍ଧୁଙ୍କୁ ଦୁଃଖ ଲୁଚାଇବାର ଚେଷ୍ଟା କରି ଧରାପଡିଯିବେ। ଆଜି ହିଁ ସାରିବାକୁ ଭାବୁଥିବା କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ମିଥୁନ** କର୍ମକ୍ଷେତ୍ରର ପରିସ୍ଥିତିକୁ ଆଖିଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବେ। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ହେବନାହିଁ। ସାହିତ୍ୟ, ପ୍ରଶାସନିକ ସ୍ତର ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ। ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତି ହେବ।

**କର୍କଟ** ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ କିନ୍ତୁ କର୍ମକ୍ଷେତ୍ର ସନ୍ତୋଷଜନକ ରହି ନ ପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ। ଶୀଘ୍ର ଶୀଘ୍ର କାମଟିକୁ ସମ୍ପନ୍ନ କରିବା ସକାଶେ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ସିଂହ** ପାରିବାରିକ ଖର୍ଚ୍ଚ ବୃଦ୍ଧି ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ଯାହା କଲେ ମଧ ସୁଫଳ ମିଳିବ ନାହିଁ ବରଂ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ହିତୈଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବିଳାସ ବ୍ୟସନ ମଧ୍ୟରେ ସମୟକୁ ଅତିବାହିତ କରିବେ।

**କନ୍ୟା** ପାରିବାରିକ ଜୀବନରେ ଉଚିତ ବୁଝାମଣାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବେ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢିପାରେ ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଯାତ୍ରା ସମୟରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଯୋଗୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ସଭାସମିତିରେ ଯୋଗ ଦେଇ ବନ୍ଧୁବର୍ଗଙ୍କ ପ୍ରିୟଭାଜନ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା** ସାମାଜିକ ସ୍ତରରେ ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। କେତେକ କ୍ଷେତ୍ରରେ ମନକଥା ମନରେ ମାରି ରହିବାକୁ ବାଧ ହେବେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ଧନୁ** ଆଜି ବନ୍ଧୁଙ୍କ ସହାୟତାରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସଫଳତା ପାଇବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ ତଥାପି ପଛକୁ ଫେରିବାର ଉପାୟ ନ ଥିବ। ଦେହ ଭଲ ରହିଲେ ମଧ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି। ଦୂରଯାତ୍ରା ସଫଳ ହେବ ଏବଂ ଆଶା କଦାପି ନିଷ୍ଫଳ ହେବ ନାହିଁ

**ମକର** ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଅବଶ୍ୟ ବ୍ୟବସାୟିକ ଦିଗରୁ ଲାଭବାନ୍ ହେବାର ସୂଚନା ରହିଛି।

**କୁମ୍ଭ** ଚେଷ୍ଟା କରୁଥିବା କାମରେ ସଫଳତା ବହୁ ଝିନଝଟ୍ ମଧ୍ୟରେ ପାଇବେ । ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ କିନ୍ତୁ ବନ୍ଧୁ ଖୁସି ହେବେନାହିଁ। ଭ୍ରମଣ ହେତୁକକ୍ଲାନ୍ତି ଓ ଅବସାଦ ଦେଖାଦେବ। ବନ୍ଧୁ ଠିକ୍ ଖବର ଦେବାରେ ହେଳା କରିବେ, ଯାହାକି ଅସୁବିଧାର କାରଣ ହେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ସମସ୍ତ ସୁବିଧା ଥାଇ ମଧ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ନିଜ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବ। ଅର୍ଥାଭାବ ଓ ପାରିବାରିକ ସମସ୍ୟା ହେତୁ ଉଦାସୀନ ରହିବେ। ଜମିଜମା କାରବାର, ଆଲୋଚନା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଜୁଲାଇ ୩ ତାରିଖ, ଆଷାଢ଼ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର– ଦିବା ଘ. ୦୧.୫୦ମି. ପର୍ଯ୍ୟନ୍ତ ହସ୍ତାକନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୧୫ ଗତେ ଘ.୦୬.୦୮ ମଧ୍ୟେ, ଘ.୦୯.୩୯ ଗତେ ଘ.୧୧.୨୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୧.୩୯ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ।

# ଧରାପଡ଼ିଲେ ଦୁଇ ବ୍ରାଉନସୁଗର ବେପାରୀ

ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)

ଇନଫୋସିଟି ଥାନା ପୋଲିସ ବୁଧବାର ପଟିଆ ଖେଳ ପଡ଼ିଆ ନିକଟରେ ଚଢ଼ାଉ କରି ଦୁଇ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଟିଆ ଅଞ୍ଚଳର ଅସିମ କୁମାର ଦାସ ଓରଫ ବାବୁ (୪୫) ଓ ଅଭିଶେକ ମହାନ୍ତି ଓରଫ ବାବୁ (୩୧)। ସେମାନଙ୍କଠାରୁ ଗୋଟିଏ ବାଇକ, ୧୯ ଗ୍ରାମ ବ୍ରାଉନସୁଗର, ୬୫୦ ଟଙ୍କା ଜବତ ହୋଇଛି। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଥିବା ସ୍ୱୀକାର କରିଛନ୍ତି। ଏନେଇ ଥାନା ପକ୍ଷରୁ ମାମଲା (ନଂ.୩୦୪/୨୦୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ହିଁ ଜାଣଇ ସିନା
ଯା’ର ଯେତେ ପାପ
ମାତା ହିଁ ଜାଣଇ ସିନା
ପୁତ୍ରଙ୍କର ବାପ ।**

ଅନ୍ତରର ଗୋପନୀୟତା କେବଳ ଅନୁଭବୀ ହିଁ ଜାଣେ। ନିଜର ପାପ କଥା କେବଳ ନିଜ ମନ ହିଁ ଜାଣିଥାଏ। ସେହିପରି ସନ୍ତାନର ପ୍ରକୃତ ପିତା କିଏ ତାହା କେବଳ ମାଆ ହିଁ ଜାଣେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମନ ତୋହର ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ?**

ମନକୁ ଆୟତ୍ତ କଲେ ସବୁକିଛି ସମ୍ଭବ ହୁଏ। ଆମେ ନିଜେ ନିଜର ଗୁରୁ ବା ମନ ହିଁ ମଣିଷକୁ ବାଟ ଦେଖେଇଥାଏ। କୃଷ୍ଣାପିତ ମନ ହିଁ ମଣିଷର ନିଜ ଗୁରୁ। ତେବେ ପ୍ରବୃତ୍ତି ପରାସୃଷ୍ଟ ମନ ଗୁରୁ ପରି ପଥ ଦେଖାଇ ନ ଥାଏ। ନିଜର ଇଷ୍ଟାନିଷ୍ଟ ମନ ଓ ବିବେକ ଯେଭଳି କହୁଛି, ମଣିଷ ସେହି ଅନୁସାରେ କାମ କରିବା ଆବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଛୁଟିରେ ଅଫିସର, ...

କରିଥିବାବେଳେ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଓଏଏସ୍ ସଂଘ ପକ୍ଷରୁ ୩ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଏଏସ୍ ସଂଘର ସଭାପତି ଜ୍ୟୋତିରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ବିଏମ୍‌ସି ଅତିରିକ୍ତ ଆୟୁକ୍ତ ସାହୁଙ୍କ ଉପରେ ଯେଉଁଭଳି ଅମାନୁଷିକ ଆକ୍ରମଣ ହେଲା, ତାହା ଅତ୍ୟନ୍ତ ନିନ୍ଦନୀୟ। ଦିନ ଦ୍ୱିପ୍ରହରରେ ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଆକ୍ରମଣ କେବଳ ଯେ ଜଣେ ଅଧିକାରୀଙ୍କୁ ମାଡ଼ ବୋଲି କୁହାଯିବ ତାହା ନୁହେଁ, ଏହାଦ୍ୱାରା ତାଙ୍କ ସମ୍ମାନରେ ମଧ ଆଞ୍ଚ୍ ଆସିଛି। ଏହି ଘଟଣାକୁ ନେଇ ଅଧିକାରୀଙ୍କ ମାନସିକତା ଉପରେ ଗଭୀର ଆଘାତ ଲାଗିଛି। ଯଦି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରା ନ ଯିବ ତେବେ ପରବର୍ତ୍ତୀ ସମୟରେ ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ସମ୍ପାଦନମ୍‌ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା ଯୋଗାଇ ଦିଆଯାଉ। ସରକାରଙ୍କ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହିତ ସରକାରୀ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

ଗୋଟିଏପଟେ ଓଏଏସ୍ ସଂଘର ଆନ୍ଦୋଳନ ଜିଲା ଓ ରାଜ୍ୟସ୍ତରରେ ତୀବ୍ର ହେଉଥିବାବେଳେ ଅନ୍ୟପକ୍ଷରେ ସାଧାରଣ ଲୋକେ ସେମାନଙ୍କ ସରକାରୀ ସହାୟତା ଏବଂ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏକ୍ଷେତ୍ରରେ ସରକାରଙ୍କ ନିଷ୍ପତ୍ତି କ’ଣ ରହିବ ତା’ ଉପରେ ସମସ୍ତଙ୍କ ନଜର ରହିଛି।

## ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି: ଜଗନ୍ନାଥ

ଭୁବନେଶ୍ୱର,୨।୭(ସୁନିତ୍ ମିଶ୍ର)

ରାଜ୍ୟ ଏବେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ତାଙ୍କ ସରକାରର ହିତ ପାଇଁ ସେ ଆଇନକୁ ସମ୍ମାନ ଦେଉଛନ୍ତି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଭାଜପା ନେତା ତଥା ମଧ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ କହିଛନ୍ତି। ସେ ତାଙ୍କ ଏକ୍ସରେ ପୋଷ୍ଟକରି କହିଛନ୍ତି, ରାଜ୍ୟରେ ୨ ଦିନ ହେଲା ବିଏମ୍‌ସି ଘଟଣାରେ ବିରୋଧୀ ଦଳ ଏକ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ ଚଳାଇଛନ୍ତି। ସେ ଆଗରୁ କହିଛନ୍ତି ଏବଂ ଏବେ ବି କହିଛନ୍ତି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ ସେ କଡ଼ା ଶବ୍ଦରେ ନିନ୍ଦା କରୁଛନ୍ତି। ଶେଷରେ ଜୟ ଜଗନ୍ନାଥ ବୋଲି କହିଛନ୍ତି। ଜଗନ୍ନାଥ ଏହି ପୋଷ୍ଟ କରିବା ପରେ ସେ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ସହ ଦୀର୍ଘ ସମୟ ଆଲୋଚନା କରିଥିବା ଦେଖିବାକୁ ମିଳିଛି। ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ କରିଥିବା ୫ ଭାଜପା କର୍ମୀଙ୍କୁ ଗିରଫ କରାଯିବା ସହ ଦଳରୁ ନିଲମ୍ବିତ କରାଯାଇଛି। ତେଣୁ ଜଗନ୍ନାଥଙ୍କ ଉପରେ କିଛି ଦଳୀୟ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଜଗନ୍ନାଥ ନିଜକୁ ଥାନାରେ ସରେଣ୍ଡର କରିପାରନ୍ତି ବୋଲି ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟ ପରେ ଚର୍ଚ୍ଚା ହେଉଛି।

## ଭାଜପାକୁ ଅଡୁଆ...

ନେବ, ତାକୁ ନେଇ ବୁଧବାର ସନ୍ଧ୍ୟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୨ ଘଣ୍ଟା ଧରି ମାନସ ମନ୍ଥନ ଚାଲିଥିଲା। ଜଗନ୍ନାଥ ପ୍ରଧାନ ସେଠାରେ ପହଞ୍ଚି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳର ଏକାଧିକ ନେତୃବୃନ୍ଦଙ୍କ ସମ୍ମୁଖରେ ଘଟଣା ସମ୍ବନ୍ଧରେ ନିଜର ପକ୍ଷ ରଖିଥିଲେ। ଦୀର୍ଘ ସମୟର ଆଲୋଚନା ଭିତରେ ଜଗନ୍ନାଥଙ୍କ ଗିରଫ ଏବଂ ତାଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ହେବା ନେଇ ନାନା ଚର୍ଚ୍ଚା ଲାଗି ରହିଥିଲା। ହେଲେ ବୈଠକରୁ ବାହାରି ଜଗନ୍ନାଥ କହିଛନ୍ତି, ସଭାପତି ଡାକିଥିଲେ, ତାଙ୍କ ସହ ଯାହା ଆଲୋଚନା କରିବା କଥା କରିଛି। ଏବେ ସେ ଘରକୁ ଯାଉଥିବା ଦୃଢ଼ତାର ସହ କହିଥିଲେ। ଜଗନ୍ନାଥଙ୍କ ଏଭଳି ମନ୍ତବ୍ୟ ଶୁଣିବା ପରେ ଆଗକୁ ଏହି ଘଟଣା କେଉଁ ମୋଡ଼ ନେଉଛି, ତାକୁ ନେଇ ଦଳୀୟ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ସମ୍ପୃକ୍ତ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନରେ ଏକ ମନ୍ତ୍ରିସ୍ତରୀୟ ବୈଠକ କରିଥିଲେ। ବୈଠକ ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଯାହାର ସମ୍ପୃକ୍ତି ଅଛି ଏବଂ ଯିଏ ଏ କାଣ୍ଡ ଘଟାଇଛନ୍ତି, ତାଙ୍କୁ ଛଡ଼ାଯିବ ନାହିଁ। ମୁଖ୍ୟମନ୍ତ୍ରୀ ଘଟଣାର ତର୍ଜମା କରି ଏହି ନିର୍ଦ୍ଦେଶ ଦେଇ ସାରିଛନ୍ତି। ଅନ୍ୟପଟେ ଦଳ ଭିତରେ ମଧ ଏହି ଘଟଣାକୁ ନେଇ ନିନ୍ଦା କରାଯାଇଛି। ସ୍ଥାନୀୟ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ ଘଟଣା ଦିନ ହିଁ ପରୋକ୍ଷରେ ଜଗନ୍ନାଥଙ୍କୁ ଟାର୍ଗେଟ କରିଥିଲେ। ଗୋଟେପଟେ ଜଗନ୍ନାଥ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରୁଥିବାବେଳେ ଅନ୍ୟପଟେ ଖାରବେଳ ନଗର ଥାନାରେ ୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିରୁ ହିଁ ଜଗନ୍ନାଥଙ୍କ ଗିରଫଦାରି ଆଡ଼କୁ ଇଙ୍ଗିତ କରୁଥିଲା। ହେଲେ ଏଭଳି କିଛି ଘଟିଲା ନାହିଁ। ଅପରପକ୍ଷରେ ଦଳୀୟ ବୈଠକରେ ଉପସ୍ଥିତ ଜଣେ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳ ଏବଂ ସରକାରଙ୍କ ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଜଗନ୍ନାଥଙ୍କୁ ପୋଲିସ ପାଖରେ ଆତ୍ମସମର୍ପଣ କରିବାକୁ ଆଲୋଚନା ହୋଇଥିଲା। ହେଲେ ଜଗନ୍ନାଥ ନିଜକୁ ନିର୍ଦ୍ଦୋଷ କହିବା ସହ ତାଙ୍କ ଯୁକ୍ତିରୁ ହଟି ନ ଥିଲେ। ଜଗନ୍ନାଥ ଆତ୍ମସମର୍ପଣ ନ କରିବା ସରକାରଙ୍କୁ ଟାର୍ଗେଟ କରିବାରେ ବିରୋଧୀଙ୍କୁ ଖୋରାକ ଯୋଗାଇଛି, ଯାହା ଭାଜପା ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି।

ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ବେଳେ ବିଏମ୍‌ସି ଅଫିସ୍‌ରେ ଅଭିଯୋଗ ଶୁଣାଣି ବୈଠକ ଚାଲିଥିବାବେଳେ ୬ରୁ ୭ଜଣ ଯୁବକ ଅଫିସ ଭିତରେ ବଳପୂର୍ବକ ପଶିଥିଲେ। ସେମାନେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ନାଁ ନେଇ ରତ୍ନାକରଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ଜଗନ୍ନାଥଙ୍କ ସହ କେବଳ ଟେଲିଫୋନିକ୍ କଥାବାର୍ତ୍ତା ଥିଲା ବୋଲି ରତ୍ନାକର ସେମାନଙ୍କୁ କହିଥିଲେ। ଏହି ସମୟରେ ହଠାତ୍ ସେମାନେ ଅନ୍ୟ କର୍ପୋରେଟର, ଅଫିସର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସାମ୍ନାରେ ରତ୍ନାକରଙ୍କୁ ହତ୍ୟା ଉଦ୍ୟମ ଉଦ୍ଦେଶ୍ୟ ରଖି ଆକ୍ରମଣ କରିଥିଲେ। ସେମାନେ ଅତିରିକ୍ତ କମିଶନରଙ୍କୁ ଘୋଷାରି ନେଇ ଗାଡ଼ି ଭିତରକୁ ନେବାକୁ ଉଦ୍ୟମ କରିଥିଲେ। ଏପରି କି ଜଗନ୍ନାଥଙ୍କୁ କ୍ଷମା ମାଗିବାକୁ ପଡ଼ିବ ବୋଲି ଅଭିଯୁକ୍ତମାନେ କହିଥିଲେ। ରତ୍ନାକରଙ୍କୁ ସେମାନେ ଗୁରୁତର ଆକ୍ରମଣ କରିବା ସହ ବଳପୂର୍ବକ ମୋବାଇଲ ଛଡ଼ାଇ ନେଇଥିଲେ। ତାଙ୍କ ମୋବାଇଲର ହ୍ୱାଟ୍ସଆପ୍‌ରେ ସେମାନେ ନିନ୍ଦନୀୟ କଣ୍ଟେଣ୍ଟ ଅପଲୋଡ କରିଥିଲେ ବୋଲି ରତ୍ନାକର ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଥିଲେ। ପୋଲିସ ଏହି ଘଟଣାରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିବାବେଳେ ଇତିମଧ୍ୟରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି କି ଅଭିଯୁକ୍ତ ୫ଜଣଙ୍କୁ ଭାଜପା ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ ମଧ କରି ସାରିଛି। ଏଭଳି ସ୍ଥିତିରେ ଜଗନ୍ନାଥଙ୍କ କ୍ଷେତ୍ରରେ ସମାନ ନୀତି ଆପଣା ଯିବ କି ନାହିଁ, ତାହା ଦଳୀୟ ନେତୃବୃନ୍ଦଙ୍କୁ ଚିନ୍ତାରେ ପକାଇଛି।

## ‘ମୃତ୍ୟୁ ପରେ ...

ଦ୍ୱିତୀୟ ପକ୍ଷଙ୍କ ହସ୍ତକ୍ଷେପର ଭୂମିକା ରହିବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଗାଦେନ ଫୋଡରଙ୍ଗ୍ ଟ୍ରଷ୍ଟ ପକ୍ଷରୁ ଖୁବ୍‌ଶୀଘ୍ର ତିବ୍ବତୀୟ ବୌଦ୍ଧ ଧର୍ମର ପ୍ରମୁଖ ଧର୍ମଗୁରୁଙ୍କ ସହ ଆଲୋଚନା କରାଯିବ। ତିବ୍ବତୀୟ ପରମ୍ପରା ଅନୁଯାୟୀ, ମୃତ୍ୟୁ ପରେ ଦଲାଇଲାମାଙ୍କର ପୁନଃର୍ଜନ୍ମ ହୋଇଥାଏ। ଦଲାଇଲାମା କେଉଁଠାରେ ପୁନର୍ଜନ୍ମ ନେବେ ସେନେଇ ମୃତ୍ୟୁ ପୂର୍ବରୁ ସେ ସ୍ୱୟଂ ଠିକ୍ କରିଥାନ୍ତି ବୋଲି ତିବ୍ବତୀୟ ବୌଦ୍ଧମାନେ ବିଶ୍ୱାସ କରିଥାନ୍ତି। ପୂର୍ବରୁ ତାଙ୍କ ଉତ୍ତରାଧିକାରୀ ଚାଇନା ବାହାରେ ଜନ୍ମ ନେବ ବୋଲି ଦଲାଇଲାମା କହିଥିଲେ। ତେବେ ଉତ୍ତରାଧିକାରୀ ଚୟନକୁ ନେଇ ଦଲାଇଲାମାଙ୍କର ଏହି ବୟାନକୁ ଚାଇନା ବିରୋଧ କରିଛି। ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ବାଛିବା ପାଇଁ ବେଜିଂରୁ ଅନୁମୋଦନ ଆବଶ୍ୟକ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି। ପ୍ରକାଶ ଯେ, ୧୯୩୫ ମସିହାରେ ଜନ୍ମ ହୋଇଥିବା ଲାମୋ ଥୋଣ୍ଡୁପଙ୍କୁ ତ୍ରୟଦଶ ଦଲାଇଲାମାଙ୍କ ଉତ୍ତରାଧିକାରୀ ଭାବେ ୧୯୪୦ରେ ଘୋଷଣା କରାଯାଇଥିଲା। ୧୯୫୯ରେ ଲାସାରେ ଦଲାଇଲାମାଙ୍କ ଚାଇନା ଶାସନ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ସେ ଭାରତ ପଳାଇ ଆସିଥିଲେ। ସେବେଠାରୁ ଚତୁର୍ଦ୍ଦଶ ଦଲାଇଲାମା ଅନେକ ହଜାର ତିବ୍ବତୀୟଙ୍କ ସହ ଭାରତରେ ନିର୍ବାସିତ ଜୀବନ କାଟୁଛନ୍ତି।

## କୋରାପୁଟରେ ମାଟି ...

ଅପରାହ୍ନ ପ୍ରାୟ ୩ଟା ୧୫ରେ କେକେ ଲାଇନ୍‌ର ଜରଟି ଓ ମାଳିଗୁଡ଼ା ରେଳଲାଇନର ୨୦୮ କି.ମି.ରେ ପାହାଡ଼ରୁ ମାଟି ଅତଡ଼ା ରେଳଧାରଣା ଉପରକୁ ଖସିଥିଲା। ଫଳରେ ଏହି ଲାଇନରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ମାଳିଗୁଡା ଷ୍ଟେଶନରେ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ୍ ଅଟକି ରହିଛି। ଏହାକୁ ପରବର୍ତ୍ତୀ ସମୟରେ ବାତିଲ କରାଯାଇଛି। ସେହିଭଳି ଜୟପୁର ଷ୍ଟେଶନରେ ଅଟକି ରହିଥିବା ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ (୧୮୪୪୮) ଓ କିରାଣ୍ଡୁଲ ଓ ବିଶାଖାପାଟଣା ଏକ୍ସପ୍ରେସ୍ (୧୮୫୧୬)କୁ ବାତିଲ କରାଯାଇଛି। କୋରାପୁଟରୁ ଏକ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଖବର ଲେଖାଯିବା ସୁଦ୍ଧା ରେଳ ଚଳାଚଳ ସ୍ୱାଭାବିକ ହୋଇ ନ ଥିଲା।

## ବର୍ଷେ ଧରି ଛାତ୍ରଙ୍କୁ ...

ପାଇଁ ଅଭିଯୁକ୍ତ ଶିକ୍ଷୟିତ୍ରୀ ନିଜ ଘରୋଇ ସହାୟକଙ୍କ ଜରିଆରେ ପୀଡ଼ିତ ଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ଏକ ବାର୍ତ୍ତା ପଠାଇଥିଲେ। ଫଳରେ ଘଟଣାକୁ ନେଇ ଛାତ୍ରଙ୍କ ମା’ବାପା। ଥାନାରେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମୁମ୍ବାଇର ଦାଦର ପୋଲିସ ମଙ୍ଗଳବାର ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ଗିରଫ କରିଛି। ପୋଲିସ ତାଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ସମେତ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଘଟଣାକୁ ନେଇ ତଦନ୍ତ ଜାରି ରଖିଛି।

# ଛାଡୁନି ପାଣି, ବଢୁଛି କଷ୍ଟ

**ଭୋଗରାଇ, ୨।୭ (ପ୍ରଦୀପ ଦାସ)**

ସୁବର୍ଣ୍ଣରେଖା ଉପରମୁଣ୍ଡରେ ବର୍ଷା କମିଥିବା ବେଳେ ଗାଲୁଡ଼ିହି ଜଳାଧାରରୁ ସମସ୍ତ ଗେଟ ବନ୍ଦ ହୋଇଥିବା ସିଡବ୍ଲୁସି ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖା ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଇ ସତର୍କ ସୂଚନା ୯.୪୫ମିଟର ତଳେ ପ୍ରବାହିତ ହେଉଛି। ୩୦ ଗାଁରେ ବନ୍ୟାପାଣି ଛାଡ଼ିନି। ମନୁନଗର ଗାଁର ୨ ଶହ ପରିବାର ସହ ଗବଗାଁ ଏବେ ବି ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି। ବନ୍ୟାପ୍ଲାବିତ ଗାଁଗୁଡ଼ିକରେ ଅଦ୍ୟାବଧି ଲୋକେ ମାଟିଘର ଓ ଭଙ୍ଗାଘର ଛାଡି ପିଲାଛୁଆ ନେଇ ଅନ୍ୟ ଘରେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଗାଁଗୁଡ଼ିକରେ ନଳକୂପ ବୁଡ଼ିଯାଇଛି। ଏବେବି ତଳିଆ ଗାଁ ରାସ୍ତାଗୁଡ଼ିକରେ ବନ୍ୟାପାଣି ରାସ୍ତା ଉପରେ ଆଣ୍ଠୁଏରୁ ଅଣ୍ଟାଯାଏ ସ୍ରୋତ ଛୁଟୁଛି।



ବନ୍ୟାପାଣି ଘେରରେ ଥିବା ଭୋଗରାଇ ବ୍ଲକ କୁମ୍ଭା ଗ୍ରାମକୁ ଡଙ୍ଗା ଯୋଗେ ଆସିଥିବା ରିଲିଫ ସାମଗ୍ରୀକୁ ଲୋକେ ନେଉଛନ୍ତି।

ବନ୍ୟା ଘେରରେ ଥିବା ବିପନ୍ନଙ୍କୁ ୯ଟି ସୁରକ୍ଷିତ ବାତ୍ୟାଶ୍ରୟସ୍ଥଳୀ ଓ ପ୍ରାଥମିକ ସ୍କୁଲରେ ଅଦ୍ୟାବଧି ୯୧୯ଜଣଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। କଟୁଆଡି ପଞ୍ଚାୟତର ବନ୍ୟାଞ୍ଚଳ ଗାଁଗୁଡ଼ିକରେ ସମସ୍ତ ବିପନ୍ନଙ୍କୁ ୩ ଓଳି ଖାଦ୍ୟ ଓ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ସରପଞ୍ଚ ଜ୍ୟୋସ୍ନାରାଣୀ ମହାନ୍ତି ସରକାରଠାରେ ଦାବି ରଖିଛନ୍ତି।

ବନ୍ୟା ବିପନ୍ନଙ୍କଠାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ରାଜକିଶୋର ଜେନା, କଂଗ୍ରେସ ନେତା ସତ୍ୟଶିବ ଦାସ, ସୁଦର୍ଶନ ଦାସ, ସନ୍ତୋଷ କୁମାର ଜେନା, ମମତା ସାହୁ, ମୀନାରାଣୀ ସୁର, ରାଜେନ୍ଦ୍ର ପଣ୍ଡା, ଭାଜପା ନେତା ଆଶିଷ କୁମାର ପାତ୍ର, ରାଧାକାନ୍ତ ପ୍ରଧାନ, ଅମଳେନ୍ଦୁ ଦାସ, ସତ୍ୟବ୍ରତ ଜେନା, ନୀଳକଣ୍ଠ ଘୋଷ, ପରମାନନ୍ଦ ପରିଡା ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଅପରପକ୍ଷରେ ସେଚ ବିଭାଗର ଏସ୍‌ଡିଓ ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରା, ଡାକ୍ତର ସିଂ, ପ୍ରମଥ କୁମାର ଦେ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସିଓଲଙ୍କ ସହ ଜଳସମ୍ପଦ ବିଭାଗର ଅଧିକାରୀମାନେ ଦୁର୍ବଳ ନଦୀବନ୍ଧ ଉପରେ ଅଦ୍ୟାବଧି ୨୪ ଘଣ୍ଟିଆ ନଜରଦାରି ରଖିଛନ୍ତି।



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଜବାନ ନଦୀ ଡାଇଭର୍ସନ ରାସ୍ତାରେ ପାଣି।



ବନ୍ୟା ଯୋଗୁ ବିପଦସଙ୍କୁଳ ଅବସ୍ଥାରେ ଭଦ୍ରକ ଜିଲା ଧାମନଗର ବ୍ଲକ ପଧାନି ପଞ୍ଚାୟତ ଶଇଲୋ ଗ୍ରାମ ପାର୍ଶ୍ୱରେ ଥିବା କୋଚିଲା ନଦୀବନ୍ଧ।

# ୧୫ ପରିବାର ପାଣିଘେରରେ



ଆଣ୍ଠୁଏ ପାଣିରେ ଜଣେ ମହିଳା ଯାତାୟାତ କରୁଛନ୍ତି।

**ବଣାଇଁ, ୨।୭(ପ୍ରଦୀପ ତ୍ରିପାଠୀ)**

- ଗୌଡ଼ସାହି ବସ୍ତିରେ ପଶିଲା ପାଣି
- ଲଗାଣ ବର୍ଷାରେ ଫୁଲୁଛି ବ୍ରାହ୍ମଣୀ

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଅଞ୍ଚଳରେ ଆଜିକୁ ପ୍ରାୟ ପାଞ୍ଚଦିନ ଧରି ଲଗାଣ ବର୍ଷା ଲାଗିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବଣାଇଁ ସଂଲଗ୍ନ କେନ୍ଦ୍ରିକଲା ଗୌଡ଼ସାହି ବସ୍ତିର ପ୍ରାୟ ୧୫ ପରିବାର ଏବେ ପାଣିଘେରରେ। ସମ୍ପୃକ୍ତ ବସ୍ତିର ବୁଦୁନି ଗହିର, ଶଙ୍କର ଗହିରଙ୍କ ଅଗଣାରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ଲହଡ଼ି ମାରୁଥିବା ଦେଖାଯାଇଛି। ସେହିଭଳି ଲଗାଣ ବର୍ଷା ଯୋଗୁ ୫୨୦ ନମ୍ବର ଜାତୀୟ ରାଜପଥର ତୋଡ଼ା ଚୂନାଘାଟି ଅଞ୍ଚଳରେ ମାଟି ଅତଡ଼ା ଧସିବା, ଛତିଆଡ଼ିପାରେ ସୀମା ପାତ୍ରଙ୍କ ଘରଭାଙ୍ଗି ପାଣିରେ ମିଶିଯାଇଛି। ବର୍ଷା ଯୋଗୁ ବ୍ରାହ୍ମଣୀ ନଦୀ ଫୁଲୁଥିବା ଦେଖିବାକୁ ମିଳିଛି। ଆଗକୁ ବଡ ବର୍ଷା ବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନିକ ସେବା ଅଧିକାରୀମାନେ ଛୁଟିରେ ଥିବା ଯୋଗୁ କ୍ଷତିଗ୍ରସ୍ତ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ତେଲଙ୍ଗାନାରୁ ଛତ୍ରପୁର ଆସିଲା ଜଣଙ୍କ ମୃତଦେହ

## ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରି ବିସ୍ଫୋରଣ ଘଟଣା

**ଛତ୍ରପୁର,୨।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରେ ଥିବା ଔଷଧ କମ୍ପାନୀ ସିଗାଚି ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡର ଫ୍ୟାକ୍ଟ୍ରିରେ ସୋମବାର ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏବେ ବି ବହୁ ଲୋକ ନିଖୋଜ ଅଛନ୍ତି। ମୃତାହତଙ୍କ ମଧ୍ୟରେ ଗଞ୍ଜାମ ଜିଲାର କେତେଜଣ ରହିଥିବା ସୂଚନା ରହିଛି। ସେଥିମଧ୍ୟରୁ ଛତ୍ରପୁର ରାମକ୍ରିଷ୍ଣା ନଗରର ଆର. ଭି. ଜଗନମୋହନ(୫୭)ଙ୍କର ମୃତଦେହ ବୁଧବାର ସକାଳୁ ନିଜ ଜନ୍ମମାଟିକୁ ଫେରିଛି। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ଜଗନମୋହନ ପ୍ରାୟ ୩୫ ବର୍ଷ ହେଲା ତେଲଙ୍ଗାନାରେ ରହୁଥିଲେ। ସ୍ତ୍ରୀ, ଦୁଇ ପୁଅ ମଧ୍ୟ ସେଠାରେ ରହୁଥିଲେ। ଜଗନମୋହନ ଉକ୍ତ ଔଷଧ କମ୍ପାନୀରେ ଦୀର୍ଘ ୨୦ ବର୍ଷ ହେଲା କାମ କରୁଥିଲେ। କମ୍ପାନୀ ଫ୍ୟାକ୍ଟ୍ରି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା। ରାସାୟନିକ ପ୍ରତିକ୍ରିୟାରୁ ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି। ଏଥିରେ ଗଞ୍ଜାମ ଜିଲାର ଅନେକ ଲୋକ ଆହତ ହୋଇଥିବାରୁ ସେଠାରେ ସେମାନଙ୍କ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକ ପରିବାରକୁ ୧ କୋଟି ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବେ ବୋଲି କହିଛନ୍ତି। ଓଡିଶା ସରକାର ମଧ୍ୟ କିଛି ଆର୍ଥିକ ସହୟତା ପ୍ରଦାନ ପାଇଁ ଏଠାକାର ଜନସାଧାରଣ ନିବେଦନ କରିଛନ୍ତି।

# ଡିଏନ୍‌ଏ ଟେଷ୍ଟ ପାଇଁ ତେଲଙ୍ଗାନା ଗଲେ ୨ ଶ୍ରମିକଙ୍କ ପରିବାର ସଦସ୍ୟ

- ଝରିଗାଁ କୋଦଭଙ୍ଗା ଗ୍ରାମର ୨ ଜଣଙ୍କ ମୃତ୍ୟୁ ସନ୍ଦେହ
- ରିପୋର୍ଟ ଆସିବା ପରେ ପରିବାର ଲୋକଙ୍କୁ ଦିଆଯିବ ମୃତଦେହ



ରମେଶ ଗୌଡ଼



ଚଇତୁ ଭତ୍ରା

**ଝରିଗାଁ,୨।୭(କିଶୋର ଚନ୍ଦ୍ର ମଣ୍ଡଳ)**

ତେଲଙ୍ଗାନାର ସାଙ୍ଗାରେଡ୍ଡି ଜିଲା ଶାମୟାଲାରାମରେ ଥିବା ସିଗାଚି ଇଣ୍ଡଷ୍ଟ୍ରିଜ ଔଷଧ କାରଖାନାରେ ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ସେଥିରେ ଝରିଗାଁ ବ୍ଲକ୍ ଭିକ୍ଷା ପଞ୍ଚାୟତ କୋଦଭଙ୍ଗା ଗ୍ରାମର କୃଷ୍ଣ ଗୌଡ଼ଙ୍କ ପୁଅ ରମେଶ ଗୌଡ଼ (୨୨) ଏବଂ ହରିଚନ୍ଦ୍ର ଭତ୍ରାଙ୍କ ପୁଅ ଚଇତୁ ଭତ୍ରା(୨୩)ଙ୍କ ମୃତ୍ୟୁ ହୋଇଥିବା ନେଇ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଝରିଗାଁ ବ୍ଲକ୍‌ରୁ ଯାଇଥିବା ଅନ୍ୟ ଯୁବକମାନେ ଖବର ଦେଇଥିଲେ। ୨ ଶ୍ରମିକଙ୍କ ମୃତଦେହ ନେବା ସକାଶେ ଉଭୟ ପରିବାରର ସଦସ୍ୟଙ୍କୁ ଡିଏନ୍‌ଏ ଟେଷ୍ଟ କରାଯିବାକୁ କୁହାଯାଇଥିଲା। ତେଣୁ ବୁଧବାର ରମେଶଙ୍କ ବଡ଼ ଭାଇ ବଳି ଗୌଡ଼ ଏବଂ ଚଇତୁଙ୍କ ସମ୍ପର୍କୀୟ ଭାଇ କୁମ ଭତ୍ରା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଡିଏନ୍‌ଏ ରିପୋର୍ଟ ଆସିବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ ଯେ, ଝରିଗାଁ ବ୍ଲକର ପ୍ରାୟ ୨୦ ଜଣ ଯୁବକ ଉକ୍ତ ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିଲେ। ଦୁର୍ଘଟଣା ଘଟିବା ପୂର୍ବରୁ ୧୮ ଜଣ ଯୁବକ ଜଳଖିଆ ଖାଇବାକୁ ଫ୍ୟାକ୍ଟ୍ରିରୁ ବାହାରକୁ ଆସିଥିଲେ। ଫଳରେ ସେମାନେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା କହିଛନ୍ତି।

# ବନ୍ଧୁକ ଦେଖାଇ ଇଣ୍ଡିଆନ୍ ବ୍ୟାଙ୍କରୁ ୨୨ଲକ୍ଷ ଟଙ୍କା ଲୁଟ୍

**ନୟାଗଡ଼,୨।୭(ଲୋକନାଥ ମିଶ୍ର)**

ନୟାଗଡ଼ ସଦର ଥାନା ଜେମାଦେଇପୁରରେ ଥିବା ଇଣ୍ଡିଆନ୍ ବ୍ୟାଙ୍କରୁ ବୁଧବାର ଅପରାହ୍ନ ପ୍ରାୟ ୪.୧୫ରେ ଏକ ବଡ଼ଧରଣର ଲୁଟ୍ ଘଟଣା ଘଟିଛି। ଲୁଟେରାମାନେ ମୁଖା, ହେଲମେଟ ଓ ମାକ୍ସ ପିନ୍ଧି ବ୍ୟାଙ୍କରେ ପଶି ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମାରପିଟ୍ କରିବା ସହ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ବନ୍ଧୁକ ଓ ବଙ୍କୁଲି ବାଡ଼ି ମାଡରେ ବଣିଆ ମନୋଜ ମହାପାତ୍ର ଓ ବ୍ୟାଙ୍କର ଚତୁର୍ଥ ଶ୍ରେଣୀ କର୍ମଚାରୀ ପାଇକେରା ମଲିକ ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାରପିଟ୍ ସମୟରେ ଚଟାଣରେ ରକ୍ତ ଛିଟା ପଡିଛି। ୩ଟି ବାଇକ୍‌ରେ ୭ଜଣ ଯୁବକ ଆସି ଲୁଟ୍ କରି ବ୍ୟାଗରେ ଟଙ୍କା ଓ ଅଳଙ୍କାର ନେଇ ଫେରାର ହୋଇଯାଇଛନ୍ତି। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ କରୁଛି। ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ରାସ୍ତାକୁ ଅବରୋଧ କରାଯାଇ ଯାଞ୍ଚ ଚାଲିଛି। ତେବେ ଲୁଟେରାମାନେ ବ୍ୟାଙ୍କ କର୍ମଚାରୀଙ୍କ ମୋବାଇଲ ଛଡାଇ ନେବା ମହଙ୍ଗା ପଡିଛି। ବ୍ୟାଙ୍କ ମ୍ୟାନେଜରଙ୍କ ମୋବାଇଲକୁ ଟ୍ରାକିଂ କରି ପୋଲିସ ବାଉଁଶିଆପଡା ନିକଟରୁ ୨ଜଣ ଲୁଟେରାଙ୍କୁ କାବୁ କରିଛି। ଏପରିକି ଲୁଟ୍ ଟଙ୍କା ଯେଉଁ ବ୍ୟାଗରେ ଲୁଟେରାମାନେ ନେଉଥିଲେ ତାହା ବି ଜବତ ହୋଇଛି। ଲୁଟେରାମାନେ ବାଇକ୍ ଯୋଗେ ଆସିଥିବା ସ୍ପଷ୍ଟ ହୋଇଛି।

# ମାଟିତଳୁ ୩ ମୃତଦେହ ଜବତ

**ଯୋଡ଼ା,୨।୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି କ୍ଷେତ୍ର ବିଛାକୁଣ୍ଡି ନିକଟସ୍ଥ ଦଲପାହାଡ଼ଠାରେ ଚୋରା ମାଙ୍ଗାନିଜ ଖନନ ବେଳେ ଅତଡ଼ା ଧସି ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିଛାକୁଣ୍ଡିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚମ୍ପିଆ (୧୮) ଓ କାଣ୍ଡେ ମୁଣ୍ଡା (୧୯)। ମଙ୍ଗଳବାର ମାଟି ତଳେ ଚାପି ହୋଇ ରହିଥିବାବେଳେ ୮ ଘଣ୍ଟା ପରେ ବୁଧବାର ପୋଲିସ ସେମାନଙ୍କ ମୃତଦେହ ବାହାର କରିଥିଲା।

ପ୍ରକାଶ ଯେ, ବୈତରଣୀ (କ) ସଂରକ୍ଷିତ ଜଙ୍ଗଲରେ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ମୂଲ୍ୟବାନ୍ ମାଙ୍ଗାନିଜ ଚୋରା ଖନନ ଚାଲିଛି। ମଙ୍ଗଳବାର ଅଣ୍ଡରକୋଟ ଏରିଆ ଭିତରେ ପଶି କେତେଜଣ ଖଣିଜ ଖନନ କରୁଥିଲେ। ୩ ରୁ ୪ ଦିନ ଧରି ଲଗାତର ବର୍ଷା ହୋଇଥିବାରୁ ମାଟି ଅତଡ଼ା ଖସି ପଡ଼ିଥିଲା। ଫଳରେ ସେଠାରେ ଖନନ ରତ ୩ ଜଣ ଶ୍ରମିକ ମାଟି ଭିତରେ ଚାପି ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସେଠାରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆସି ସ୍ଥାନୀୟ ଲୋକଙ୍କୁ କହିବା ପରେ ପୋଲିସ ବିଳମ୍ବିତ ରାତିରେ ଖବର ପାଇଥିଲା। ପୋଲିସ, ବନ ବିଭାଗ ଓ ଅଗ୍ନିଶମ ବାହିନୀ ରାତିରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଲଗାଣ ବର୍ଷା, ଦୁର୍ଗମ ଅଞ୍ଚଳ, ବନ୍ୟପ୍ରାଣୀଙ୍କ ଭୟ ହେତୁ ଉଦ୍ଧାର କାର୍ଯ୍ୟ ରାତିରେ ହୋଇପାରି ନ ଥିଲା। ବୁଧବାର ସକାଳେ ଉଦ୍ଧାର କାର୍ଯ୍ୟ ପୁନଃ ଆରମ୍ଭକରି ୩ ଜଣଙ୍କ ମୃତଦେହ ବାହାର କରାଯାଇଥିଲା। ବନବିଭାଗର ଏତଲାକୁ ଭିତ୍ତିକରି ଯୋଡ଼ା ଥାନାରେ ଏକ ମାମଲା (ନଂ.୧୯/୨୫) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ କହିଛନ୍ତି।



ଖଣି ମଧ୍ୟରୁ ମୃତଦେହ ଉଦ୍ଧାର କରାଯାଉଛି।

## ବେଆଇନ ଖଣି ଖନନ ବେଳେ ଅତଡ଼ା ଧସିବା ଘଟଣା

### ଅଘଟଣ ପରେ ପ୍ରଶାସନ ତତ୍ପର

ଖଣିଜ ଖନନ ହେଉଥିବା ଅଞ୍ଚଳକୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ଏକ ଟିମ୍ ଯାଇ ତଦନ୍ତକରି ବନ ବିଭାଗକୁ ଏ ସମ୍ପର୍କରେ ସୂଚନା ଦେଇଥିବା ଯୋଡ଼ା ଖଣିଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗିଆ କହିଛନ୍ତି, ଘଟଣା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହୋଇଥିବାରୁ ବନ ବିଭାଗ ସହିତ ସମନ୍ୱୟ ରକ୍ଷା କରାଯାଇ ତଦନ୍ତ କରାଯାଉଛି। ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜଙ୍କ ସହ ବନ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ବୁଧବାର ଅପରାହ୍ନ ୪ଟା ୩୦ରେ ଘଟଣାସ୍ଥଳରେ ପହଞ୍ଚିଛି। ଡିଏଫ୍‌ଓ ଧନ୍‌ରାଜ କହିଛନ୍ତି, ଏହି ଅଞ୍ଚଳ ଦୁଇ ଖଣି ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବନାଞ୍ଚଳ। ଏହା ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବନ ବିଭାଗର ପାଟ୍ରୋଲିଂ ବେଳେ ନଜରକୁ ଆସିନାହିଁ। ଏହାର ତଦନ୍ତ ଚାଲିଛି। ତେବେ ଏହି ଚୋରା କାର୍ଯ୍ୟ କିଏ କରୁଥିଲେ, କେତେ ଦିନ ଧରି କାର୍ଯ୍ୟ ଚାଲିଥିଲା, ଚୋରା ମାଙ୍ଗାନିଜ କେଉଁଠିକୁ ଚାଲାଣ ହେଉଥିଲା। ଏହାର ତଥ୍ୟ ବନ ବିଭାଗ, ପୋଲିସ କିମ୍ବା ଖଣି ବିଭାଗ କେହି ବି ଏହାର ତଥ୍ୟ ଦେଇପାରି ନାହାନ୍ତି। ସୂଚନାଯୋଗ୍ୟ, ସ୍ପେଶାଲ ଟାସ୍କ ଫୋର୍ସ, ରାଜ୍ୟ ଭିଜିଲାନ୍ସ, ସୁନ୍ଦରଗଡ଼ ଜିଲାର କୋଇଡ଼ା ଖଣି ମଣ୍ଡଳରେ ତନାଘନା ତଦନ୍ତ ଚାଲିଥିବା ବେଳେ ଖଣି ଚୋରମାନଙ୍କ ଲୋଲୁପଦୃଷ୍ଟି ଏବେ ସୁନ୍ଦରଗଡ଼-କେନ୍ଦୁଝର ଜିଲା ସୀମାନ୍ତ ବିଛାକୁଣ୍ଡି, ଚୋରମାଲଦା, ପଳଶା, ପିଢ଼ପୋଖରୀ, ଗଣୁଆ ପ୍ରଭୃତି ଅଞ୍ଚଳରେ ପଡ଼ିଛି। ବିଭାଗୀୟ ମିଳିତ କାର୍ଯ୍ୟାନୁଷ୍ଠାନରେ ୧ ମାସ ମଧ୍ୟରେ ଯୋଡ଼ା ଖଣି ମଣ୍ଡଳରେ ପ୍ରାୟ ୧ ଡଜନରୁ ଅଧିକ ଗାଡ଼ି ଜବତ ହୋଇଛି। ତେଣେ ଖଣି ବିଭାଗ ଏହି ସବୁ ଗାଡ଼ିରୁ ଅଳ୍ପ କିଛି ଜରିମାନା ନେଇ ଛାଡ଼ି ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ଚୋରିରେ ସମ୍ପୃକ୍ତ ଗାଡ଼ି ଅନାୟାସରେ ଖସିଯାଉଛି।

# ଶର୍ଟ ସର୍କିଟ୍‌ରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗରେ ଅଗ୍ନିକାଣ୍ଡ

**ମାଲକାନଗିରି,୨।୭(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବହିର୍ବିଭାଗରେ ଶର୍ଟ ସର୍କିଟ୍‌ରୁ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଅପରାହ୍ନ ପ୍ରାୟ ୨ଟାରେ ଚକ୍ଷୁ ବହିର୍ବିଭାଗ ଡାକ୍ତର ଓ କର୍ମଚାରୀ କାର୍ଯ୍ୟ ସାରି କବାଟ ବନ୍ଦକରି ଯାଇଥିଲେ। ପରେ ଉକ୍ତ ବିଭାଗ କୋଠରିରେ ଧୂଆଁ ଓ ପୋଡ଼ା ଗନ୍ଧ ଆସିବାରୁ ସୁରକ୍ଷା କର୍ମୀମାନେ ସନ୍ଦେହକରି କୋଠରିକୁ ଖୋଲିଥିଲେ। ଭିତରେ ଧୂଆଁ ସହ ଗୋଟିଏ ଏସିରେ ନିଆଁ ଲାଗିଥିବା ଦେଖି ଅଗ୍ନି ନିରାପତ୍ତା ଯନ୍ତ୍ର ଦ୍ୱାରା ଏହାକୁ ଆୟତ କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଡାକ୍ତରଖାନା ସୁରକ୍ଷା କର୍ମୀ ନିଆଁକୁ ଆୟତ୍ତ କରିଥିଲେ। ତେବେ କୌଣସି ସ୍ଥାନରେ ନିଆଁ ଥିବା ସନ୍ଦେହରେ ଅଗ୍ନିଶମ ବିଭାଗ ଦ୍ୱାରା ପାଣି ସିଞ୍ଚନ କରାଯାଇଥିଲା। ତେବେ ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ପ୍ରକୋଷ୍ଠରେ କୌଣସି କ୍ଷତି ହୋଇନାହିଁ, କେବଳ ଗୋଟିଏ ପୁରୁଣା ଏସି ଲାଗିଥିବାରୁ ସେଥିରେ ଶର୍ଟ ସର୍କିଟ ଯୋଗୁ ଏହି ଘଟଣା ଘଟିଛି।

# ମୁଖ୍ୟ ଶାସନ ସଚିବ କାର୍ଯ୍ୟାନୁଷ୍ଠାନ ନେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

## ବାଲେଶ୍ୱର ଆଇନଜୀବୀଙ୍କୁ ପୋଲିସର ଦୁର୍ବ୍ୟବହାର ମାମଲା

**କଟକ,୨।୭(କାର୍ତ୍ତିକ ସାହୁ)**

ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ପୋଲିସର ଦୁର୍ବ୍ୟବହାର ଘଟଣାକୁ ନେଇ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ଏହି ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆର୍‌ସି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶନାମା ପାଇବାର ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗତ ଜୁନ୍ ୬ରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ପ୍ରୋବେସନାରି ଆଇଏଏସ୍ ଅଧିକାରୀ ଶ୍ୟାମଲ କଲ୍ୟାଣରାଓ ଭଗତ ଗାଳିଗୁଲଜ ଓ ଆକ୍ରମଣ କରିବା ନେଇ ଅଭିଯୋଗ ରହିଛି। ଏହି ଘଟଣାରେ ଜୁନ୍ ୯ରେ ପୋଲିସ ବଳପୂର୍ବକ ବରିଷ୍ଠ ଆଇନଜୀବୀ ଦାସଙ୍କୁ ଥାନାରେ ଅଟକାଇବା ଓ ନିର୍ଯାତନା ଦେବା ସହ ତାଙ୍କଠାରୁ ମିଥ୍ୟା ଅପରାଧର ଅଣ୍ଡରଟେକିଂ କରାଇଥିଲେ। ପୁଣି ପରଦିନ ଅର୍ଥାତ୍ ୧୦ ତାରିଖରେ ମିଛ ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ସେକ୍ରେଟାରୀ ଜେନେରାଲ ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରି ନିରପେକ୍ଷ ତଦନ୍ତ ସହ ପୀଡିତଙ୍କୁ କ୍ଷତିପୂରଣ ଏବଂ ଘଟଣାର ସିସିଟିଭି ଫୁଟେଜ ଗଚ୍ଛିତ ରଖିବାକୁ ଆବେଦନରେ ପ୍ରାର୍ଥନା କରିଛନ୍ତି। ଏହି ଘଟଣାରେ ମାନବ ଅଧିକାର ଉଲ୍ଲଂଘନ ହୋଇଥିବା ହୃଦ୍‌ବୋଧ କରି ଘଟଣାର ଏକ ନକଲ ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନ ମଧ୍ୟରେ ପଠାଇବାକୁ ଆଦେଶ ଦେଇଛନ୍ତି।

ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। **–ଶ୍ରୀଅରବିନ୍ଦ**

**–ପର୍ଶୁରାମାଷ୍ଟମୀ ଓ ନବମୀର ସନ୍ଧ୍ୟା ଦର୍ଶନ**




# ପୁରାଣରେ ବାଇବେଲ କାହାଣୀ



ଦେବଦତ୍ତ ପଟ୍ଟନାୟକ

ଭବିଷ୍ୟ ପୁରାଣ ବା ଭବିଷ୍ୟତର ଇତିବୃତ୍ତ ହେଉଛି ସର୍ବପ୍ରାଚୀନ ସଂସ୍କୃତ ଗ୍ରନ୍ଥ, ଯାହାର ପଶ୍ଚିମ ଏସିଆ ପୁରାଣଗୁଡ଼ିକ ସହ ସାମଞ୍ଜସ୍ୟ ରହିଛି। କଳିଯୁଗରେ କ'ଣ ସବୁ ଘଟିବ ସେସବୁର ଭବିଷ୍ୟବାଣୀକୁ ଏହା ଉପସ୍ଥାପନ କରିଥିବାବେଳେ, ଏହାକୁ ଖ୍ରୀଷ୍ଟାବ୍ଦ ୧୦୦୦ରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ଶେଷଭାଗ ପର୍ଯ୍ୟନ୍ତ ବାରମ୍ବାର ନବୀକରଣ କରାଯିବା ପରେ ପାଖାପାଖି ୧୯୦୦ ଶତାବ୍ଦୀରେ ଏହାର ଶେଷ ସଂସ୍କରଣ ପ୍ରକାଶ ପାଇଥିଲା। ଶେଷରେ କୋଲକାତାରେ ଇଂରେଜ ଶାସନ ପ୍ରତିଷ୍ଠା ବିଷୟ ରହିଛି। ଏଥିରେ ରାଣୀ ଭିକ୍ଟୋରିଆଙ୍କୁ ବିକଟବତୀ ବୋଲି କୁହାଯାଇଛି।

ଭବିଷ୍ୟ ପୁରାଣ ସିନ୍ଧୁ ସଭ୍ୟତା ବା ସିନ୍ଧୁ ଦେଶକୁ ନେଇ ହିମାଳୟଠାରୁ ଆରମ୍ଭ କରି ସମୁଦ୍ର ପର୍ଯ୍ୟନ୍ତ ଏକ ଭାରତ (ଭାରତବର୍ଷ)ର ପରିକଳ୍ପନା କରି ଆର୍ଯ୍ୟଦେଶ( ସଭ୍ୟ ମଣିଷଙ୍କ ଭୂମି) ଏବଂ ମ୍ଳେଚ୍ଛଦେଶ(ବର୍ବରଙ୍କ ଭୂମି) ମଧ୍ୟରେ ଏକ ଅନ୍ତର ସୃଷ୍ଟି କରିଛି। ଭାରତବର୍ଷରେ ଚାରି ବର୍ଣ୍ଣର ଲୋକେ ସେମାନଙ୍କ କର୍ତ୍ତବ୍ୟ କରିଥାନ୍ତି। ଆଭିଜାତ୍ୟ ଦ୍ୱିଜ ବର୍ଗର ଲୋକେ ସଂସ୍କୃତ କହନ୍ତି ଏବଂ ପ୍ରାକୃତ ଭାଷା ଶୂଦ୍ର ବା ସେବକ ବର୍ଗର ଲୋକମାନେ କହନ୍ତି। ବିନ୍ଧ୍ୟର ଦକ୍ଷିଣରେ ଥିବା ଦ୍ରାବିଡ଼ ଦେଶରେ ମିଶ୍ରିତ ବର୍ଣ୍ଣର ଲୋକେ ରହନ୍ତି। ଅନ୍ୟ ଏକ ସ୍ଥାନୀୟ ପୁରାଣ ଅନୁଯାୟୀ, ଦ୍ରାବିଡ଼ ଦେଶ ହେଉଛି କ୍ଷତ୍ରିୟବିହୀନ ଭୂମି, ଯେଉଁଠି ଋଷି ଅଗସ୍ତି ଏବଂ ଋଷି ପର୍ଶୁରାମ ସ୍ଥାନୀୟ ଶୂଦ୍ରଙ୍କ ଦ୍ୱାରା ଚାଷ ଓ ଅନ୍ୟସବୁ କାର୍ଯ୍ୟ ସମ୍ପାଦନ କରିଥିବ ବିଷୟ କୁହାଯାଇଛି। ଅନ୍ୟସବୁ ପୁରାଣ ଭଳି ଏହି ଗ୍ରନ୍ଥରେ ସୃଷ୍ଟି ଓ ତା' ପରବର୍ତ୍ତୀ ଚାରି ଯୁଗ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି। ପ୍ରଥମଟି ହେଉଛି ସତ୍ୟ ଯୁଗ ଏବଂ ଏହି ଯୁଗରେ ଇକ୍ଷ୍ୱାକୁ ରାଜାମାନେ ଶାସନ କରୁଥିଲେ। ଦ୍ୱିତୀୟଟି ହେଉଛି ଦ୍ୱାପର ଓ ତୃତୀୟଟି ତ୍ରେତା ଯୁଗ। ଏହି ଯୁଗରେ ସୂର୍ଯ୍ୟବଂଶୀ ଓ ଚନ୍ଦ୍ରବଂଶୀ ରାଜାମାନେ ଶାସନ କରୁଥିଲେ। କିନ୍ତୁ ଏଥିରେ ଏକ ସାମାନ୍ୟ ବିପରୀତ କଥା ଅଛି। ଯଯାତିଙ୍କ ପିଲାମାନେ କେବଳ ପାଣ୍ଡବ, କୌରବ ଓ ଯାଦବ ବଂଶର ପ୍ରତିଷ୍ଠାତା ନୁହନ୍ତି ବରଂ ମ୍ଳେଚ୍ଛମାନଙ୍କ ପ୍ରତିଷ୍ଠାତା, ଯେଉଁମାନେ ବୈଦିକ କର୍ମକାଣ୍ଡରୁ ଦୂରେଇ ରହିଛନ୍ତି। ସେମାନେ ମାରୁଦେଶ ( ସମ୍ଭବତଃ ଥର ମରୁଭୂମି)ରେ ଶରଣାର୍ଥୀ ଭାବେ ରହିଥିଲେ। ଏଥିସହ ପାଣ୍ଡବଙ୍କ ୨୩ତମ ପିଢ଼ିର ବଂଶଜ ହେଉଛନ୍ତି ସତନିକା ବୋଲି କୁହାଯାଇଛି। ତାଙ୍କ ଅଣନାତି କିସ୍‌ମେକାଙ୍କୁ ମ୍ଳେଚ୍ଛମାନେ ହତ୍ୟା କରିଥିଲେ। କିସ୍‌ମେକାଙ୍କ ପୁତ୍ର ପ୍ରଦ୍ୟୋତ




ଏକ ବିରାଟ ମ୍ଳେଚ୍ଛଯଜ୍ଞ ଆୟୋଜନ କରିଥିଲେ, ଯେଉଁଥିରେ ଅନେକ ଶହ ବର୍ବରଙ୍କୁ ବଳି ଦିଆଯାଇଥିଲା। କିସ୍‌ମେକାଙ୍କ ପୁଅ ବେଦବତଙ୍କର କୌଣସି ସନ୍ତାନ ନ ଥିଲେ । ବାସ୍ତବରେ ତାଙ୍କ ଦେହାନ୍ତ ପରେ କଳିଯୁଗ ଆରମ୍ଭ ହୋଇଛି।

ମ୍ଳେଚ୍ଛମାନେ କାଳୀ ବିଷ୍ଣୁଙ୍କୁ ପ୍ରାର୍ଥନା କରି ମ୍ଳେଚ୍ଛଙ୍କ ପୁନରୁଦ୍ଧାର ପାଇଁ କହିଛନ୍ତି। ଏଣୁ ଦେବତାଙ୍କ ମାଟିରୁ ଆଦାମ ଏବଂ ହାୱାବତୀ ଜନ୍ମ ନେଇଛନ୍ତି। ପାର୍ସିଭାଷାରେ ଇଭ୍‌ଙ୍କୁ ହାୱା କହନ୍ତି। ଆଦାମଙ୍କ ନାମକୁ ତାଙ୍କ ଇନ୍ଦ୍ରିୟ ସଂଯମ(ଦମ) ଏବଂ ଭକ୍ତିକୁ ବିଷ୍ଣୁଙ୍କ ସହ ସମ୍ପର୍କିତ କରାଯାଇଛି। ସେମାନେ ଇଷ୍ଟ ଅଫ୍ ପ୍ରଦାନା (ଏହି ନାମ ପାରାଡାଇଜ ଓ ଇଡେନ୍‌ର ନାମକୁ ଏକାଠି କରି ଦିଆଯାଇଛି)ରେ ରହନ୍ତି। ଇଷ୍ଟ ଅଫ୍ ଇଡେନ ହେଉଛି ନିୟମ ଉଲ୍ଲଂଘନକାରୀ ଆଦାମଙ୍କ ପୁତ୍ର କାଇନଙ୍କ ପାଇଁ ଏକ ଖ୍ରୀଷ୍ଟିଆନ କାଳ୍ପନିକ ଶବ୍ଦ। କାଇନ ତାଙ୍କ ଭାଇ ଆବେଲଙ୍କୁ ହତ୍ୟା କରିଥିଲେ। ଆଦାମ ତାଙ୍କ ସ୍ତ୍ରୀଙ୍କୁ ଖୋଜିବା ପାଇଁ ଉଡୁମ୍ବରା ( ଡିମିରି) ଗଛ ପାଖକୁ ଯାଇଛନ୍ତି। ସେଠାରେ କଳିଯୁଗ ନାଗ ପତ୍ରରେ ତିଆରି ହୋଇଥିବା ଏକ ଥାଳିରେ ତାଙ୍କୁ ଫଳ ଦେଇଥିଲେ। ଏଠାରେ ହାୱାବତୀ ଜଣେ ଭଲ ଭାରତୀୟ ନାରୀ ଭାବେ ପ୍ରଥମେ ତାଙ୍କ ସ୍ୱାମୀଙ୍କୁ ଖାଇବାକୁ ଦେଇଛନ୍ତି, ଯଦିଓ ଏହି ଫଳ ଖାଇବାକୁ ବାରଣ କରାଯାଇଛି। ନିୟମ ଭଙ୍ଗ ହୋଇଥିବାରୁ ଦୁଇଜଣଙ୍କୁ ବାହାର କରିଦିଆଯାଇଛି ଏବଂ ସେମାନଙ୍କ ପିଲାମାନେ ମ୍ଳେଚ୍ଛ ହୋଇଛନ୍ତି।

ତା'ପରେ ଆସିଛି ନ୍ୟୁହ(ଖ୍ରୀଷ୍ଟିଆନ ପୁରାଣରେ ନୋହା) କାହାଣୀ। କଳିଯୁଗ ଆରମ୍ଭକୁ ସୂଚିତ କରୁଥିବା ଏକ ବନ୍ୟାରୁ ବଞ୍ଚିବା ପାଇଁ ୭ ଦିନ ମଧ୍ୟରେ ଏକ ଡଙ୍ଗା ତିଆରି କରିବାକୁ ବିଷ୍ଣୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ନ୍ୟୁହ ତାଙ୍କ ସମ୍ପର୍କୀୟଙ୍କ ସମେତ ୮୦,୦୦୦ ମୁନି (ମୌନ ବ୍ରତଧାରୀ ଋଷି) ଓ ସବୁ ଜୀବଙ୍କୁ ଉଦ୍ଧାର କରିଛନ୍ତି। ବର୍ଷା ବନ୍ଦ ହେବା ଏବଂ ହିମାଳୟର ଦୁଇ ଶୃଙ୍ଗ ଆରାକ ଓ ଶିଶିର ମଧ୍ୟରେ ଡଙ୍ଗା ଲାଗିବା ପୂର୍ବରୁ ଋଷିଗଣ ବିଷ୍ଣୁ ଓ ଅନେକ ତାନ୍ତ୍ରିକ ଦେବୀଙ୍କୁ ପୂଜା କରିଛନ୍ତି। ଠିକ୍ ଭାବେ ସଂସ୍କୃତ କହି ପାରୁ ନ ଥିବାରୁ ନ୍ୟୁହ ସିମେଟିକ ଭାଷା (ଯାହା ଡାହାଣରୁ ବାମକୁ ଲେଖାଯାଏ)ରେ କଥା ହେଉଥିଲେ ଏବଂ ତାଙ୍କ ପୁଅମାନଙ୍କର ଯଥା ସୀମା, ସାମ ଓ ଭାବଙ୍କ ପୁନଃ ନାମକରଣ କରି ସୀମା (ଶେମ) ହାମ( ହମ୍) ଏବଂ ଯକୁତ (ଜାଫତେ) ରଖିଥିଲେ(ବାଇବେଲରେ ନୋହାଙ୍କ ତିନି ପୁଅ ଶେମ, ହମ୍ ଓ ଜାଫତେଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି)। ସେମାନଙ୍କ ଭାଷା ନିମ୍ନଗାମୀ ହେବ, କିନ୍ତୁ ପୃଥିବୀରେ ସେମାନଙ୍କ ସଂଖ୍ୟା ବୃଦ୍ଧି ହୋଇ ଅତ୍ୟଧିକ ହେବ ବୋଲି ମା' ସରସ୍ୱତୀ ସେମାନଙ୍କୁ ଅଭିଶାପ ଦେଇଛନ୍ତି।

ପ୍ରୋଫେଟ ମୁଷ ଓ ମୋସେଙ୍କ ନୀତିବାଣୀ ମ୍ଳେଚ୍ଛଙ୍କୁ ପ୍ରେରିତ କରିଛି। କିନ୍ତୁ ଋଷି କଶ୍ୟପ ତାଙ୍କୁ ବିରୋଧ କରିଛନ୍ତି, ଯିଏ ଇଜିପ୍ଟ ଯାଇ ସେଠାରେ ବୈଦିକ ସିଦ୍ଧାନ୍ତ ପ୍ରସାର କରିଛନ୍ତି। ସେ ସେଠାରୁ କେତେଜଣ ମ୍ଳେଚ୍ଛଙ୍କୁ ଭାରତ ଆଣିଥିଲେ, ଯାହାଙ୍କୁ ଋଷି କନ୍ୱଙ୍କ ମାର୍ଗଦର୍ଶନ ଶୂଦ୍ର ଓ ବୈଶ୍ୟରେ ପରିଣତ କରିପାରିଥିଲା। ସେମାନଙ୍କ ପୂର୍ବଜ ହରିୟାଣା (ପୃଥୁ ଦେଶ), ରାଜସ୍ଥାନ (ରାଜପୁତ୍ର –ପୁରମ)ଏବଂ ମଗଧର କେତେକ ଭାଗରେ ବଂଶ ବିସ୍ତାର କରି ରହିଛନ୍ତି। ବିଶେଷକରି ଖ୍ରୀଷ୍ଟାବ୍ଦ ୮୦୦ରେ, ମୁଲତାନ କଶ୍ୟପପୁର ଭାବେ ଜଣାଥିଲା ଏବଂ ଏଠାରେ ଦେବଲ ସ୍ମୃତି ଧର୍ମଶାସ୍ତ୍ର ସ୍ଥାନୀୟ ବ୍ରାହ୍ମଣଙ୍କ ଦ୍ୱାରା ଲେଖାଯାଇଥିଲା। ଯେଉଁମାନେ ଆରବୀୟଙ୍କ ସଂସ୍ପର୍ଶରେ ଆସି ଅପବିତ୍ର ହେଉଥିଲେ ସେମାନଙ୍କୁ ପବିତ୍ର କରିବା ପାଇଁ ଏହି ଶାସ୍ତ୍ର ରଚନା କରାଯାଇଥିଲା।

ଡାର୍କ ଏଜ୍ (ମଧ୍ୟଯୁଗ ଆରମ୍ଭ ସମୟ)ରେ ପ୍ରଥମେ ବିକ୍ରମାଦିତ୍ୟ, ତା ପରେ ଶାଳିବାହାନ ଏବଂ ଶେଷରେ ଖ୍ରୀଷ୍ଟାବ୍ଦ ୧୦୦୦ରେ ମାଲୱାରେ ଶାସନ କରୁଥିବା ଭୋଜ ରାଜାଙ୍କ ଦ୍ୱାରା ବୈଦିକ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରାଯାଇଥିଲା। ବିକ୍ରମାଦିତ୍ୟ ଯିଶୁ(ଇଶାମସିହ)ଙ୍କୁ ଏବଂ ଶାଳିବାହାନ ଓ ତାଙ୍କ କବି କାଳିଦାସ ମୁହାମ୍ମଦ(ମହମ୍ମଦ)ଙ୍କୁ ସାକ୍ଷାତ୍ କରିଥିଲେ। ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୫୦୦ ମଧ୍ୟରେ ଭାରତର ବିଦେଶୀଙ୍କ ସହ ପ୍ରଥମ ସମ୍ପର୍କ ସ୍ଥାପନ ହୋଇଥିବାବେଳେ ଏହିସବୁ ଘଟଣା ଏକ ବିପରୀତ ସ୍ମୃତି ପ୍ରକାଶ କରୁଛନ୍ତି। ସେମାନେ ଭାରତରେ ଆସିବା ପୁରୁଣା ବୈଦିକ ଯୁଗର ଅବସାନକୁ ସୂଚିତ କରେ, ଯାହା ଯମୁନା–ଗଙ୍ଗା ଧୋୟା ଅଞ୍ଚଳର ବ୍ରାହ୍ମଣମାନଙ୍କୁ ପୁରାଣ ମାଧ୍ୟମରେ ହିନ୍ଦୁଧର୍ମ ସମ୍ପର୍କରେ ପୁନର୍ବାର ଚିନ୍ତା କରିବାକୁ ବାଧ୍ୟ କରିଥିଲା ଏବଂ ସେମାନଙ୍କୁ ନୂଆ ସ୍ଥାନକୁ ଚାଲିଯିବାକୁ ପଡ଼ିଥିଲା।

ବାଇବେଲର କାହାଣୀଗୁଡ଼ିକୁ କିଭଳି ପୁନର୍ବାର ବର୍ଣ୍ଣନା କରାଯାଇଛି ତାହା ହିଁ ସବୁଠାରୁ ଆକର୍ଷକ ବିଷୟ। ସେମାନଙ୍କ ସମ୍ପର୍କରେ ସୂଚନା ସମ୍ଭବତଃ ଖ୍ରୀଷ୍ଟିଆନ ନାବିକ କିମ୍ବା ପାରସ୍ୟ ଓ ଆରବୀୟ ବ୍ୟବସାୟୀଙ୍କ ଦ୍ୱାରା ଭାରତୀୟ ବ୍ରାହ୍ମଣ କଥାକାରଙ୍କ ପାଖକୁ ଆସିଥାଇପାରେ। ତେବେ ବାଇବେଲ ବିଷୟବସ୍ତୁକୁ ଚିତ୍ରଣ କରାଯାଇଥିବା ମୋଗଲ ଚିତ୍ରକଳାରୁ ଆମେ ଏହାର ଏକ ମଧ୍ୟ ଝଲକ ପାଉ।

–devduttofficial@gmail.com

# ହଇଜା ଓ ସରକାରୀ ପଦକ୍ଷେପ



ପ୍ରଦୀପ୍ତ କୁମାର କର

ଓଡ଼ିଶାରେ ହଇଜାରେ ଆକ୍ରାନ୍ତ ହେବାର ମୁଖ୍ୟ କାରଣ ହେଉଛି ଗାଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ସହରତଳିଆ ଅଞ୍ଚଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ବିଫଳତା। ୨୪ ଘଣ୍ଟିଆ 'ଡାଇରେକ୍ଟ ୱାଟର ଫ୍ରମ ଟ୍ୟାପ୍' ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନେକ ଜାଗାରେ ପରିମଳ ବ୍ୟବସ୍ଥା ଏତେ ବିଗିଡି ଯାଇଛି ଯେ ସେହି ପୂତିଗନ୍ଧମୟ ପରିବେଶରୁ ହିଁ ହଇଜା ଜୀବାଣୁ ସୃଷ୍ଟି ହୋଇ ଲୋକମାନେ ଆକ୍ରାନ୍ତ ହେଉଛନ୍ତି । ରାଜ୍ୟର ଅନ୍ୟ ସବୁ ସହରକୁ ଯିବା ପୂର୍ବରୁ ଆମେ ଯଦି ଭୁବନେଶ୍ୱରର ତର୍ଜମା କରିବା ତେବେ ଦେଖିବା ଏଠାରେ ଅନେକ ବସ୍ତିରେ ଯେଉଁ ପ୍ରକାରର ଅସ୍ୱାସ୍ଥ୍ୟକର ପରିବେଶରେ ଲୋକେ ରହୁଛନ୍ତି, ସେଠାକୁ ବିଏମ୍‌ସି ଯେତେ ସଫା କଲେ ମଧ୍ୟ ସେମାନେ ଅପରିଷ୍କାର ପରିବେଶରେ ରହିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କୁ ସରକାରଙ୍କ କୌଣସି ସ୍ୱାସ୍ଥ୍ୟ କର୍ମୀ ସଚେତନ କରାଇବା ପାଇଁ ଆସନ୍ତି ନାହିଁ । ଏହା ଛଡ଼ା ଅନେକ ଛୋଟ ଛୋଟ ଖାଇବା ଦୋକାନ, ଢାବା, ଫାଷ୍ଟ ଫୁଡ୍ ଦୋକାନକୁ କୌଣସି ଫୁଡ୍ ଇନ୍ସପେକ୍ଟର ତଦାରଖ ପାଇଁ ଆସନ୍ତି ନାହିଁ। କେବଳ ଯଦି ଏହିପରି କୌଣସି ପରିସ୍ଥିତି ସୃଷ୍ଟି ହୁଏ ବା ସରକାରଙ୍କ ତରଫରୁ ତଦାରଖ ପାଇଁ ଆଦେଶ ଆସେ ତେବେ ଫୁଡ୍ ଇନ୍ସପେକ୍ଟରମାନେ ଜାଗ୍ରତ ହୁଅନ୍ତି । ରାସ୍ତାକଡ଼ରେ ଥିବା ଖାଇବା ଦୋକାନଗୁଡ଼ିକରେ ବାରମ୍ବାର ଛଣା ହେଉଥିବା ତେଲ, ବଳକା ହେଉଥିବା ବାସିଖାଦ୍ୟ ସେମାନେ ବିକ୍ରି କରନ୍ତି ଓ ଲୋକମାନେ ତାହା ଖାଇ ଝାଡ଼ାବାନ୍ତିରେ ପଡ଼ନ୍ତି। ଲୋକମାନଙ୍କର କୌଣସି ବାଛବିଚାର ନାହିଁ। ମେଳା ମହୋତ୍ସବରେ ତ ଏହି ଅସାଧୁ ବ୍ୟବସାୟୀମାନେ ନିଜର ବେପାର ମେଲାଇ ଦିଅନ୍ତି । ଏବେ ପୁରୀରେ ବିକ୍ରି ହେଉଥିବା ଖାଦ୍ୟସାମଗ୍ରୀର ମାନ ନିର୍ଦ୍ଧାରଣ ହେଉଛି କି ନାହିଁ ତାହା ସନ୍ଦେହ ଘେରରେ। କେବଳ କିଛି ଖାଇବା ଦୋକାନୀଙ୍କଠାରୁ ଖାଦ୍ୟ ସାମଗ୍ରୀର ମାନ ଠିକ୍ ନାହିଁ କହି ଫୁଡ୍ ଇନ୍ସପେକ୍ଟରମାନଙ୍କ ତାଙ୍କ କାର୍ଯ୍ୟ ଶେଷ କରିଥାନ୍ତି। । ହଇଜା ବ୍ୟାପୀ ଲୋକେ ଆକ୍ରାନ୍ତ ହେଲେ କେତେ ବା ମଲେ କେତେ ତାଙ୍କର କିଛି ଅବସୋସ ନାହିଁ। ଏସବୁ କେବଳ ସରକାରୀ ଅପାରଗତା ଯୋଗୁ ହିଁ ହେଉଛି।

ଅନେକ ଗାଁ ଓ ସହରରେ ନଳକୂପଗୁଡ଼ିକ ସଫା ହେଉ ନାହିଁ, ଏପରିକି ବଡ଼ ବଡ଼ ପାଣିଟାଙ୍କି ଯାହା ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଥାଏ, ସେଗୁଡିକ ନିୟମିତ ଅନ୍ତରାଳରେ ସଫା ନ ହୋଇ କେବଳ ଗୁଡ଼ାଏ ବ୍ଲିଚିଂ ପାଉଡର ପକାଇ ସରକାର ନିଜର କର୍ତ୍ତବ୍ୟ ସାରିଦିଅନ୍ତି। ରାଜଧାନୀରେ ଥିବା ୱାଟ୍‌କୋର ଅଧିକାରୀମାନେ ଫିଲ୍ଡ ଭିଜିଟ୍ କରନ୍ତି ନାହିଁ ବା କେଉଁଠି ଅସୁବିଧା ଅଛି ବୁଝନ୍ତି ନାହିଁ। କେବଳ ଜୁନିୟର ଅଧିକାରୀମାନଙ୍କ ଦ୍ୱାରା କାର୍ଯ୍ୟ କରାଇ ନେବାକୁ ଚେଷ୍ଟା କରନ୍ତି । ଯଦି କାର୍ଯ୍ୟ ହେଲା ଠିକ୍ ଅଛି ନ ହେଲେ ନାହିଁ । ରାଜ୍ୟରେ ହଇଜା ପାଇଁ ସରକାର ମୁଖ୍ୟତଃ ଦାୟୀ। ଯଦି ପ୍ରତି ବିଧାୟକ ଓ ଏମ୍‌ପି ପରିଷ୍କାର ପାନୀୟ ଜଳ ପାଇ ପାରୁଛନ୍ତି ତେବେ ଯେଉଁ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ବିଜୟୀ ହୋଇଛନ୍ତି ସେମାନଙ୍କୁ ନିର୍ମଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ଏତେ ଅସମର୍ଥ କାହିଁକି। ଏହାର ଉତ୍ତର କିଏ ଦେବ। ଏବେ ବି ସମୟ ଅଛି ହଇଜା ଓ ଡାଇରିଆ ରୋକିବା ପାଇଁ ପ୍ରତି ଗାଁ, ସହର, ଗଳିକନ୍ଦିକୁ ଷ୍ଟେରଲାଇଜ କରିବା ନିହାତି ଆବଶ୍ୟକ। ଖାଦ୍ୟସାମଗ୍ରୀ ବିକ୍ରି କରୁଥିବା ରାସ୍ତାକଡ଼ ଦୋକାନ ସବୁ ବନ୍ଦ ହେବା ଜରୁରୀ । ଆଉ ଗୋଟିଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଯେ, ଗୁପଚୁପବାଲା ଯେତେ ପ୍ରକାର ଖରାପ ଆଳୁ ଆଣି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଅଟା ବେଲି ଗୁପଚୁପ ତିଆରି କରନ୍ତି ଓ ହାଣ୍ଡିକୁ ଭଲ ଭାବରେ ପରିଷ୍କାର ନ କରି ସେଥିରେ ଖଟା ପାଣି ରଖି ଲୋକଙ୍କୁ ଖାଇବାକୁ ଦିଅନ୍ତି। ଯାହା କି ଲୋକମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଏକ ମାଧ୍ୟମ। ଏସବୁ ନିହାତି ଯାଞ୍ଚ ହେବା ଉଚିତ। ଆମ ରାଜଧାନୀରେ ଯେତିକି ଫୁଡ୍ ଇନ୍ସପେକ୍ଟର ରହିବା କଥା ତା' ଠାରୁ ଯଥେଷ୍ଟ କମ୍ ଅଛନ୍ତି,ଏହିଥିରୁ ଅନୁମାନ କରାଯାଏ ଯେ ସାରା ରାଜ୍ୟରେ କେତେ ଫୁଡ୍ ଇନ୍ସପେକ୍ଟର ଥିବେ ଓ କିପରି ଭାବରେ ଶୁଦ୍ଧତାର ସହିତ ଖାଦ୍ୟର ମାନ ନିର୍ଦ୍ଧାରଣ ହେଉଛି ବୁଝିବାକୁ ହେବ। ଦିନେ ଦୁଇ ଦିନ କେବଳ ଉପର ସ୍ତରର ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଫଟୋ ଉଠାଇ ଟିଭି ଓ ଖବରକାଗଜରେ ଦେଖିଦେଲେ ଯଥେଷ୍ଟ। ଏବେ ସାମାଜିକ କାର୍ଯ୍ୟକ୍ରମରେ ପରଷା ଯାଉଥିବା ଖାଦ୍ୟ ମଧ୍ୟ ଯାଞ୍ଚ କରାଯିବା ଦରକାର।

**ସୂର୍ଯ୍ୟନଗର, ଭୁବନେଶ୍ୱର**
**ମୋ:୯୮୬୧୦୭୫୪୦୪**

## ଏଇ ଭାରତରେ

ସ୍ପ୍ରେ ପମ୍ପରୁ ରୋବୋ ତିଆରି କରିଛନ୍ତି ୧୭ ବର୍ଷ ବୟସ୍କ ଆଦିତ୍ୟ ପିଙ୍ଗଲେ। ମହାରାଷ୍ଟ୍ରର ଏହି ବାଳକ ନିର୍ମାଣ କରିଥିବା ରୋବୋ କୀଟନାଶକ ସ୍ପ୍ରେରେ ସାହାଯ୍ୟ କରୁଛି। ଏହାକୁ ମୋବାଇଲ ଦ୍ୱାରା ନିୟନ୍ତ୍ରଣ କରାଯାଇପାରୁଛି । ଏହା ୧୨ ଭୋଲ୍ଟ ରିଚାର୍ଜଯୋଗ୍ୟ ବ୍ୟାଟେରିରେ ଚାଲୁଛି ଏବଂ ୧୬ ଲିଟର କୀଟନାଶକ ଏକାଥରକେ ନେଇ ପାରୁଛି। ଏହା ହାଲୁକା ଓ ଶସ୍ତା ବୋଲି କହନ୍ତି ଆଦିତ୍ୟ। ବିଶେଷକରି କୃଷକମାନେ କୀଟନାଶକ ପ୍ରୟୋଗ କରିବା ସମୟରେ ବିଭିନ୍ନ ଶାରୀରିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ନାସିକ ଜିଲା ଅୱାନଖେଦ ଗାଁର ଆଦିତ୍ୟ ଏହି ରୋବୋକୁ ଖୁବ୍ କମ୍ ଖର୍ଚ୍ଚରେ ନିର୍ମାଣ କରିପାରିଛନ୍ତି। ଏହା ମାଧ୍ୟମରେ ସହଜରେ ଅଧିକ ଜମିରେ କୀଟନାଶକ ସ୍ପ୍ରେ ହୋଇପାରୁଛି। ୨୦୨୩ରେ ଆଦିତ୍ୟ ସଲାମ ବନ୍ଦେ ଫାଉଣ୍ଡେଶନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ କୋର୍ସରେ ନାମ ଲେଖାଇଥିଲେ। ସେଠରୁ ମଧ୍ୟ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତା'ପରେ ରୋବୋ ନିର୍ମାଣ କରିଥିଲେ ଓ ଏଥିରେ ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ ସହଯୋଗ କରିଛନ୍ତି। ଆଦିତ୍ୟଙ୍କ ପିତା ଜଣେ କୃଷକ ଥିଲେ ଓ କୀଟନାଶକ ସ୍ପ୍ରେ କରିବାରେ ସମ୍ମୁଖୀନ ହେଉଥିବା ସମସ୍ୟା ଦୂର କରିବା ଲାଗି ଏଭଳି ରୋବୋ ନିର୍ମାଣ କରିବାକୁ ସେ ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

**୩ ଜୁଲାଇ ୧୯୭୬**

- ଭାରତ ସରକାରଙ୍କ ଦ୍ୱାରା ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ପୂର୍ବ ନେପାଳ କେନାଲଟିକୁ ଏକ ସ୍ୱତନ୍ତ୍ର ଉତ୍ସବରେ ନେପାଳ ସରକାରଙ୍କୁ ହସ୍ତାନ୍ତର କରାଯାଇଛି।
- ଗ୍ରୀସ୍‌ଠାରୁ ଅପହରଣ କରାଯାଇଥିବା ଫ୍ରାନ୍ସର ବିମାନରୁ ପାଲେଷ୍ଟାଇନ ସମର୍ଥୀତ ଗରିଲାମାନେ ୧୦୦ ଜଣଙ୍କୁ ଛାଡ଼ିଦେଇଛନ୍ତି।

## su|do|ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 4 | 2 | | | |
| | 3 | 8 | | | | | | 2 |
| | | | | 5 | | | 4 | |
| | | | 2 | 9 | | | | 3 |
| | 5 | | | 3 | | 9 | | |
| | | | | | 7 | | | 1 |
| | | 6 | 3 | | | 8 | | |
| | | | | | | 6 | 1 | |
| | | 1 | 7 | | 5 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 4 | 9 | 1 | 6 | 7 | 8 | 3 |
| 9 | 6 | 8 | 7 | 2 | 3 | 4 | 5 | 1 |
| 7 | 1 | 3 | 8 | 5 | 4 | 6 | 2 | 9 |
| 5 | 9 | 6 | 1 | 4 | 7 | 8 | 3 | 2 |
| 4 | 8 | 7 | 3 | 9 | 2 | 1 | 6 | 5 |
| 3 | 2 | 1 | 5 | 6 | 8 | 9 | 7 | 4 |
| 8 | 4 | 5 | 2 | 7 | 1 | 3 | 9 | 6 |
| 6 | 7 | 9 | 4 | 3 | 5 | 2 | 1 | 8 |
| 1 | 3 | 2 | 6 | 8 | 9 | 5 | 4 | 7 |

ଗତକାଲିର ଉତ୍ତର

# ପତ୍ରପତ୍ରିକାଠାରୁ କଲେଜ ପିଲାଙ୍କ ଦୂରତା



ଡ. କମଳାକାନ୍ତ ଜେନା

"ଆମେ ତ ଭାଗ୍ୟବାନ ପିଲାରେ। ଆଉ କେ ଆମ ପରି ଥିଲାରେ?'' ପିଲାଦିନେ ଏଇଟା ଆମର ପ୍ରିୟ ଗୀତ ଥିଲା। କିନ୍ତୁ ସେତେବେଳେ ଆମେ ଯେତେ ଭାଗ୍ୟବାନ ନ ଥିଲୁ, ଏବେ ଆମ ପିଲାମାନେ ତା'ଠାରୁ ଅଧିକ ଭାଗ୍ୟବାନ। 'ବିଜ୍ଞାନଯୁଗ'ର ଗବେଷଣା ଆମର ଭାଗ୍ୟବାନ ପିଲାଙ୍କୁ ମୋବାଇଲ ଓ କମ୍ପ୍ୟୁଟର ଦେଇଛି । ତେଣୁ ସାରା ଦୁନିଆର ଖବର ସେମାନଙ୍କ ଆଙ୍ଗୁଳି ଟିପରେ ରହିଛି । ସବୁ କିସମର ସାହିତ୍ୟ ତାଙ୍କ ମୋବାଇଲ ଓ ଲାପ୍‌ଟପ୍ ଭିତରେ ଅଛି । ହୁଏତ ସେଇଥିପାଇଁ ଛପା ଯାଉଥିବା ପତ୍ରପତ୍ରିକା ପ୍ରତି ଆମ ପିଲାଙ୍କର ଆକର୍ଷଣ ରହୁନାହିଁ । ଆଜିକାଲି ପୁଣି ସ୍କୁଲ–କଲେଜର ୟୁନିଟ୍ ଟେଷ୍ଟ, ଷାଣ୍ମାସିକ ପରୀକ୍ଷା, ବାର୍ଷିକ ପରୀକ୍ଷା, ମିଡ୍–ସେମିଷ୍ଟର, ଏଣ୍ଡ୍–ସେମିଷ୍ଟର ଇତ୍ୟାଦି ପରୀକ୍ଷା ବ୍ୟବସ୍ଥା ସାଙ୍ଗକୁ ସିବିସିଏସ୍ ଓ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)–୨୦୨୦ପାଠ୍ୟକ୍ରମ । ତେଣୁ ପତ୍ରପତ୍ରିକାର ଗଳ୍ପପ୍ରବନ୍ଧ ପଢ଼ିବା କିମ୍ବା ପତ୍ରପତ୍ରିକା ପାଇଁ ଲେଖିବା ଲାଗି ଆଜିକାଲି ସେମାନଙ୍କ ପାଖରେ ବୋଧହୁଏ ସମୟ ନାହିଁ । ସେମାନେ ହୁଏତ ଦିନରାତି କେବଳ ପରୀକ୍ଷା କଥା ଚିନ୍ତା କରୁଛନ୍ତି। ଆଉ ଯେଉଁ ପିଲାମାନଙ୍କର ପାଠରେ ଆଗ୍ରହ ନାହିଁ, ସେମାନେ ମୋବାଇଲ୍ ପରଦାକୁ ଅନେଇ ସମୟ କାଟୁଛନ୍ତି। ସମୟ କାଟିବା ଲାଗି ମୋବାଇଲ ଏବେ ବହୁମୁଖୀ ମାଧ୍ୟମ। ଜଣେ ପତ୍ରପତ୍ରିକାରେ ଲେଖିଲେ ଯେତିକି ଆନନ୍ଦ ପାଏ, ବୋଧହୁଏ ସେମାନେ ମୋବାଇଲକୁ ଅନେଇ ସେଇ ଖୁସି ପାଇପାରୁଛନ୍ତି। ହାତରେ କଲମ ଧରି ଲେଖିବା ବି ସେମାନଙ୍କୁ ପସନ୍ଦ ନୁହେଁ। ସେଭଳି ପରିସ୍ଥିତିରେ ପତ୍ରପତ୍ରିକା ପାଇଁ ସେମାନଙ୍କଠାରୁ ଲେଖାଟିଏ ଆଶା କରିବା କେମିତି? ତଥାପି ଏବେ ବି ସ୍କୁଲ ଓ କଲେଜରେ କେତେଜଣ ପିଲା ଅଛନ୍ତି ଯେଉଁମାନେ ନିୟମିତ ପତ୍ରପତ୍ରିକା ପଢ଼ନ୍ତି ଓ ଗଳ୍ପ–କବିତା–ପ୍ରବନ୍ଧ ବି ଲେଖନ୍ତି। ଅବଶ୍ୟ ସେମାନଙ୍କର ସଂଖ୍ୟା ଖୁବ୍ କମ୍। କିନ୍ତୁ ଲେଖାଲେଖି କରୁଥିବାରୁ ସେମାନଙ୍କୁ ସ୍କୁଲ–କଲେଜରେ ସମସ୍ତେ ଜାଣିଥାଆନ୍ତି। ପତ୍ରପତ୍ରିକାରେ ସେମାନଙ୍କର ଲେଖା ପ୍ରକାଶିତ ହେଲେ ସାଙ୍ଗମାନେ ଶୁଭେଚ୍ଛା ଜଣାନ୍ତି, ଯାହାକି ସେମାନଙ୍କୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରେ।

ଆଜିକାଲି ପିଲାମାନଙ୍କୁ ପତ୍ରପତ୍ରିକାରେ ଲେଖାଲେଖି କରିବା ବିଷୟରେ ପଚାରିଲେ ସେମାନେ କୁହନ୍ତି, 'ପତ୍ରପତ୍ରିକା ପଢ଼ିବାକୁ ସମୟ ନାହିଁ। ପୁଣି ଏତେ ପାଠ ଚାପରେ ଲେଖାଲେଖି କରିବା ପାଇଁ ସମୟ ନାହିଁ। କିନ୍ତୁ ସବୁବେଳେ ପାଠ ପଢ଼ିଲେ ଯେ ଗପକବିତା ଲେଖିବାକୁ ସମୟ ହେବ ନାହିଁ, ସେକଥା ସତ ନୁହେଁ । ଇଚ୍ଛା ଥିଲେ ସମୟ ଆପେ ଆପେ ଆସିବ । ସମସ୍ତଙ୍କ ପାଇଁ ଦିନରାତି ମିଶି ୨୪ ଘଣ୍ଟା । ନିଜର ପାଠପଢ଼ା ସହିତ ଯେଉଁମାନେ ଲେଖାଲେଖି କରୁଛନ୍ତି, ସେମାନଙ୍କ ପାଇଁ ଦିନରାତି ମିଶି ୩୦ ଘଣ୍ଟା ହୋଇଯାଉ ନାହିଁ। ତେଣୁ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସହିତ ସାହିତ୍ୟରେ ରୁଚି ରଖିବା କଥା। ସାହିତ୍ୟ ରଚନା ଏକ ସମାଜ ସେବା। ଆମେ ଲୋକଙ୍କ ପାଖକୁ ନ ଯାଇ ସାହିତ୍ୟ ରଚନା ଦ୍ୱାରା ମାନସିକ ସ୍ତରରେ ସେମାନଙ୍କ ସହିତ ସଂଯୁକ୍ତ ହୋଇପାରିବା।

ଯେତେବେଳେ କୌଣସି ପତ୍ରପତ୍ରିକାରେ ଗଳ୍ପ–କବିତା–ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଘୋଷଣା ହୁଏ, ସେତେବେଳେ ପତ୍ରପତ୍ରିକାରେ ନିୟମିତ ଲେଖୁଥିବା ପିଲାମାନେ ପ୍ରତିଯୋଗିତାରେ ଭାଗ ନେବା ସ୍ୱାଭାବିକ କଥା। କିନ୍ତୁ ସେହି ପ୍ରତିଯୋଗିତାରେ ଅନ୍ୟ ପିଲାମାନେ ବି ଭାଗ ନିଅନ୍ତି। ପତ୍ରପତ୍ରିକାରେ ରୁଚି ରଖୁ ନ ଥିବା ପିଲାମାନଙ୍କର ପ୍ରତିଯୋଗିତା ପାଇଁ ଗଳ୍ପ–କବିତା–ପ୍ରବନ୍ଧ ଲେଖିବାକୁ ଆଗ୍ରହ ଆସେ। ବୋଧହୁଏ ପୁରସ୍କାର ଓ ପ୍ରମାଣପତ୍ର ଲାଭ କରିବା ପାଇଁ ସେହି ପିଲାଙ୍କର ଆଗ୍ରହ ଜନ୍ମ ହୁଏ। ପ୍ରତିଯୋଗିତା ସକାଶେ ଗଳ୍ପ–କବିତା–ପ୍ରବନ୍ଧ ଲେଖିବା ଆଗରୁ ସେହି ପତ୍ର ବା ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକୁ ପଢ଼ନ୍ତି ଓ ସେହି ଶୈଳୀରେ ଲେଖିବାକୁ ପ୍ରୟାସ କରନ୍ତି। ପୁରସ୍କାର ଆଶାରେ ନୂଆକରି ପଢୁଥିବା ଲେଖାଗୁଡିକ ସମ୍ପୂର୍ଣ୍ଣ ଭାବରେ ସେହି ପିଲାଙ୍କର ମନକୁ କିଣି ନ ପାରିଲେ ବି ତାଙ୍କ ହୃଦୟରେ କିଛି ସମୟ ପାଇଁ ଭାବାନ୍ତର ସୃଷ୍ଟି ହୁଏ ଓ ତାଙ୍କ ମନରେ ଟିକିଏ ଆନନ୍ଦ ଭରିଦିଏ । ବେଳେବେଳେ ଏହା ଏକ ଭିନ୍ନ ମୋଡ ନିଏ। ପ୍ରତିଯୋଗିତାରେ ପୁରସ୍କାର ଜିତିବା ଆଶାରେ ଲେଖିବା ଆରମ୍ଭ କରିଥିବା କିଛି ପିଲାଙ୍କର ସବୁବେଳେ ଲେଖିବା ପାଇଁ ଆଗ୍ରହ ସୃଷ୍ଟିହୁଏ। ତେଣୁ ପ୍ରତିଯୋଗିତା ମାଧ୍ୟମରେ ନବୀନ କବି ଓ ପ୍ରାବନ୍ଧିକ ସୃଷ୍ଟି ହୁଅନ୍ତି। ଧୀରେ ଧୀରେ ସେମାନେ ନିୟମିତ ପାଠକ ଓ ଲେଖକ ହୋଇଯାଆନ୍ତି।



ପଢ଼ିବା ସମୟରେ ପିଲାମାନେ ଭାବନ୍ତି ଯେ, ଲେଖାଲେଖିରେ ପେଟ ପୂରିବନି କି ଲେଖାକୁ ଦେଖି କେହି ଚାକିରି ଦେବନି। ସେମାନଙ୍କର ଏହି ଭାବନା ଭୁଲ୍। ସତ କହିଲେ, ସ୍କୁଲ ବା କଲେଜର ପାଠକୁ ଘୋଷିଦେଲେ ଚାକିରି କେହି ଦେବେନି। ପାଠ ପଢି ଚିନ୍ତାଶକ୍ତିର ବିକାଶ ପୂର୍ବକ ସାମାଜିକ ସମସ୍ୟାର ସମାଧାନ ଦକ୍ଷତା ପିଲାଙ୍କୁ ଚାକିରି ଦିଏ। ବିଭିନ୍ନ ଚାକିରି ପାଇଁ ହେଉଥିବା ପ୍ରତିଯୋଗିତାରେ ସେହି ଦକ୍ଷତାର ମାପ କରାଯାଏ। ଜଣେ ସ୍କୁଲ ଓ କଲେଜ ଜୀବନରୁ ପାଠପଢ଼ା ସହିତ ବିଭିନ୍ନ ବିଷୟ ଉପରେ ପତ୍ରପତ୍ରିକାରେ ଲେଖିଲେ ତା'ର ଚିନ୍ତାଶକ୍ତିର ବିକାଶ ହେବ ଓ ସାମାଜିକ ସମସ୍ୟାର ସମାଧାନ ଦକ୍ଷତା ବୃଦ୍ଧିପାଇବ। ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଦକ୍ଷତା ଜାଣିବା ସକାଶେ ଚାକିରିରେ ସାକ୍ଷାତ୍‌କାର ପରୀକ୍ଷା ହୁଏ। ଜଣେ ପିଲା ସାକ୍ଷାତ୍‌କାର ପରୀକ୍ଷାରେ ଏତେ କମ୍ ସମୟ ଭିତରେ ନିଜର ବ୍ୟକ୍ତିତ୍ୱ ଓ ଦକ୍ଷତାକୁ ବିଚାରକମଣ୍ଡଳୀ ସମ୍ମୁଖରେ ଉପସ୍ଥାପନ କରିବା ସମ୍ଭବ ନୁହେଁ। କିନ୍ତୁ ପିଲାର ଲେଖକୀୟ କୃତି ବ୍ୟକ୍ତିତ୍ୱ ଉପସ୍ଥାପନ କରିବାରେ ସହାୟତା କରିପାରିବ। ସମାଜ ସେବା ପ୍ରତି ପିଲାଟିର ପ୍ରତିଶ୍ରୁତିବଦ୍ଧତା ବିଷୟରେ ପ୍ରମାଣ ଦେବ। ଖାଲି ପାଠ ପଢି ନମ୍ବର ନେଇକି ଆସିଥିବା ପିଲାଠାରୁ ସ୍କୁଲ କଲେଜ ସମୟରୁ ଲେଖାଲେଖି କରୁଥିବା ପିଲାର ବିଚାରଧାରା ଉନ୍ନତ ବୋଲି ବିଚାରକ ମଣ୍ଡଳୀ ଏକମତ ହେବେ। ସେହି ପ୍ରତିଭା ନିଶ୍ଚୟ ପିଲାଟିକୁ ଚାକିରି ଦେବାରେ ସହାୟକ ହେବ।

କେବଳ ପତ୍ରପତ୍ରିକାରେ ଲେଖିବା କଥା ନୁହେଁ, ବରଂ ପିଲାଙ୍କର ସର୍ବାଙ୍ଗୀନ ବିକାଶ କଥା କହିବା। ପାଠ ପଢିବା ସହିତ ଜନ ହିତକର ସାମାଜିକ ସେବାରେ ପିଲାଙ୍କର ଯୋଗଦାନ ରହିବା ଜରୁରୀ। ଛାତ୍ର ଜୀବନରୁ ରକ୍ତଦାନ କରିବା, ବୁଢାବୁଢୀମାନଙ୍କୁ ପାଠ ପଢ଼େଇବା, ଗାଆଁକୁ ଯାଇ ଲୋକମାନଙ୍କ ସହିତ ମିଶିବା, ଗଛ ଲଗେଇବା, ପରିବେଶକୁ ନିର୍ମଳ ରଖିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା – ଏମିତି ଅନେକ ରହିଛି, ଯେଉଁଥିରେ ସ୍କୁଲ କଲେଜର ପିଲାମାନେ ପରୋକ୍ଷ ଓ ପ୍ରତ୍ୟକ୍ଷରେ ସମାଜ ମଙ୍ଗଳ ଦିଗରେ ପ୍ରୟାସ କରିପାରିବେ। ଏହା ଆଗାମୀ ଦିନରେ ସେମାନଙ୍କୁ ସଫଳ ନାଗରିକ ହେବାରେ ସହାୟତା କରିବ।

**ଓଇଏସ୍ (ଏ), ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ମୋ:୯୪୩୯୫୦୧୬୫୧**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ

ମହାଶୟ,

ସନ୍ଧ୍ୟା ପରେ ଘନ ଅନ୍ଧକାରରେ ଲାଇଟ ଜଳାଇ ରଥ ଟଣାଇବାରେ ଯେଉଁପ୍ରକାର ଦୁଃଖଦାୟକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି, ସେଥିପାଇଁ ମୁଖ୍ୟତଃ ପ୍ରଶାସନ ଦାୟୀ ବୋଲି କହିବାରେ କିଛି ଭୁଲ୍ ହେବନାହିଁ। ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେରେ ରଥଯାତ୍ରା ପରି ମହାବିଭ୍ରାଟ ଓ ବିଶୃଙ୍ଖଳାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତାର ସହ ଧ୍ୟାନ ଦେବାକୁ ଅନୁରୋଧ। ସୁରକ୍ଷାରେ ନିୟୋଜିତ ପୋଲିସ ଓ ଅନ୍ୟାନ୍ୟ ଅଧିକାରୀମାନେ ରଥ ଦଉଡ଼ିର ୫୦ ପ୍ରତିଶତ ସେମାନଙ୍କ ଅଧିକାରରେ ରଖିଥିବା ହେତୁ ଭକ୍ତମାନେ ରଥଟାଣିବାର ଦିବ୍ୟ ଅନୁଭବର ସୌଭାଗ୍ୟ ଅର୍ଜନ କରିପାରିଲେ ନାହିଁ। ପ୍ରଶାସନର ଗୋଟିଏ ଦିନରେ ରଥ ଲଗାଇବାର ଶ୍ରେୟତା ନେବା ଅପେକ୍ଷା ଶ୍ରଦ୍ଧାଳୁଙ୍କ ମୂଲ୍ୟବାନ ଜୀବନକୁ ସୁରକ୍ଷା ଦେବା ଉଚିତ। ରାତ୍ରିରେ ଲାଇଟ ଜଳାଇ ରଥ ଟଣାଯିବା ଆଦୌ ଯୁକ୍ତିସଙ୍ଗତ ନୁହେଁ । ଫଳରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଜୀବନକୁ ବାଜିଲଗାଇ ରଥଟାଣିବାରେ ଜୀବନ ସଙ୍କଟାପନ୍ନ ହେବାରେ ପ୍ରଶାସନର ଦୂରଦୃଷ୍ଟି ଅଭାବ ବୋଲି କୁହାଯିବ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ବିହୁନେ ଏ ଜଗତ–ପଥ ଅମାକାର,
ମୁହିଁ ସିନା ସୃଷ୍ଟି, ତୁ ଯେ ସ୍ରଷ୍ଟା ତୁ ଯେ କବି !
ମୁଁ ଦେଖାଏଁ ରୂପ ମାତ୍ର ତୋର ପ୍ରେମେ ଦ୍ରବି
କୋମଳ ବୋଲାଏଁ ମୁହିଁ, ତୋହରି ଆକାର
ସ୍ମରି ନିଶିଦିନ ମୁଁ ଯେ ସୁନ୍ଦରୀ ଜଗତେ !
–(ପ୍ରକୃତ–ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୂଚନା କମିଶନଙ୍କ କ୍ଷମତା ଓ ଦାୟିତ୍ୱ

ସୂଚନା ଅଧିକାର ଆଇନରେ ସୂଚନା କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। ଆଇନର ଧାରା ୧୫ (୪) ଅନୁଯାୟୀ ସୂଚନା କମିଶନ କୌଣସି କର୍ତ୍ତୃପକ୍ଷଙ୍କ ପ୍ରଭାବର ବଶବର୍ତ୍ତୀ ନ ହୋଇ ଏକ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥା ଭାବେ କାର୍ଯ୍ୟ କରିବ। ରାଜ୍ୟରେ ସୂଚନା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରେଇବା ଓ ସୂଚନା ପାଇବାରୁ ବଞ୍ଚିତ ନାଗରିକଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସୂଚନା କମିଶନଙ୍କୁ ଯଥେଷ୍ଟ କ୍ଷମତା ଦିଆଯାଇଛି। ସୂଚନା ଅଧିକାର ଆଇନର ଧାରା ୧୮, ୧୯ ଏବଂ ୨୦ ଅନୁଯାୟୀ ସୂଚନା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗକାରୀ ନାଗରିକମାନଙ୍କର ଅଭିଯୋଗ / ଅପିଲକୁ ଯଥାଶୀଘ୍ର ଶୁଣାଣି କରିବା, କ୍ଷତିଗ୍ରସ୍ତ ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବା ଓ ସୂଚନା ପ୍ରଦାନରେ ଅବହେଳା କରିଥିବା ଜନ ସୂଚନା ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସୂଚନା କମିଶନଙ୍କ ପ୍ରାଥମିକ କାର୍ଯ୍ୟ। ସୂଚନା ଅଧିକାର ଆଇନର ଧାରା ୧୮ (୩)ରେ ସୂଚନା କମିଶନଙ୍କୁ ସିଭିଲ କୋର୍ଟ କ୍ଷମତା ଦିଆଯାଇଛି। କୌଣସି ଏକ ବିଷୟ ସମ୍ପର୍କରେ ତଦନ୍ତ କଲାବେଳେ ସୂଚନା କମିଶନ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସମନ କରିପାରିବେ, ହାଜର ହେବା ପାଇଁ ବାଧ୍ୟ କରିପାରିବେ, ସତ୍ୟପାଠ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରିପାରିବେ, କୌଣସି ନ୍ୟାୟାଳୟ ବା କାର୍ଯ୍ୟାଳୟରୁ ସରକାରୀ ରେକର୍ଡ ତଲବ କରିପାରିବେ, ସାକ୍ଷୀ ବା ଦସ୍ତାବିଜଗୁଡ଼ିକର ପରୀକ୍ଷାନିରୀକ୍ଷା ପାଇଁ ସମନ ଜାରି କରିପାରିବେ ଇତ୍ୟାଦି। ସୂଚନା ଅଧିକାର ଆଇନ ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରେଇବା ପାଇଁ ସୂଚନା କମିଶନ ବିଭିନ୍ନ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବେ। ସେଗୁଡ଼ିକ ହେଲା ସରକାରୀ କାର୍ଯ୍ୟାଳୟରେ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ନଷ୍ଟ କରିବାର ପ୍ରକ୍ରିୟାରେ ଆବଶ୍ୟକ ପରିବର୍ତ୍ତନ ଆଣିବା, ସୂଚନା ଆଇନର ଧାରା ୪(୧) (ବି)ରେ ୧୭ ପ୍ରକାରର ସ୍ୱୟଂପ୍ରକଟୀୟ ସୂଚନାଗୁଡ଼ିକର ପ୍ରକାଶ ଓ ପ୍ରସାରିତ କରେଇବା, କୌଣସି କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀ ନିଯୁକ୍ତି ହୋଇ ନ ଥିଲେ ନିଯୁକ୍ତି କରେଇବା, ନାଗରିକଙ୍କୁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ସୂଚନା ପ୍ରଦାନ କରେଇବା, ଆଇନ ଉଲ୍ଲଂଘନକାରୀ ଅଧିକାରୀଙ୍କ ବିରୋଧରେ ଶାସ୍ତି ବିଧାନ କରିବା। ଏହା ସହିତ ସୂଚନା କମିଶନ ସୂଚନା ଆଇନର କାର୍ଯ୍ୟକାରିତା ଉପରେ ପ୍ରତି ବର୍ଷ ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବେ। ସୂଚନା ଆଇନର ଧାରା ୨୫ (୫)ରେ ସୂଚନା କମିଶନଙ୍କୁ ଏକ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ସୂଚନା କମିଶନ ଯଦି ଅନୁଭବ କରନ୍ତି ଯେ, ଯଦି କୌଣସି ଜନ କର୍ତ୍ତୃପକ୍ଷ ଆଇନକୁ କାର୍ଯ୍ୟକାରୀ କରେଇବା କ୍ଷେତ୍ରରେ ଠିକ୍ ପଦ୍ଧତି ଅନୁସରଣ କରୁନାହାନ୍ତି, ତେବେ କମିଶନ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇପାରିବେ।

ଓଡ଼ିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ରୁଲ୍ ୨୦୦୬ର ରୁଲ୍ ୭ (୧) (ସି) ଆଧାରରେ ସୂଚନା କମିଶନ କୌଣସି ଏକ ଘଟଣାର ତଦନ୍ତ ପାଇଁ ଯେକୌଣସି ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇପାରିବେ। ଏହା ସହିତ ରୁଲ୍ ୬ (୪) ଅନୁଯାୟୀ କମିଶନ କୌଣସି ଏକ ଅଭିଯୋଗ ବା ଅପିଲର ଫଇସଲା କଲାବେଳେ ଶୁଣାଣି ନ କରି ମନଇଚ୍ଛା କେସ୍ ବନ୍ଦ କରିପାରିବେ ନାହିଁ।

ଆମ ରାଜ୍ୟରେ ଦୀର୍ଘ ୨୦ ବର୍ଷ ମଧ୍ୟରେ ସୂଚନା କମିଶନ ସୂଚନା ଆଇନର କ୍ରିୟାଶୀଳତା ବୃଦ୍ଧି କରେଇବାରେ ବା ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଅବଶ୍ୟ ସୂଚନା କମିଶନଙ୍କ ଏହିସବୁ ନିଷ୍ପତ୍ତି ଉପରେ ଓଡ଼ିଶା ହାଇକୋର୍ଟ ରହିତାଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀ ନିଯୁକ୍ତି କରାଇବା, ସ୍ୱେଚ୍ଛାକୃତ ସୂଚନାଗୁଡ଼ିକୁ ଓଡ଼ିଆ ଭାଷାରେ ପ୍ରକାଶ କରାଇବା, ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ମାମଲା ଶୁଣାଣି କରିବା, ସ୍ୱେଚ୍ଛାକୃତ ସୂଚନା ପ୍ରକଟନ ବ୍ୟବସ୍ଥାକୁ ନବୀକରଣ କରିବା, ସୂଚନା ଆଇନର ଧାରା ୪ ବ୍ୟବସ୍ଥାଗୁଡ଼ିକର ଅନୁପାଳନ ପାଇଁ ବାରମ୍ବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା, ଅନ୍‌ଲାଇନ୍ ଆବେଦନ ବ୍ୟବସ୍ଥା କରାଇବା ଇତ୍ୟାଦି ସୂଚନା କମିଶନ କରିଛନ୍ତି।

କିନ୍ତୁ ଅନେକ କ୍ଷେତ୍ରରେ ସୂଚନା କମିଶନଙ୍କ କାର୍ଯ୍ୟାଳୟ ବିବାଦୀୟ ହୋଇରହିଛି। ସୂଚନା ଆଇନର ଧାରା ୪(୧) (ବି)ର ସ୍ୱୟଂ ପ୍ରକଟନୀୟ ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ କରେଇବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପରେ ସେପରି ପ୍ରଭାବ ପଡ଼ିନାହିଁ। କମିଶନଙ୍କ ବାର୍ଷିକ ରିପୋର୍ଟ ପ୍ରକାଶନ କ୍ଷେତ୍ରରେ ଯଥେଷ୍ଟ ବିଳମ୍ବ ହେଉଛି ଓ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହୁନାହିଁ। ଆଇନ ଉଲ୍ଲଂଘନକାରୀ ଜନସୂଚନା ଅଧିକାରୀଙ୍କ ବିରୋଧରେ ଦଣ୍ଡବିଧାନ କ୍ଷେତ୍ରରେ ସୂଚନା କମିଶନ ଟାଳଟୁଳ ନୀତି ଅବଲମ୍ବନ କରିଆସିଛନ୍ତି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, କମିଶନ ମାତ୍ର ଦୁଇ ଭାଗ ମାମଲାରେ ଦଣ୍ଡବିଧାନ କରୁଛନ୍ତି। ଜଣେ ଜଣେ କମିଶନ ଆଦୌ ଦଣ୍ଡବିଧାନ କରୁନାହାନ୍ତି।

ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ମେ ମାସରେ ସୂଚନା କମିଶନ ମାମଲା ଶୁଣାଣି ନ କରି ୪୮୫ କେସ୍ ଖାରଜ କରିଛନ୍ତି। ତେଣୁ କମିଶନଙ୍କ ଏତାଦୃଶ କାର୍ଯ୍ୟ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଆଇନ ଉପରୁ ଲୋକଙ୍କର ଭରସା ତୁଟି ଯାଉଛି। ତେଣୁ ଆଇନର ରକ୍ଷକ ଭାବେ ସୂଚନା କମିଶନ ତାଙ୍କର ଐତିହାସିକ ଦାୟିତ୍ୱ ନିର୍ବାହ କରି ଆଇନକୁ କ୍ରିୟାଶୀଳ କରେଇବା ଏବଂ ରାଜ୍ୟ ପ୍ରଶାସନର ସ୍ୱଚ୍ଛତା ସହିତ ଲୋକଙ୍କର ଆସ୍ଥାଭାଜନ ହେବା ଜରୁରୀ।

–ପ୍ରଦୀପ ପ୍ରଧାନ
ମୋ. ନଂ.–୯୯୩୭୮୪୩୪୮୨

# ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକବିହୀନ ବିଶ୍ୱ ଲାଗି ଆହ୍ୱାନ

## ଅନ୍ତର୍ଜାତୀୟ ପ୍ଲାଷ୍ଟିକ ବ୍ୟାଗ ମୁକ୍ତ ଦିବସ ଆଜି

୨୦୦୮ ମସିହାରୁ ପ୍ରତିବର୍ଷ ଜୁଲାଇ ୩ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ପ୍ଲାଷ୍ଟିକ ବ୍ୟାଗ ମୁକ୍ତ ଦିବସ। ଏହି ଦିବସ ପାଳନର ଲକ୍ଷ୍ୟ ହେଉଛି ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ବନ୍ଦ କରିବା। ଏଥିସହ ପ୍ଲାଷ୍ଟିକ ପ୍ରଦୂଷଣର ପରିବେଶ ପ୍ରଭାବ ବିଷୟରେ ଜନ ସଚେତନତା ସୃଷ୍ଟି କରିବା। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ 'ବିଶ୍ୱକୁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକରୁ ମୁକ୍ତ କରିବାକୁ ଆହ୍ୱାନ' ଦିଆଯାଇଛି। ଏହି ଦିବସ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାର ଆବଶ୍ୟକତା ବିଷୟରେ ସ୍ମରଣ ସହ ପୁନଃବ୍ୟବହାରଯୋଗ୍ୟ ବିକଳ୍ପଗୁଡ଼ିକୁ ପରିବର୍ତ୍ତନ କରିବା ଲାଗି ଗୁରୁତ୍ୱାରୋପ କରିଥାଏ।



ସୂଚନାଯୋଗ୍ୟ, ୨୦୦୮ ଜୁଲାଇ ୩ରେ ଜିରୋ ୱେଷ୍ଟ ୟୁରୋପ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ପ୍ରସଙ୍ଗକୁ ଲକ୍ଷ୍ୟ କରି ଏକ ଅଭିଯାନ ଆରମ୍ଭ କରିଥିଲା। ତେବେ ୨୦୧୫ରେ ୟୁରୋପୀୟ ୟୁନିଅନ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ହ୍ରାସ କରିବାକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ପ୍ରବର୍ତ୍ତନ କରିଥିଲା। ଏହି ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହାସଲ କରି କେତେକ ଦେଶକୁ ପ୍ଲାଷ୍ଟିକ ବ୍ୟାଗ ଉପରେ ନିଷେଧାଦେଶ ଲାଗୁ କରିଥିଲା। ସମ୍ପ୍ରତି ଏହି ଦିବସଟି ପୃଥିବୀର ଅନେକ ଦେଶ ଦ୍ୱାରା ପାଳନ କରାଯାଉଥିବା ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ପରିଣତ ହୋଇଛି।

# ସରକାରଙ୍କୁ ସହଯୋଗ କର, କାର୍ଯ୍ୟରେ ଯୋଗଦିଅ

**ଓଆର୍‌ଏସ୍ ସଂଘକୁ ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ**

ଭୁବନେଶ୍ୱର,୨/୭ (ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁଙ୍କୁ ମାଡ଼ ପ୍ରସଙ୍ଗରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନେଇଥିବାବେଳେ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ସଂଘ ଅନୁରୂପ ପନ୍ଥା ଆପଣାଇବ ବୋଲି କହିବା ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ଲୋକସେବା ଭବନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଓଆର୍‌ଏସ୍ ସଂଘକୁ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସେ କହିଥିଲେ, ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ଆଇନକୁ ପ୍ରଭାବିତ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେବେନାହିଁ।

# ପ୍ରାଥମିକ ଶିକ୍ଷାରେ ନୂଆ ପଦବୀ ସୃଷ୍ଟି ସହ ତୁରନ୍ତ ନିଯୁକ୍ତି ଦିଆଯାଉ

ଭୁବନେଶ୍ୱର,୨/୭(ସୁଚିସ୍ମିତା ସାହୁ)

ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି–୨୦୨୦) ଲାଗୁ କରାଯାଇଛି। ହେଲେ ଏନେଇ ବିଭିନ୍ନ ଶିକ୍ଷକ ଓ ଛାତ୍ର ସଂଗଠନ ସହିତ ରାଜ୍ୟ ସରକାର ଆଲୋଚନା କରିନାହାନ୍ତି। ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିବା ପୂର୍ବରୁ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷକ ନିଯୁକ୍ତି ବିଷୟରେ ନିଷ୍ପତ୍ତି ନେଲେନାହିଁ। ସେଥିପାଇଁ ଏବେ ପ୍ରାଥମିକ ଶିକ୍ଷା ନାହିଁ ନାହିଁରେ ଚାଲିଛି। ୪୫ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯାଇଥିବା ବେଳେ କୌଣସି ଭିତ୍ତିଭୂମିର ବିକାଶ କରାଯାଇ ନାହିଁ କିମ୍ବା ସେମାନଙ୍କୁ ପାଠ ପଢାଇବାକୁ ଗୋଟିଏ ହେଲେ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ପଦରେ ୯୦ହଜାରରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ତାହାକୁ ପୂରଣ ନ କରି ଏବେ ଶିଶୁ ସେବିକା ନିଯୁକ୍ତି କରିବାକୁ ଘୋଷଣା କରିଛନ୍ତି। ଶିଶୁ ସେବିକାମାନେ ବିଦ୍ୟାଳୟରେ ବାଲ୍ ବାଟିକା ଶ୍ରେଣୀର ପିଲାଙ୍କର ଯଦି ଯତ୍ନ ନେବେ, ତେବେ ସେମାନଙ୍କୁ ପାଠ ପଢାଇବ କିଏ ବୋଲି ପ୍ରଶ୍ନ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)। ଜୁନ୍ ୧୩ରେ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ପ୍ରାଥମିକ ଶିକ୍ଷାରେ ୪୫ହଜାର ନୂଆ ପଦବୀ ସୃଷ୍ଟି ହେବ ଓ ପ୍ରାଥମିକ ଶିକ୍ଷକଙ୍କ ଦାବିଗୁଡ଼ିକ ତୁରନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହାକୁ ସରକାର କାହିଁକି ପୂରଣ କରୁନାହାନ୍ତି ବୋଲି ସଂଘ ପ୍ରଶ୍ନ କରିଛି। ପ୍ରାଥମିକ ଶିକ୍ଷାରେ ସ୍କିମାଟିକ ନିଯୁକ୍ତିକୁ ବିଭିନ୍ନ ଶିକ୍ଷକ ସଂଘ ବିରୋଧ କରୁଥିବାବେଳେ ଆଉ ଗୋଟିଏ ପ୍ରକାର ଠିକା ନିଯୁକ୍ତି ଶିଶୁ ସେବିକା ନାମରେ ସୃଷ୍ଟି କରାଯାଇଛି। ଏହି ଠିକା ନିଯୁକ୍ତିକୁ ପିଷ୍ଟା ବିରୋଧ କରିବା ସହ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ନିମନ୍ତେ ଭିତ୍ତିଭୂମିର ବିକାଶ କରିବା ସହିତ ନୂଆ ପଦବୀ ସୃଷ୍ଟି କରାଯାଇ ଚାକିରି ସର୍ତ୍ତାବଳୀ ଥାଇ ନିୟମିତ ଶିକ୍ଷକ ନିଯୁକ୍ତି କରିବାକୁ ସଂଘ ଦାବି କରିଛି। ଗୋଟିଏ ପଟେ କମ୍ ଶିକ୍ଷକ ଓ ଶିକ୍ଷକଙ୍କୁ ୫୦ଟିରୁ ଅଧିକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରିବା ଯୋଗୁ ଶିକ୍ଷକମାନେ ଚାପଗ୍ରସ୍ତ ଠିକ୍ ଭାବେ ଶିକ୍ଷାଦାନ କରିପାରୁ ନାହାନ୍ତି। ପୁନଶ୍ଚ ପ୍ରାଥମିକ ଶିକ୍ଷକଙ୍କ ବହୁ ଦିନର ଦାବି ଯଥା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ଖାଲିଥିବା ପଦବୀକୁ ପୂରଣ କରିବା, ସ୍ୱାସ୍ଥ୍ୟବୀମା ଲାଗୁ କରିବା ଆଦି ଦାବିଗୁଡ଼ିକୁ ସରକାର ତୁରନ୍ତ ପୂରଣ କରିବାକୁ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୂପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

# ସରକାରଙ୍କ ବିଫଳତା କଂଗ୍ରେସକୁ ସୁଯୋଗ ଦେବ: ଭକ୍ତ

**ରାହୁଲ ଓ ଖାର୍ଗେଙ୍କ ଗସ୍ତକୁ ସଫଳ କରିବା ଲାଗି ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର,୨/୭(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳତା ଠାରୁ ଆରମ୍ଭ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ବିଭ୍ରାଟ ଏବଂ ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଯୋଗାଇବାରେ ଅସହାୟ ହୋଇପଡ଼ିଛି। ଏହି ବିଫଳତାକୁ ନେଇ ରାଜ୍ୟବାସଙ୍କର ଭାଜପା ଉପରୁ ଦିନକୁ ଦିନ ଆସ୍ଥା କମୁଥିବାବେଳେ କଂଗ୍ରେସ ପ୍ରତି ସମର୍ଥନ ବଢୁଛି। ଏହା ଆଗାମୀ ଦିନରେ କଂଗ୍ରେସ ପାଇଁ ଯେପରି ସୁଯୋଗ ଆଣିଦେବ ତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ କଂଗ୍ରେସ ନେତା ଓ କର୍ମୀଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ବୁଧବାର କଂଗ୍ରେସ ଭବନଠାରେ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଗସ୍ତକୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଭକ୍ତ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତାକୁ ନେଇ ରାଜ୍ୟରେ କଂଗ୍ରେସ ପ୍ରତି ଜନସମର୍ଥନ ବଢୁଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୧ରେ ଜନପ୍ରିୟ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷଙ୍କ ଗସ୍ତ ରହିଛି। ଏହି ଗସ୍ତ ଯେପରି ସଫଳ ହେବଲ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଭକ୍ତ କହିଛନ୍ତି।


**सेन्ट्रल बैंक ऑफ़ इंडिया / Central Bank of India**
1911 से आपके लिए "केंद्रित" "CENTRAL" TO YOU SINCE 1911

କ୍ଷେତ୍ରୀୟ କାର୍ଯ୍ୟାଳୟ: ୧୦୮-ବି, ୧ମ ମହଲା, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ବିସି ସୁପରଭାଇଜର ପଦବୀ ନିମନ୍ତେ ବିଜ୍ଞପ୍ତି**

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ବିସି ସୁପରଭାଇଜର ପଦବୀ ନିମନ୍ତେ ଦରଖାସ୍ତମାନ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣ କରିବାର ଅନ୍ତିମ ତାରିଖ: ୧୮.୦୭.୨୦୨୫। ସବିଶେଷ ବିବରଣୀ ନିମନ୍ତେ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ www.centralbankofindia.co.in ଦେଖନ୍ତୁ। ସ୍ୱା/- ସହାୟକ ମହାପ୍ରବନ୍ଧକ

**पीएम श्री केन्द्रीय विद्यालय रायगडा**
**PM SHRI KENDRIYA VIDYALAYA RAYAGADA**
उत्कलमणी नगर, जयरामगुडा, जिला - रायगडा, ओडिशा, पिन - 765002
Utkalamani Nagar, Jayaramguda, Rayagada (Odisha), 765002

**ADMISSION NOTICE**

Registration for admission to Class X & XII (Science) is open from 3rd to 10th July 2025 for Category I & II parents, against vacancies.
Registration forms are available **free of cost** at the Vidyalaya during working hours or can be downloaded from vidyalaya website.
For more details please visit **https://rayagada.kvs.ac.in/**

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY, CHAMPUA, DIST.: KEONJHAR**
**"e" Procurement Notice**
Bid Identification No. ITDACH.- 02/2025-26
No. 1203 Dt.01.07.2025
e-mail: itda.champua@gmail.com

1. No. of the work : 01 No. of Construction work
2. Estimated Cost : Rs.143.89 lakh
3. Period of Completion : 06 (Six Calendar Months)
4. Date and time of availability of bid document in the portal : From 10.00 Hr. 10.07.2025 to 17.30 Hr of 24.07.2025
5. Last date/time for receipt of bids in the portal : 17.30 Hr of 24.07.2025
6. Date of opening of Bid from Portal : 11.00 Hr of 25.07.2025
7. Name and address of the Officer Inviting Bid : Project Administrator, I.T.D.A., Champua

Further details can be seen from the e-procurement portal "http://tendersorissa.gov.in".
Sd./- Project Administrator
I.T.D.A., Champua

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.: CMS-SBP-BMW-ET-01-25
କାର୍ଯ୍ୟର ନାମ : "ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା ସେବା - ତିନି (03) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁରରୁ ସଂଗ୍ରହ, ଉଠାଇବା, ପରିବହନ, ବିଶୋଧନ ଏବଂ ନିଷ୍କାସନ।"
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹21,48,774.00, EMD : ₹43,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି) ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ 17.07.2025, 1500 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଯଦି ଟେଣ୍ଡରଦାତା କୌଣସି ସୂଚନା ଆବଶ୍ୟକ କରନ୍ତି, ତେବେ ଟେଣ୍ଡର ନଥିପତ୍ରରେ ଉଲ୍ଲେଖିତ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ଦିବସର କାର୍ଯ୍ୟ ସମୟ ମଧ୍ୟରେ ମୁଖ୍ୟ ଚିକିତ୍ସା ଅଧିକ୍ଷକ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ।
ସହାୟକ ମଣ୍ଡଳ ଚିକିତ୍ସା ଅଧିକାରୀ / ସମ୍ବଲପୁର
PR-310/Q/25-26

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-19, ତା.25.06.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ପାଞ୍ଚ (05) ଷ୍ଟେସନରେ ଯଥା ଆୟୋଦଲା (AMB), ଦହିକାଲୁ (DKLU), ମୁନିଗୁଡ଼ା (MNGD), ବିଷମକଟକ (BMCK) ଏବଂ ସରଲା (SLRA) ଠାରେ ତିନି ବର୍ଷ ପାଇଁ କିୟୋସାନ (Kyosan) ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା।
ଟେଣ୍ଡର ମୂଲ୍ୟ (₹): 3,99,56,933.52, EMD (₹) : 3,49,800.00, ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ (₹): 11,800.00
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 17.07.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-308/Q/25-26

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सोनाली कुमारी, उम्र करीब–12 वर्ष, रंग–गोरा, ऊँचाई–04 फीट, पहनावा–सफेद तथा नारंगी रंग का कुर्ती एवं काला रंग का जीस पैंट पहनी हुई है।
उपरोक्त लापता लड़की सोनाली कुमारी, पिता–स्व0 सुन्दर सिंह, पता–ग्राम टटकन्दो, थाना–माण्डर, जिला–राँची जो दिनांक–08.06.2025 को अपने घर से बगैर बताए कहीं चली गई है जो आजतक अपने घर वापस नहीं आई है। जिसके संबंध में माण्डर थाना काण्ड संख्या–75/2025, दिनांक–15.06.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती / दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। –9431742777
थाना प्रभारी माण्डर, राँची। –9431706154
पुलिस उप–महानिरीक्षक–सह–वरीय पुलिस अधीक्षक, राँची
PR 356365 (Police)25-26*D

**ADMISSION NOTICE-2025**
Centre for Distance & Online Education (DDCE, Utkal University)
**Centre for Distance and Online Education (CDOE) (D.D.C.E., UTKAL UNIVERSITY)**
UTKAL UNIVERSITY NAAC A+
BHUBANESWAR-751010
Management & Computer Science Courses (NOC from AICTE, New Delhi)
- BBA (3 Years)
- MBA (2 Years)
- MCA (2 Years)

(Contact MBA / BBA - 9437103110 / MCA - 9437074110 during office hour)

POST GRADUATE COURSES
- M.Com.
- M.A. in Economics
- M.A. in Education
- M.A. in English
- M.A. in Hindi
- M.A. in History
- M.A. in Odia
- M.A. in Pub. Admn.
- M.A. in Pol.Science
- M.A. in Sanskrit
- M.A. in Sociology
- M.S.W.

(For more contact - 9437156110 during office hour)
Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in
DIRECTOR

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rdFloor,Room No. 401,56-Set,Doranda,Ranchi-834002
**e-Procurement ( Short Tender Notice )**
Letter of Invitation (LOI) No.-11/2025-26 2nd Call
e-Tender Ref No:–RCD/PID/RANCHI/11/2025-26 Date:-01.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of (i) Koriya in Karamdaha bridge (Govindpur- Jamtara- Sahebganj road) to Potari ADB road via Daldali Sundarpahadi, Dhurnibeda bridge-Irikiya (Tentative length -19 Km) and (ii) PWD road to Murradih road via Tundi Kalali more Keshka, Patikdih, Mishirdih, Sonriya, Kaju Van More Pahad Chatatand, Yadavpur (Tentative length-20 Km) (Tentative total length -39 Km) including replacement/New Proposal of Culverts, Bridges, ROB's, RUB's, Complete Land Acquisi tion Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Dhanbad District in the State of Jharkhand. *Only Empanelled consultant with RCD under category-I vide letter No. 3063(S) WE Dated 22.08.2022 are allowed to bid. |
| 2 | Tentative Length | 39 Km |
| 3 | Period of Completion of Work | 90 Days |
| 4 | Cost of Tender documents& Earnest MoneyDeposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 40000.00 (Forty thousand only) as Earnest Money. As per the Departmental Letter no. -4652(S) dated 06.10.2023, cost of tender document and Earnest Money Deposit will be received in online mode only through e -procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e -Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 04.07.2025,At 05:30 PM |
| 7 | Online Last Date/Time of Bid Submission | 18.07.2025, 12:00 noon |
| 8 | Date and Time of Bid opening | 21.07.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | ExecutiveEngineer, Planning and Investigation Division,RCD, Ranchi, Mob No.-9471650883 |
| 11 | Advertisement no. | PR 354576 Road(2526):D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).
Executive Engineer,
Planning & Investigation Division,
Road Construction Department, Ranchi.
PR 356319 Road (25-26)D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD RANCHI, JHARKHAND
Ph. No.: +91-651-2225878, e-mail Id-juidcolimited@gmail.com
CIN: U45200JH2013SGC001752
**e-Procurement Notice**
**Tender Notice (7th Call)**
NIT No: JUIDCO/NIT/Rehla Bishrampur /UWSS/25/657
Date: 01/07/2025

| | | |
|---|---|---|
| 1. | Name of the work | Rehla & Bishrampur Urban Water Supply Scheme with 5 years of Operation and Maintenance |
| 2. | Mode of Bid Submission | e-tendering –http://jharkhandtenders.gov.in |
| 3. | Estimated Cost | Rs. 103,73,66,490/- (Rupees One Hundred Three Crore Seventy Three Lakh Sixty Six thousand Four Hundred and Ninenty Only) |
| 4. | Tender Fee and Bid Security | Tender Document Fee – Rs. 25,000/- (Rupees Twenty-Five thousand only) Bid Security – Rs. 1,03,73,665/- (Rupees One crore Three lakh Seventy-Three thousand Six hundred Sixty-Five only) |
| 5. | Date & Time of Publication of Tender on Website | 02nd July 2025 at 17:00 hours |
| 6. | Last Date & Time of submission of pre-bid queries | 09th July 2025 till 13:00 hours |
| 7. | Date & Time of pre-bid meeting | 09th July 2025 at 15:00 hours |
| 8. | Last Date & Time of Bid Submission | 22nd July 2025 till 17:00 hours |
| 9. | Date & Time of Bid Opening | 23th July 2025 at 17:00 hours |
| 11. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Pin – 834001. |
| 12. | Helpline No. of e-Procurement Cell | +91 651 2225878/ 9973768183 |

Note: Only e-tenders will be accepted.
Further details are available on the Jharkhand Government e-procurement website http//: jharkhandtenders.gov.in
Sd/-
Project Director (Technical)
JUIDCO Ltd., Ranchi
PR 356332 Urban Development and Housing (25-26)_D

See Career Appointment on every Wednesday & Saturday

**बैंक ऑफ़ बड़ौदा / Bank of Baroda**
**କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା
**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ କବିର ମୋଟର୍ସ, ସ୍ୱତ୍ୱାଧିକାରୀ: ମହମ୍ମଦ ଜସିମୁଦ୍ଦିନ, ପିତା: ମହମ୍ମଦ କବିରୁଦ୍ଦିନ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ବାଇ ପାସ୍ ରୋଡ, ଜଇପୁର, ପୋ/ଜିଲ୍ଲା: କେନ୍ଦ୍ରାପଡା, ଓଡିଶା | ସାହେବା ଖାତୁନ୍, ସ୍ୱାମୀ: ମହମ୍ମଦ କବିରୁଦ୍ଦିନଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଗୌଡଗୋପ, ପୋ/ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପ୍ଲଟ୍ ନଂ.: ୬୩/୨୯୮, ଖାତା ନଂ.: ୧୨୧/୧୪, ପରିମିତ କ୍ଷେତ୍ର: ଏକର୦.୦୨ ଡିସିମିଲି | ୧୦.୦୫.୨୦୧୬ / ୦୨.୦୭.୨୦୨୫ | ୩୧.୦୩.୨୦୧୬ ସୁଦ୍ଧା ଟ.୧୨,୮୬,୮୨୨/- + ୦୧.୦୪.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ: ୦୨.୦୭.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୨।୭ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ମୋଟାବାଡ଼ି ଶ୍ରୀଗୋପୀନାଥ ବିଦ୍ୟାପୀଠର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଉମାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାପୀଠର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ମଧ୍ୟ ସ୍ୱ ସ୍ୱ ବକ୍ତବ୍ୟରେ ବିଦାୟୀ କ୍ରୀଡ଼ା ଶିକ୍ଷକଙ୍କ ଭୂୟସୀ ପ୍ରଶଂସା କରି ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

### କନ୍ୟା ରତ୍ନ, ନାରୀ ସୁରକ୍ଷା ଓ ବାଲ୍ୟ ବିବାହ ରୋକିବାକୁ ଆଲୋଚନାଚକ୍ର

ଶେରଗଡ଼,୨।୭(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ସଭାଗୃହରେ ନାରୀ ସୁରକ୍ଷା କନ୍ୟା ରତ୍ନର ସୁରକ୍ଷା ଓ ବାଲ୍ୟବିବାହ ରୋକିବା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ୱାନ ଷ୍ଟପ କେନ୍ଦ୍ରର ସଂଯୋଜିକା, ମହୁପଦର ସରପଞ୍ଚ ଟୁକୁନା ଦାସ ଓ ସିଡିପିଓ ମମତାଞ୍ଜଳି ପଣ୍ଡା ଯୋଗଦେଇ କନ୍ୟା ସନ୍ତାନ ରଯତ୍ନ ନେବା ଉପରେ ମା' ବାପା ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ସମାଜରେ ନାରୀମାନଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ଏବଂ ବାଲ୍ୟବିବାହ ରୋକିବା ଦିଗରେ ପରିବାରର ସହଯୋଗ ଓ ପ୍ରଶାସନର ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମିଶନଶକ୍ତି ମହିଳା, ଅଙ୍ଗନୱାଡ଼ି କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧରାକୋଟ,୨।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍‌ର ଡାକିବଜା ସ୍ଥିତ ଘୋଡ଼ାଦେଇ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଏସ୍‌ଏମ୍‌ସି ସଭାପତି ରାମଚନ୍ଦ୍ର ବିଷୋୟୀ, ସଦସ୍ୟ ଗୋବିନ୍ଦ ବିଷୋୟୀ, ନିରଞ୍ଜନ ସାହୁ, ବିଭୂତି ବିଷୋୟୀଙ୍କ ସମେତ ଶିକ୍ଷକ ସିମାଞ୍ଚଳ ଗୌଡ଼, ସଦାନନ୍ଦ ତ୍ରିପାଠୀ, ମହେନ୍ଦ୍ର ଷଡ଼ଙ୍ଗୀ, ତପନ ତ୍ରିପାଠୀ, ହର୍ଷ ବିଷୋୟୀ, କେ.ଟୁନା ଦୋରା, ପୁରସ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ସିମନବାଡ଼ି ଫିଡ଼ରରେ ବିଦ୍ୟୁତ୍ ସେବା ଠପ୍

ଦାରିଙ୍ଗବାଡ଼ି,୨।୭ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଏନେଇ ବୁଧବାର ସକାଳୁ ସିମନବାଡି ଫିଡ଼ରରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଫଳରେ ଉକ୍ତ ଫିଡ଼ରର ୮ ପଞ୍ଚାୟତର ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଫିଡ଼ରର ସିମନବାଡ଼ି ପଞ୍ଚାୟତ ସମେତ ଶ୍ରାନିକେତା, ତିଲୋରୀ, କିଟିକୁଟି, ବୁଢ଼ାଗୁଡ଼ା, ଗୁମିକିଆ, କୋଟଗଡ଼ ବ୍ଲକ୍ ପକାରୀ ଏବଂ ବାଲିଗୁଡ଼ା ବ୍ଲକ୍ ରଡୁଙ୍ଗିଆ ପଞ୍ଚାୟତ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ବିଦ୍ୟୁତ୍ ସେବା ଅଚଳ ଯୋଗୁ ମୋବାଇଲ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ସରକାରୀ ଓ ବେସରକାରୀ କାର୍ଯ୍ୟ ଅଚଳ ହୋଇଯିବା ସହ କ୍ଷୁଦ୍ର ବ୍ୟାଙ୍କ ସେବା ଅଚଳ ହୋଇପଡ଼ିଛି।

# କାଠ ଉପରେ ବିପଦପୂର୍ଣ୍ଣ ଯାତାୟାତ

ଫୁଲବାଣୀ,୨।୭ (ରାକେଶ କୁମାର ରାଉତ)


କାଠ ଉପରେ ଲୋକମାନେ ନଦୀ ପାର ହେଉଛନ୍ତି।

**■ବାଧକ ସାଜିଛି ମାଦେପାଙ୍ଗା ନାଳ**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ପାଙ୍ଗା ଉପରସାହି ପଞ୍ଚାୟତର ୨ଟି ୱାର୍ଡର ୧୫୦ ଘରରୁ ଅଧିକ ଲୋକଙ୍କ ପାଇଁ ବର୍ତ୍ତମାନ ଯାତାୟତରେ ମାଦେପଙ୍ଗା ନାଳ ବାଧକ ସାଜିଛି। ପୂର୍ବରୁ ବର୍ଷା ଦିନ ଆସିଲେ ଏମାନଙ୍କ ପାଇଁ କାଠ ପୋଲ ଭରସା ହେଉଥିଲା। ହେଲେ ପୋଲ ଭାସି ଯିବାରୁ ଏମାନଙ୍କ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଏମିତି କି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ଗ୍ରାମବାସୀଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି। ବାରମ୍ବାର ଦାବି ପରେ ନାଳ ତଳକୁ ଏକ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁରୀ ହୋଇ କାର୍ଯ୍ୟ ଚାଲିଛି। ହେଲେ ତାହା ସମ୍ପୂର୍ଣ୍ଣ ହୋଇପାରିନି। ଏହି ନାଳ ପାଙ୍ଗା ପଞ୍ଚାୟତ ଠାରୁ କାଲିକୁଟି ଦେଇ ଯାଇଥିବା ରାସ୍ତା ମଝିରେ ପଡୁଛି। ନାଳରେ ପ୍ରତିବର୍ଷ ଲୋକେ କାଠକୁ ଗଛ ସହ ଯୋଡି ବିପଦପୂର୍ଣ୍ଣ ଭାବରେ ଯାତାୟତ କରୁଛନ୍ତି। ପ୍ରତିବର୍ଷ ବର୍ଷାରେ ଏହା ଧୋଇ ହୋଇ ଯାଏ। ପୁଣି ନିଜ ଖର୍ଚ୍ଚରେ କାଠ ଆଣି ଲୋକେ ପୋଲ ନିର୍ମାଣ କରନ୍ତି। ବର୍ତ୍ତମାନ କିଛି ଦିନ ହେବ ବର୍ଷା ଲାଗିରହିଥିବାରୁ ମାଦେପଙ୍ଗା ନାଳରେ ପାଣି ବଢ଼ିଯାଇ ଲୋକମାନେ ବିପଦ ପୂର୍ଣ୍ଣ ଭାବରେ ଯାତାୟାତ କରୁଛନ୍ତି। ପଞ୍ଚାୟତର ୨ଟି ୱାର୍ଡ ୮ ଏବଂ ୯ ନମ୍ବର ୱାର୍ଡବାସୀ ମାର୍କାଲି, ସିକେରି, ଡେଡ଼ିସରୁ, ମାଦାପଙ୍ଗା, ଭୁଟୁକୂପଡ଼ା, ଶ୍ରାହାପେଲିପଙ୍ଗା, କୁଟିପାଡା, ଭଳି ୮ରୁ ୧୦ଗାଁର ଲୋକେ ଯାତାୟତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ମାଦେପାଙ୍ଗା ନାଳରେ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ପଞ୍ଚାୟତର ସନ୍ତୋଷ କହଁର, ତ୍ରିଲୋଚନ କହଁର, ବିଭୀଷଣ କହଁର, ପ୍ରଶାନ୍ତ କହଁର, ସତ୍ୟ ବଗର୍ତ୍ତିଙ୍କ ସହ ସମୂହ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉଦ୍‌ଘାଟନର ୩ ବର୍ଷ ପରେ କାମରେ ଆସୁନି

ପାରଳାଖେମୁଣ୍ଡି,୨।୭(ଗିରିଧାରୀ ପରିଛା)

**ବିୟୁଟି ପାର୍ଲର ପ୍ରଶିକ୍ଷଣ କେନ୍ଦ୍ର**

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପୂର୍ବ ସରକାର ଏକାଧିକ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମି ଯୋଗାଇ ଥିଲେ। ଏହି କ୍ରମରେ ଗଜପତି ଜିଲା ଗୁମ୍ମା ବ୍ଲକ ସଦର ମହକୁମା ମାର୍କେଟ କମ୍ପ୍ଲେକ୍ସଠାରେ ୨୦୨୨ ଜୁଲାଇରେ ତତ୍କାଳୀନ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ବିୟୁଟି ପାର୍ଲର ତଥା ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ ହୋଇଥିଲା। ଏହି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ଥିଲା ଉପାନ୍ତ ଅଞ୍ଚଳରେ ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ସହ ସହାରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ମଧ୍ୟ ସୁନ୍ଦରତା ସୃଷ୍ଟି କରିବା। ଉକ୍ତ ପ୍ରଶିକ୍ଷଣ କେନ୍ଦ୍ର ନିମନ୍ତେ ଗଜପତି ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ମିଶନ ଜୀବିକା ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଇତିମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ବିୟୁଟି ପାର୍ଲର ତଥା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାନୀୟ ମହିଳାମାନଙ୍କ କାର୍ଯ୍ୟରେ ଆସୁନାହିଁ। ପରିଚାଳନା ଜନିତ ତ୍ରୁଟି ସକାଶେ ଦୀର୍ଘ ବର୍ଷ ଧରି ବନ୍ଦ ପଡିରହିଛି ଏହି ପ୍ରଶିକ୍ଷଣ କେନ୍ଦ୍ର। ଏନେଇ ସାଧାରଣରେ ସମାଲୋଚନା କରାଯିବା ସହ ତୁରନ୍ତ ଉକ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ଏନେଇ ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ପାଇଁ ଗୁମ୍ମା ବ୍ଲକ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ହେବା ପରେ ତୁରନ୍ତ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବ।

# ରହିଲେ ବନ, ବଞ୍ଚିବେ ଜନ

ଭଞ୍ଜନଗର,୨।୭(ବାବୁଲା ପ୍ରଧାନ)


ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷ ବିଭାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ସମାଜ ତିଷ୍ଠିବାକୁ ହେଲେ ଜଙ୍ଗଲ ସୁରକ୍ଷା ସହ ନୂତନ ବନୀକରଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏନ୍‌ସିସି ଆର୍ମି ୱିଙ୍ଗ ଏବଂ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପ୍ରଥମେ କ୍ୟାମ୍ପସ ସଫେଇ କରିଥିଲେ। ପରେ ବିଭିନ୍ନ ଚାରା ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ରୋପଣ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ରହିଲେ ବନ, ବଞ୍ଚିବ ସ୍ଲୋଗାନ ଦେଇ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଗଞ୍ଜାମ ଜିଲା ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୦ ଲକ୍ଷ ଚାରା ଲୋକଙ୍କୁ ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଛି। ୩ ଲକ୍ଷ ୫୦ ହଜାର ଚାରା ଖୋଲା ଜଙ୍ଗଲରେ ରୋପଣ ହେବାକୁ ସ୍ଥିର ହୋଇଛି। ସେହିପରି ଉତ୍ତର ଘୁମୁସର ବନଖଣ୍ଡରେ ୧୧ ଲକ୍ଷ ୫୦ ହଜାର ଚାରା ବଣ୍ଟନ ହେବାକୁ ଥିବା ବେଳେ ୨ ଲକ୍ଷ ୯୮ ହଜାର ଚାରା ଖୋଲା ଜଙ୍ଗଲରେ ରୋପଣ ହେବ। ବର୍ତ୍ତମାନ ବିଭିନ୍ନ ସଂଗଠନ, ସ୍ୱୟଂ ସହାୟିକା ଗୋଷ୍ଠୀ, ଇକୋ କ୍ଲବ, ସାଧାରଣ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି।

## ଚାରାରୋପଣ କଲେ ମାଜିଷ୍ଟ୍ରେଟ୍

ଦିଗପହଣ୍ଡି,୨।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ତାଲୁକ୍ ଆଇନସେବା କମିଟି ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ବୁଧବାର ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ୍ ନୀଳିମା ଷଡ଼ଙ୍ଗୀ ଚାରା ରୋପଣ କରିଛନ୍ତି। ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ସଭାରେ ମାଜିଷ୍ଟ୍ରେଟ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ପରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏଥିରେ ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀରତ୍ନ, ଆଇନସେବା କମିଟିର ସମ୍ପାଦକ ପ୍ରଦୀପ ପୁରୋହିତ, ଆଇନଜୀବୀ ସନ୍ତୋଷ ସାହୁ, ବିଚାର ବିଭାଗୀୟ କର୍ମଚାରୀ ଶିବରାମ ସାହୁ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ ପଟ୍ଟନାୟକ, ପପୁନ ମହାରଣା, ନିରଞ୍ଜନ ଶବର, ଶିଶୁ ବିଦ୍ୟା ମନ୍ଦିରର କର୍ମଚାରୀ, ସ୍କାଉଟ୍ ଗାଇଡ୍ କ୍ୟାଡେଟ୍‌ବୃନ୍ଦ ଓ ବିଦ୍ୟାର୍ଥୀଗଣ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୫୦ ହଜାର ଚାରା ବାଣ୍ଟିଲା ବନ ବିଭାଗ



ବନ ବିଭାଗ ତରଫରୁ ବିଭିନ୍ନ ଚାରା ବଣ୍ଟନ କରାଯାଉଛି।

ଧରାକୋଟ,୨।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଘୁମୁସର ଦକ୍ଷିଣ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ବାନପାଳ କାର୍ଯ୍ୟାଳୟ ପକ୍ଷରୁ ସଧାରଣ ଲୋକଙ୍କ ପାଇଁ ଚାରା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବନପାଳ ଲାଲୁ ଶବରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଧରାକୋଟ ସରପଞ୍ଚ ପୁନିଆ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ ସଭାପତି ସୁନିଲ ଗୌଡ଼ ଉପସ୍ଥିତ ଥିଲେ। ବନ ବିଭାଗ ତରଫରୁ ୫୦ ହଜାର ଶାଗୁଆନ, ସୀତାଫଳ, ଅଁଳା, ଅମୃତ ଭଣ୍ଡା, କଇଁଠ, ଆକାସିଆ ଓ କଦମ୍ବ ଚାରା ଧରାକୋଟ, ବରଡ଼ାବିଲି ଓ ଖିରିଡ଼ାରେ ଅଞ୍ଚଳରେ ବିତରଣ କରାଯାଉଛି। ବନରକ୍ଷୀ ରାକେଶ ପରିଡ଼ା, ଟୁମକି ନାୟକ ଓ ରଶ୍ମିତା ଚୌଧୁରୀ ଏଥିରେ ସହଯୋଗ ପ୍ରଦାନ କରିଥିଲେ।

# ବୁଗୁଡ଼ା ବଡଦାଣ୍ଡରେ ଶ୍ରୀଜଗନ୍ନାଥ ଭଜନ ସମାରୋହ


ସଂଗୀତ ପରିବେଷଣ କରୁଛନ୍ତି କଳାକାର।

ବୁଗୁଡା,୨।୭(କାଳିଚରଣ ଦାଶ)

ବୁଗୁଡ଼ା ବଡଦାଣ୍ଡସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ସମ୍ମୁଖରେ ପବିତ୍ର ଗୁଣ୍ଡିଚା ରଥଯାତ୍ରା ଦିନରୁ ଶ୍ରୀଜଗନ୍ନାଥ ଭଜନ ସମାରୋହ ଅନୁଷ୍ଠିତ ହୋଉଛି। ବିରଞ୍ଚି ନାରାୟଣ ମଠାଧୀଶ ଭକ୍ତରାମ ଦାସ ଏହି ଭଜନ ସମାରୋହକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ସାହୁ, ରସନା ପ୍ରଧାନ, ମୃତ୍ୟୁଞ୍ଜୟ ହୋତା, ସଞ୍ଜୟ କୁମାର ଷଡଙ୍ଗୀ, ବସନ୍ତ ବିଷୋୟୀ, ଆଲୋକ ପୃଷ୍ଟି, ଜୀବନ ସଂଗ୍ରାମ ହୋତା, ଝରଣା ବିଷୋୟୀ, ସନ୍ଧ୍ୟାରାଣୀ ସାହୁ, ସୁରେନ୍ଦ୍ର ନାଥ ପାଣି, ଗଣେଶ ନାୟକ, କେଦାର ବେହେରା, ରଞ୍ଜିତ ପୃଷ୍ଟି, ଗୌରହରୀ ସାହୁ, ଦେବକୀ ସାହୁ, ଶଙ୍କର ସେଠୀ, ମାନସ ରଞ୍ଜନ ହୋତା, କାହ୍ନୁ ଚରଣ ଘଡେଇ, ମୀନକେତନ ସାହୁ, ବଂଶୀଧର ଗୌଡ, ରବିନ୍ଦ୍ର ନାଥ ସାହୁ, ଦୁର୍ଗା ପ୍ରସାଦ ଦାଶ, ଅମିତ ଗୌଡ, ଦିବାକର ମିଶ୍ର, ଯୁକ୍ତାରାଣୀ ସାହୁ ପ୍ରମୁଖ ଭଜନ ପରିବେଷଣ କରୁଛନ୍ତି। ଉକ୍ତ ଅଷ୍ଟ ଦିବସୀୟ କାର୍ଯ୍ୟକ୍ରମକୁ ହରିହର ସ୍ୱାଇଁ, ରବିନ୍ଦ୍ର କୁମାର ବେହେରା, ଶୁକୁଟା ଡାକୁଆ, ଗୌରହରି ସାହୁ, ଶିବ ନାୟକ ଓ ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି।

## ଖୋଲିଲା ଚାରା ବିତରଣ କେନ୍ଦ୍ର

ଶେରଗଡ଼, ୨।୭
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ଫରେଷ୍ଟ ପକ୍ଷରୁ ଏକ ଚାରା ବିତରଣ କେନ୍ଦ୍ର ବୁଧବାର ଆରମ୍ଭ କରାଯାଇଛି। ଫରେଷ୍ଟ ଗାର୍ଡ ବାସନ୍ତୀ କର୍ଜିଓ ଫରେଷ୍ଟର ରାଜେନ୍ଦ୍ର ଗୌଡ଼ଙ୍କ ଉପସ୍ଥିତିରେ ଏହି ବିତରଣ କେନ୍ଦ୍ର ଖୋଲାଯାଇଛି। ତାକରଡ଼ା ରୋଡ଼ସ୍ଥିତ ବନବିଭାଗ ବିଟ୍ ହାଉସ ସମ୍ମୁଖରେ ଏହି ବିକ୍ରୟ କେନ୍ଦ୍ର ଖୋଲିଯାଇଛି। ସମସ୍ତ ଜନସାଧାରଣ ମାତ୍ର ୧ ଟଙ୍କା ଦେଇ କିଣିପାରିବେ। ଶେରଗଡ଼ ଫରେଷ୍ଟ ପକ୍ଷରୁ ୪୦ ହଜାର ଚାରା ଲଗାଯାଇଛି।

## ନାଟକ ଉଦ୍‌ଘାଟନ କଲେ ମନ୍ତ୍ରୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପୋଲସରା,୨।୭(ସୁବ୍ରତ ବେହେରା):

ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ଗ୍ରାମରେ ଭଗବତ ସ୍ୱାମୀ ଯୁବ ନାଟ୍ୟ ସଂସଦ ପକ୍ଷରୁ ହେରା ପଞ୍ଚମୀ ଅବସରରେ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଛି। ନାଟକକୁ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରଥିଲେ। ଭାଜପା ସାଂଗଠନିକ ଜିଲା ଉପ ସଭାପତି ପ୍ରଭାକର ପଣ୍ଡା, ସମାଜିକ କର୍ମୀ ଜଗନ୍ନାଥ ବାଢ଼େଇ, ମହେଶ୍ୱର ପରିଡ଼ା, ରାମକୃଷ୍ଣ ପ୍ରଧାନ, ପ୍ରସନ୍ନ ଡାକୁଆ, ରଘୁନାଥ ପଣ୍ଡା, ତପନ ସାହାଣୀ, କୃଷ୍ଣ ଚନ୍ଦ୍ର ଜେନା, ବସନ୍ତ କରଣ, କେଦାରନାଥ ମହାରଣା, ମୋଚିରାମ ସାହୁ, ରଘୁନାଥ ପ୍ରଧାନ, ସତ୍ୟ ନାରାୟଣ ସାହୁ, ରଘୁନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କଳାକାରଙ୍କୁ ଉତ୍ସାହିତ କରିଥିଲେ।

# ୪ ବଖରା ଜଳିଗଲା

ବୁଗୁଡ଼ା,୨।୭(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ କରଚୁଲି ଗ୍ରାମ ଗୁଡ଼ିସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଭାସ୍କର ଡାକୁଆ ଓ ଦେବ ଡାକୁଆଙ୍କ ୨ ବଖରା ଲେଖାଏ ଚାଳଘର ଜଳି ପୋଡି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ରାତି ପ୍ରାୟ ୨ଟା ବେଳେ ୨ପରିବାର ଲୋକେ ଶୋଇଥିବା ସମୟରେ ଏହି ଘଟଣା ଘଟିଛି। ଏହାର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହାସହିତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଥିବା ଅନୁମାନ କରାଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାପାଇଁ ଉଦ୍ୟମ କରିଥିଲେ ହେଁ ଲିଭାଇ ପାରି ନ ଥିଲେ। ଖବର ପାଇ ବୁଗୁଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କ୍ଷତିଗ୍ରସ୍ତ ପରିବାର ଦ୍ୱୟ ସରକାରୀ ସହାୟତା ପାଇବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ସମୂହ ଛୁଟିରେ ଗଲେ ବୁଗୁଡ଼ାର ୫ ଅଧିକାରୀ

ବୁଗୁଡା,୨।୭(କାଳିଚରଣ ଦାଶ)

**ଓଏଏସ୍ ଅଧିକାରୀଙ୍କୁ ଆକ୍ରମଣର ପ୍ରତିବାଦ**

ଭୁବନେଶ୍ୱର ବିଏମସିରେ କାର୍ଯ୍ୟରତ ଆଡିସନାଲ କମିସନର ବରିଷ୍ଠ ଓଏଏସ୍ ରତ୍ନାକର ସାହୁ କିଛି ଦୁର୍ବୃତ୍ତଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଘଟଣା ହଟଚମଟ ସୃଷ୍ଟି କରଛି। ଏହି ଘଟଣାର ଦୃଢ ପ୍ରତିବାଦ କରିବାକୁ ଯାଇ ବୁଗୁଡ଼ାର ତହସିଲଦାର ତାପସ ରାଉତ, ବିଡ଼ିଓ ଦୃତିକୃଷ୍ଣ ପାତ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା (ଓଆରଏସ୍), ସବରେଜିଷ୍ଟର ସବିତା ଦଳାଇ, ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ପ୍ରମୁଖ ଅଧିକାରୀଗଣ ସମୂହ ଛୁଟିରେ ଯାଇଥିବା ଜଣାପଡ଼ିଛି। ଫଳରେ ସମ୍ପୃକ୍ତ ବିଭାଗ ଗୁଡିକରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

# ଅପରାଧ ରୋକିବା ବାର୍ତ୍ତା ନେଇ ସାଇକେଲରେ ଯାତ୍ରା


ଶୁଭେଚ୍ଛୁଙ୍କ ଗହଣରେ ଦୀପକ ଗୌଡ଼।

ଆସିକା,୨।୭(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ କଳାସୁତା ଗ୍ରାମର ଦୀପକ ଗୌଡ (୧୮) ଅପରାଧ ରୋକିବା ସଚେତନତା ବାର୍ତ୍ତା ନେଇ ସାଇକଲରେ ଭାରତ ଭ୍ରମଣରେ ବାହାରିଛନ୍ତି। ମଙ୍ଗଳବାର ସେ ଆସିକାର ଆରାଧ୍ୟା ଦେବୀ ମା' ଖମ୍ଭେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଥିଲେ। ଦେଶରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ବଳାତ୍କାର ଭଳି ଜଘନ୍ୟ ଅପରାଧକୁ ରୋକିବା ନିମନ୍ତେ ସାଧାରଣରେ ସଚେତନତା ସୃଷ୍ଟି ନେଇ ସେ ଏହି ଯାତ୍ରା କରୁଛନ୍ତି। ଭାରତ ସହ ନେପାଳ, ଭୁଟାନ ଓ ନାଗାଲାଣ୍ଡ ବୁଲିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏଥିଲାଗି ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଦୀପକ କହିଛନ୍ତି। ଏହାପୂର୍ବରୁ ସେ ସଚେତନତା ବାର୍ତ୍ତା ନେଇ ବିଭିନ୍ନ ରାଜ୍ୟରେ ଥିବା ଶୈବ ପୀଠ, ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଓ ଚାରିଧାମ ଭ୍ରମଣରେ ଯାଇଥିଲେ। ଆସିକାରେ ଦୀପକଙ୍କୁ ବରିଷ୍ଠ ବିଜେଡି ନେତା ଦିଲିପ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ଜୟସେନ ସ୍ୱାଇଁ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର ମହାରଣା, ଗୁଣ୍ଡିଚା ମହାରଣା ପ୍ରମୁଖ ସମ୍ବର୍ଦ୍ଧିତ କରିବା ସହ ଶୁଭକାମନା ଜଣାଇଥିଲେ।

# ପୁଣି ଧୋଇଗଲା ଡାଇଭର୍ସନ ରାସ୍ତା

ଦାରିଙ୍ଗବାଡ଼ି,୨।୭(ଅରୁଣ ସାହୁ)


ଆପ୍ରୋଚ୍ ରୋଡ ଧୋଇଯାଇ ରାସ୍ତାରେ ପାଣି ଚାଲିଛି।

**■ ସିମନବାଡ଼ି-ବୁଢ଼ାଗୁଡ଼ା ରାସ୍ତା ବିଚ୍ଛିନ୍ନ**
**■ ବିଦ୍ୟାଳୟ ଯାଇପାରିଲେନି ଛାତ୍ରୀଛାତ୍ର, ଶିକ୍ଷକ**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ବର୍ଷାରେ ଏକାଧିକ ସମସ୍ୟା ଦେଖାଯାଇଛି। ସିମନବାଡ଼ିଠାରୁ ବୁଢ଼ାଗୁଡା ପୂର୍ତ୍ତ ବିଭାଗ ରାସ୍ତାର ତିଲୋରୀ ପଞ୍ଚାୟତ ଦେଇ ଯାଇଥିବା ଗୁମା ନଦୀରେ ବର୍ଷାଜଳ ବୃଦ୍ଧି ପାଇ ପୁଣି ଡାଇଭର୍ସନ ରାସ୍ତାକୁ ଧୋଇଦେଇଛି। ଫଳରେ ଉକ୍ତ ବ୍ଲକ ତିଲୋରୀ ପଞ୍ଚାୟତ ସମେତ ବୁଢ଼ାଗୁଡ଼ା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡ଼ା ବ୍ଲକ ରଡୁଙ୍ଗିଆ ଆଦିକୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତିଲୋରୀ, ବୁଢ଼ାଗୁଡ଼ା ଆଦି ଅଞ୍ଚଳରୁ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯାଉଥିବା ବେଳେ ନଦୀରେ ଯାତାୟାତ ବନ୍ଦ ଯୋଗୁ ଅଧାରୁ ଫେରିଛନ୍ତି। ସେହିପରି ସେହିସବୁ ଅଞ୍ଚଳରୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ସିମନବାଡ଼ି, ଦାରିଙ୍ଗବାଡ଼ିକୁ ଆସୁଥିବା ଲୋକେ ବାଟରୁ ଫେରିଛନ୍ତି। ପୁଣି ଚାଷକାର୍ଯ୍ୟ ସାରି ଫେରୁଥିବା ୩ଟି ଗୋରୁ ଡାଇଭର୍ସନ ରାସ୍ତାରେ ଆସୁଥିବା ବେଳେ ଭାସିଯାଇଥିବା ସ୍ଥାନୀୟ ବାସିନ୍ଦା ଭରତ ପ୍ରଧାନ କହିଛନ୍ତି। ସୂଚନା ଯୋଗ୍ୟ, ଜୁନ୍ ୨୪ରେ ଉକ୍ତ ନଦୀର ଡାଇଭର୍ସନ ରାସ୍ତା ବର୍ଷାଜଳ ଭସେଇ ନେଇଥିବା ବେଳେ ୨ ଦିନ ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୁଣି ଏବେ ଭସେଇନେବାରୁ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ହରିହର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବଥର ଭଳି ଚଳିତଥର ମଧ୍ୟ ବର୍ଷା ଓ ନଦୀରେ ପ୍ରବାହିତ ଜଳସ୍ତର କମିଲେ ହିଁ ମରାମତି କାର୍ଯ୍ୟ କରାଯିବ। ବର୍ଷାଦିନ ସରିବା ପର୍ଯ୍ୟନ୍ତ ଯେତେଥର ଧୋଇବ ସେତେଥର ମରାମତି କରିବା ଛଡ଼ା ଆଉ କିଛି ଉପାୟ ନାହିଁ।

# ୯ରେ ହରତାଳ କରିବ ଏଆଇଟିୟୁସି

ପାରଳାଖେମୁଣ୍ଡି,୨।୭(ଗିରିଧାରୀ ପରିଚ୍ଛା): କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, ଯୁବ, ଛାତ୍ର ସ୍ୱାର୍ଥ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ସଂଯୁକ୍ତ ମୋର୍ଚ୍ଚା ଆହ୍ୱାନକ୍ରମେ ଆସନ୍ତା ୯ ତାରିଖରେ ଦେଶବ୍ୟାପୀ ହରତାଳ ଓ ସାଧାରଣ ଧର୍ମଘଟ ହେବ। ଗଜପତି ଜିଲାରେ ଏହାକୁ ସଫଳ କରିବା ପାଇଁ ଏଆଇଟିୟୁସି ଜିଲା କମିଟି ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସସ୍ମିତା ତରୟିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂଯୋଜକ ନରସିଂହ ମାଲିଶୋୟୀ ବିବରଣୀ ଉପସ୍ଥାପନ କରିଥିଲେ। ଏଆଇଟିୟୁସି ରାଜ୍ୟ ସଂପାଦକ ଜୟନ୍ତ ଦାସ ଉଦବୋଧନ ଦେଇ ଭାଜପା ସ ରକାର ଗତ ୨୦୧୪ରୁ ଏର୍ଯ୍ୟନ୍ତ ଶାସନ କାଳରେ ଶ୍ରମିକ ଶ୍ରେଣୀକୁ ମଧ୍ୟଯୁଗୀୟ



ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା।

କ୍ରୀତଦାସରେ ପରିଣତ କରାଇଥିବା କହିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ଼ ରଦ୍ଦ, ଆଶା, ଅଙ୍ଗନୱାଡ଼ି, ପାଚିକା ସହାୟିକା, ଉଦ୍ୟାନ ସାଥୀ, ଗ୍ରାମ ପଞ୍ଚାୟତ କର୍ମଚାରୀ ସମେତ ମିଶନ ଶକ୍ତି ଓ ଜୀବିକା ମିଶନ ଇସି କର୍ମଚାରୀଙ୍କୁ ୱାର୍କର ମାନ୍ୟତା ପ୍ରଦାନ, ଦେଶର ଶ୍ରମିକ ମାନଙ୍କର ସମସ୍ୟା ସମାଧାନ, ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ ଆଦି ଦାବି ନେଇ ସାଧାରଣ ଧର୍ମଘଟ ଓ ହରତାଳ ହେବ। ରାଜ୍ୟର ସମସ୍ତ ଶିଳ୍ପ, କଳ କାରଖାନା ଓ ବାଣିଜ୍ୟ ପ୍ରତିଷ୍ଠାନ, ସମସ୍ତ ସହର ବଜାର, ବ୍ଲକ, ତହସିଲ ଠାରୁ ଆରମ୍ଭକରି ଜିଲା ଓ ରାଜ୍ୟ ସଦର ମହକୁମାରେ ହରତାଳ ଓ ସାଧାରଣ ଧର୍ମଘଟ କରାଯିବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ଏଆଇଟିୟୁସି ଜିଲା ଆବାହକ ରଞ୍ଜନ ମହାପାତ୍ର, ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ଇସ୍ରାଏଲ ମାଳି, ପ୍ରାଚିସ୍କା ନାଏକ, ଶର୍ମିଷ୍ଠା ମିଶ୍ର, ଜିଲ୍ଲା ମୋଟର କର୍ମଚାରୀ ସଂଘର ଜଗନ୍ନାଥ ରାଓ, ସରୋଜିନୀ ବେହେରା, କୁମୁଦିନୀ ଲିମା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟଣା

# କୋଠ ସମ୍ପତ୍ତି ବିବାଦ କାରଣ, ୫ ଗିରଫ

ଛତ୍ରପୁର,୨।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମରେ ଗ୍ରାମ୍ୟ କମିଟିକୁ ନେଇ ମଙ୍ଗଳବାର ହୋଇଥିବା ସଂଘବଦ୍ଧ ଆକ୍ରମଣରେ ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଛତ୍ରପୁର ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋବା ଗ୍ରାମର ନିରଞ୍ଜନ ସ୍ୱାଇଁ ଓରଫ ନିର, ହର୍ଷ ସାହୁ, ଗୌରୀ ଶଙ୍କର ସ୍ୱାଇଁ, ତପନ ସାହୁ ଓ ଅଖିଳ ସ୍ୱାଇଁ। ୨ ବର୍ଷ ହେଲା ଗାଁରେ ଚାଲିଥିବା କୋଠ ସମ୍ପତ୍ତି ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଗଞ୍ଜାମ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୃଷ୍ଟି ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।


ଅତିରିକ୍ତ ଏସପି ସୂଚନା ଦେଉଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗାଁରେ ୨୦୨୩ରୁ ୨୦୨୫ ମଧ୍ୟରେ କୋଠ ସମ୍ପତ୍ତି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି । ଛତ୍ରପୁର ଥାନା ପୋଲିସ ଏ ନେଇ ୫ଟି ମାମଲା ରୁଜୁ କରିଛି। ଏଥିସହ ବିଏନଏସଏସର ୧୨୬ ଧାରାରେ ଉଭୟ ଗୋଷ୍ଠୀକୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିଲା ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀ ରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନରେ ତୋଫାନ ମନ୍ଦିରରୁ ଫେରୁଥିବା ବେଳେ ଗୋବା ଗାଁଛକରେ ତାଙ୍କୁ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ଖଣ୍ଡା, କାତି, ଡେଙ୍ଗା, ହକିଷ୍ଟିକ, ରଡ଼ ଆଦିରେ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ଖବରପାଇ ତୋଫାନଙ୍କ ସମ୍ପର୍କୀୟ ଭାଇ ସୁଧୀର କୁମାର ସ୍ୱାଇଁ, ନନ୍ଦ ବାରିକ, କାଳିଆ ସାହୁ ଓ ରାହୁଲ ସ୍ୱାଇଁ ସେଠାରେ ପହଞ୍ଚିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ସମସ୍ତଙ୍କୁ ଛତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତୋଫାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଆହତ ସୁଧୀର ୨୦ ଜଣଙ୍କ ନାଁରେ ଏତଲା ଦେଇଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ କେନାଲ ଆଡ଼ିବନ୍ଧ

## ରାସ୍ତାରେ ଭାସୁଛି ପାଣି, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି

ଭଞ୍ଜନଗର,୨।୭(ବାବୁଲା ପ୍ରଧାନ)

ସର୍ବସାଧାରଣଙ୍କ ସୁବିଧା ପାଇଁ ଅନେକ ଯୋଜନା ହେଉଛି। କିନ୍ତୁ ଏମିତି କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଅଛନ୍ତି ସେମାନେ କେବଳ ନିଜର ସ୍ୱାର୍ଥ ଦେଖୁଛନ୍ତି। ଫଳରେ ସାଧାରଣଜନତା ତାହାର କୁପରିଣାମ ଭୋଗୁଛନ୍ତି। ଭଞ୍ଜନଗର ସହର ଏବଂ ସହରତଳି ଗ୍ରାମ ଗୁଡିକରେ ଜଳସେଚନ ସୁବିଧା ପାଇଁ କେନାଲ ନିର୍ମାଣ ହୋଇଛି। କିନ୍ତୁ ଇତିମଧ୍ୟରେ ଅନେକ କେନାଲ ଆଡ଼ିବନ୍ଧକୁ କିଛି ଲୋକେ ଜବରଦଖଲ କରିନେଲେଣି। ଫଳରେ ବର୍ତ୍ତମାନ ଅନେକ ସମସ୍ୟା ଦେଖାଦେଇଛି। କେଉଁଠି କେନାଲ ଆଡ଼ିବନ୍ଧ ସଫେଇରେ ସମସ୍ୟା ହେଉଛି ତ ଆଉ କେଉଁଠି ଯାତାୟତରେ ଅସୁବିଧା ହେଉଛି। ଲୋକେ ବର୍ଷ ବର୍ଷ ଧରି ଜବରଦଖଲ କରି ରଖିଛନ୍ତି। ଯେତେବେଳେ ସେମାନଙ୍କୁ ଉଚ୍ଛେଦ ପାଇଁ ଆବଶ୍ୟକ ପଡୁଛି ସେତେବେଳେ ଅନେକ ଆଇନଗତ ସମସ୍ୟା ଦେଖାଦେଉଛି। ଏଥିସହ ଅଶାନ୍ତି ଏବଂ ବିବାଦ ମଧ୍ୟ ଦେଖାଦେଉଛି।

ଭଞ୍ଜନଗର ସହରର ଅଧିକାଂଶ କେନାଲ ଆଡ଼ି ଜବରଦଖଲ ହୋଇଛି। ତେଣୁ ଉକ୍ତ କେନାଲ ଗୁଡ଼ିକରେ ପାଣି ଆଉ ଠିକ ଭାବେ ଚାଷ କାର୍ଯ୍ୟପାଇଁ ଯାଉନାହିଁ। ସହର ର ମଇଳା ପାଣି ବର୍ତ୍ତମାନ କେନାଲରେ ଯାଉଛି। ବର୍ଷା


ଭାଲିଆଖାଇ ଗ୍ରାମରେ କେନାଲ ଜବରଦଖଲ ଯୋଗୁ ରାସ୍ତାରେ ବର୍ଷା ପାଣି ଭାସୁଛି।

ଦିନେ ବର୍ଷା ପାଣି କେନାଲ ରେ ଠିକ ଭାବେ ନିଷ୍କାସନ ହୋଇନପାରି ରାସ୍ତାଘାଟ ଏଣେତେଣେ ଭାସୁଛି। ଏନେଇ କୌଣସି ବିଭାଗ ଆବଶ୍ୟକ ପଦକ୍ଷେପ ନେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧିପାଉଛି ।

ଅନ୍ୟପଟେ ଏହି ବ୍ଲକ ଅନ୍ତର୍ଗତ ଭାଲିଆଖାଇ ଗ୍ରାମରେ ମଧ୍ୟ କେନାଲ ଆଡିକୁ କେତେଜଣ ଲୋକ ଜବରଦଖଲ କରିଥିବା ନେଇ ଗତ ସପ୍ତାହରେ ଭଞ୍ଜନଗର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ ଘଟଣାର ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ରାଜସ୍ୱ ବିଭାଗ ଆଗକୁ କ'ଣ ପଦକ୍ଷେପ ନେଉଛି ତାହାକୁ ନେଇ ଗ୍ରାମବାସୀ ଅପେକ୍ଷାରେ ଅଛନ୍ତି। ଦିନକୁ ଭଞ୍ଜନଗର ଅଞ୍ଚଳରେ ଜବରଦଖଲ ସମସ୍ୟା ବଢୁଛି। ତାହାର କୁପରିଣାମ ସାଧାରଣ ଜନତା ଭୋଗୁଛନ୍ତି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବୀ ହୋଇଛି।

## ସାମାଜିକ ନାଟକ ଉଦ୍‌ଘାଟିତ

ଶେରଗଡ଼, ୨।୭ (ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ର ମା'ଶୀତଳା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମଙ୍ଗଳବାର ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଏକ ସାମାଜିକ ନାଟକର ଶୁଭାରମ୍ଭ କରିଛନ୍ତି। ରଥଯାତ୍ରା ଅବସରରେ ନାଟକ କିଏ କାନ୍ଦି ନାହଁ ହାତ ଟେକ ମଞ୍ଚସ୍ଥ ହୋଇଛି। ଏଥିରେ ବିଧାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିବା ବେଳେ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଦେକାନ୍ତ ଶର୍ମା ଯୋଗଦେଇ ଥିଲେ। ତରୁଣ କଳାକାର ମାନେ ନାଟକରେ ନିଖୁଣ ଅଭିନୟ କରି ଥିବା ବେଳେ ନାଟକଟି ସମାଜରେ ପ୍ରଚଳିତ ପ୍ରଥା, ଚାଲିଚଳଣ, ଗରିବ ପରିବାରର ଦୁଃଖ କାହାଣୀ ଉପରେ ଅଧାରିତ ହୋଇଛି।

## 'ମଝି ନଈରେ ମୋ ଜୀବନ ଡଙ୍ଗା' ମଞ୍ଚସ୍ଥ

ଦିଗପହଣ୍ଡି,୨।୭(ଅଶେଷ ନାଥ ମିଶ୍ର)

ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସାମାଜିକ ନାଟକ 'ମଝି ନଈରେ ମୋ ଜୀବନ ଡଙ୍ଗା' ଦିଗପହଣ୍ଡି ବ୍ଲକ ଭ୍ରମରପୁର ବଡ଼ଦାଣ୍ଡ ବ୍ରାହ୍ମଣ ସାହିରେ ମଞ୍ଚସ୍ଥ ହୋଇଛି। ଗ୍ରାମର ଶ୍ରୀ ଗୋପୀନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁଶାନ୍ତ ଷଡଙ୍ଗୀଙ୍କ ସହଯୋଗରେ ପରିବେଷିତ ନାଟକକୁ ନୂଆପଡ଼ା ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଏସଆଇ ଜଗବନ୍ଧୁ ବାର୍ଲା ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଗୌଡ଼ଗାଁ ସରପଞ୍ଚ ପ୍ରତିନିଧି ଆଦିତ୍ୟ ସାହୁ, ପୀତବାସ ଚଣ୍ଡ, କୈଳାସ ସାହୁ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ରାଧାକାନ୍ତ ନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଗ୍ରାମର କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା।

# ଗଞ୍ଜେଇ ଜବତ, ୩ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ, ବ୍ରାଉନ ସୁଗାର, ମୋବାଇଲ

ବାଲିଗୁଡା,୨।୭ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ପୋଲିସକୁ ଆଉ ଏକ ସଫଳତା ମିଳିଛି। ପାଟ୍ରୋଲିଂ ବେଳେ ଗଞ୍ଜେଇ, ବ୍ରାଉନ ସୁଗାର, ବାଇକ, ମୋବାଇଲ ଫୋନ ଜବତ ସହ ଘଟଣାରେ ସଂଶ୍ଲିଷ୍ଟ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟକୁ ନେଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୂଚନାରୁ ପ୍ରକାଶ, ଚଳିତ ମାସ ୧ ସନ୍ଧ୍ୟାରେ ବାଲିଗୁଡା ପୋଲିସ ଏସଆଇ କିଶୋର ଚନ୍ଦ୍ର ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଓ ବ୍ରାଉନ ସୁଗାର ଚାଲାଣ ହେଉଥିବା ଖବର ପାଇବା ପରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରି କ.ନୂଆଗାଁ ଅଞ୍ଚଳରେ ଏକ ପଲସର ମୋଟର ସାଇକେଲରେ ୨ଜଣ ବ୍ୟକ୍ତିଙ୍କୁ ତନଖିବା ସମୟରେ ସେମାନେ ବାଲିଗୁଡ଼ା ଥାନା ଗୁଳିମରାପଦା ସାହିର ଦିପକ ଦିଗାଳଙ୍କ ଠାରୁ ଗଞ୍ଜେଇ ଏବଂ ବ୍ରାଉନସୁଗାର ନେଉଥିବା ସ୍ୱୀକାର କଲେ। ଏହି ଘଟଣାରେ ଦୀପକର ସହଯୋଗୀ ବାଲିଗୁଡା ଥାନା ଅନ୍ତର୍ଗତ ପାଟଖଣ୍ଡା ସାହିର ମହେନ୍ଦ୍ର ମଲ୍ଲିକ ଓ ଦାରିଙ୍ଗବାଡି ଥାନା ଅନ୍ତର୍ଗତ ସିମନବାଡ଼ି ଅଞ୍ଚଳର କେ. ଶିବ ପ୍ରସାଦ ଆଚାରୀଙ୍କୁ ଯାଞ୍ଚ କରିବା ସମୟରେ ସେମାନଙ୍କ ଠାରୁ ୨୨ କିଲୋଗ୍ରାମ ଗଞ୍ଜେଇ, ୬ (ଛଅ) ଗ୍ରାମ ବ୍ରାଉନସୁଗାର, ଦୁଇଟି ମୋଟରସାଇକେଲ, ୧୦ଟି ମୋବାଇଲ ଫୋନ୍ ଜବତ କରି ବାଲିଗୁଡ଼ା ପିଏସ୍ କେଶ୍ ନଂ.୧୯୬/୨୫- ୟୁ/ଏସ୍-୨୦ (ବି)(ଆଇ)(ସି)/୨୧(ବି) ଏନଡିପିଏସ୍ ଆକ୍ଟରେ ମକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ବାଲିଗୁଡା ଥାନାର ଅନୁସନ୍ଧାନକାରୀ ଅଧିକାରୀ ଏସଆଇ.ପ୍ରମୋଦ ଜେନା ଏହି ଘଟଣାରେ ଆଉ କିଏ କିଏ ସଂଶ୍ଲିଷ୍ଟ ଅଛନ୍ତି। ସେ ନେଇ ତଦନ୍ତ ଅବ୍ୟାହତ ରଖିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. (i) ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୧୨** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶିତ ତାରିଖର ୧୨.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ମେଚେଡ଼ାଠାରେ ୨୦ ଶଯ୍ୟାବିଶିଷ୍ଟ ନୂଆ ରନିଂ ରୁମ୍ ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୩୮,୧୦,୫୬୯.୪୦ । **ବିଡ୍ ଅମାନତ/ଇ.ଏମ୍.ଡି.:** ₹୨,୧୯,୧୦୦/- । **ଖୋଲାଯିବା ତାରିଖ:** ୧୬।୦୭।୨୦୨୫ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹ ଶୂନ । **ସମାପ୍ତି ଅବଧି:** କ୍ର.ସଂ. (i) ପାଇଁ ୦୯ ମାସ, ସ୍ୱୀକୃତି ପତ୍ର ଜାରିହେବା ତାରିଖରୁ । ଦାଖଲର ତାରିଖ: ତା୧୬।୦୭।୨୦୨୫ରିଖ ୧୨.୦୦ ଘଣ୍ଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଓ ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ଟେଣ୍ଡରଦାତାମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-343)


## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଜି.ଉଦୟଗିରି,୨।୭ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ପ୍ରସନ୍ନ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କେବିଡିଏଭି ମହାବିଦ୍ୟାଳୟ, ନିରାକାରପୁର, ଖୋର୍ଦ୍ଧାରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଭାବରେ କାର୍ଯ୍ୟରତ ଥିଲେ। ମହାବିଦ୍ୟାଳୟର ବିଦାୟୀ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ନୂତନ ଅଧ୍ୟକ୍ଷ ଏବଂ ଓଡ଼ିଆ ବିଭାଗକୁ ବଦଳି ହୋଇ ଆସିଥିବା ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆଙ୍କୁ ସ୍ୱାଗତ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୨।୭(ଅଶେଷ ନାଥ ମିଶ୍ର ଦିଗପହଣ୍ଡି ବ୍ଲକ ଆଙ୍କୋରଡା କ୍ଲଷ୍ଟର କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ ନନ୍ଦ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଇଓ କୋରେଶ ସେଠୀ ପ୍ରମୁଖ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ସୁଖଜୀବନ କାମନା କରିଥିଲେ।

# ଦଳିତଙ୍କ ନାଁରେ ଆନ୍ଦୋଳନ କରୁଥିବା ସମ୍ପ୍ରଦାୟକୁ ବିରୋଧ

ମୋହନା,୨।୭ (ମନ୍ମଥ ମିଶ୍ର)

ମୋହନା ସମେତ ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଭାରତ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା କିଛି ଅନ୍ୟ ସମ୍ପ୍ରଦାୟର ଲୋକେ ଦଳିତଙ୍କ ନାମ ବ୍ୟବହାର କରି ଆନ୍ଦୋଳନ କରିଥିଲେ। ଯାହାକୁ ନେଇ ପ୍ରକୃତ ଦଳିତ ସମାଜ ପକ୍ଷରୁ ବିରୋଧ କରି ବୁଧବାର ଦିନ ଦଳିତ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ଦେଇଛନ୍ତି। ଗତ କିଛି ଦିନ ପୂର୍ବରୁ ଦଳିତଙ୍କ ପ୍ରତି ଘଟିଥିବା ଅମାନୁଷିକ ଘଟଣାକୁ ନେଇ ଗଜପତି ଜଲାରେ କିଛି ସଂଗଠନ ଦଳିତଙ୍କ ନାରେ ଅପପ୍ରଚାର କରିବା ସହ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଗଜପତି ଜିଲାରେ କୌଣସି ଦଳିତମାନେ ଗୋଚାଲାଣରେ ସମ୍ପୃକ୍ତ ନ ଥିବା ବେଳେ କିଛି ସମ୍ପ୍ରଦାୟର ଲୋକେ ବେଆଇନ ଗୋ ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଯେଉଁମାନେ ଗୋଚାଲାଣରେ ସମ୍ପୃକ୍ତ ଅଛନ୍ତି ଓ ଦଳିତଙ୍କ ନାମକୁ ଅପପ୍ରଚାର କରୁଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ୧୭ରେ ଆନ୍ଦୋଳନକୁ ଓହ୍ଲାଇବେ ୨ ପଞ୍ଚାୟତବାସୀ


ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ୨ ପଞ୍ଚାୟତବାସୀ

ମୋହନା,୨।୭ (ମନ୍ମଥ ମିଶ୍ର)

ଆଧୁନିକ ଦୁନିଆରେ ମୋବାଇଲ ଓ ଇଣ୍ଟରନେଟ୍ ସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକୀୟ ହୋଇ ପଡିଥିବା ବେଳେ ଏବେ ମଧ୍ୟ ଉପାନ୍ତ ଅଞ୍ଚଳର ଲୋକେ ବଞ୍ଚିତ ରହିଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଆସୁଥିଲେ ମଧ୍ୟ ସମସ୍ୟା ଦୂର ହେଉନାହିଁ। ଫଳରେ ଆସନ୍ତା ୧୭ରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ୨ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଛେଲାଗଡ଼ ଓ ଡ଼ାବରାଗୁଡ଼ା ପଞ୍ଚାୟତବାସୀଙ୍କ ଦୁଃଖ କହିଲେ ନ ସରେ। ଏମାନେ ବର୍ଷ ବର୍ଷ ଧରି ନେଟୱାର୍କ ସମସ୍ୟା ଭୋଗି ଆସୁଛନ୍ତି। ନେଟୱାର୍କ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠପଢା ସମେତ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା

**ନେଟୱର୍କ ସମସ୍ୟା**

ସହିତ ସରକାରୀ ସେବା ବାଧାପ୍ରାପ୍ତ ହେଉଛି। ବିଏସଏନଏଲ ବିଭାଗ ପକ୍ଷରୁ ଛେଲାଗଡ଼ରେ ନେଟୱର୍କ ସେବା ଯୋଗାଇବା ପାଇଁ ଟାୱାର ସ୍ଥାପନ ହୋଇଛି। ହେଲେ ଆଜିକୁ ୮ ମାସ ହେଲା ଅଚଳ ହୋଇ ପଡିଛି । ଏଥିସହ ଛେଲାଗଡ ପଞ୍ଚାୟତ ଓ ଡ଼ାବରାଗୁଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ଆଜି ଯାଏ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଅଞ୍ଚଳବାସୀ ନେଟୱର୍କ ସେବା ପାଇନରୁ ବଞ୍ଚିତ ଅଛନ୍ତି। ଏହି ସମସ୍ୟା ନେଇ ଅଞ୍ଚଳବାସୀ ବହୁବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସମେତ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ଫଳରେ ବାଧ ହୋଇ ୧୭ରେ ୨ ପଞ୍ଚାୟତବାସୀ ମକାପଦା ଛକ ଠାରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେବା ସହ ବୁଧବାର ଜିଲାପାଳ ଓ ଏସ୍‌ପିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।


**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

**NIT No : OCPL/SER-205/2025** **Date : 03/07/2025**

Sealed bids in prescribed format are invited from Agency/Contractor for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Engagement of an Agency for Comprehensive Maintenance Work of Rehabilitation & Resettlement (R & R) Colony-II of Odisha Coal and Power Limited (OCPL) at Hemgir, Sundargarh, Odisha. | Rs.1,180/- (Rupees One Thousand One Hundred Eighty only) including GST. | 03/07/2025 | 10/07/2025 | 03:00 PM / 03:30 PM on 18/07/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

**Sd./- Chief Operating Officer**



**"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी**

**काष्ठागार नगरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत नगरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार नगरी से प्राप्त की जा सकती है।

नीलाम दिनांक - 11 जुलाई 2025
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) |
| सागौन | 260.435 | 3664 | 198.310 | 2500 | 458.745 | 6164 |
| साल | 59.324 | - | 364.038 | 412 | 423.362 | 412 |
| साजा | 252.407 | - | 60.763 | 310 | 313.170 | 310 |
| बीजा | 147.575 | - | 5.021 | - | 152.596 | - |
| तिन्सा | 15.732 | - | 1.333 | - | 17.065 | - |
| हल्दु/गुण्डी/खम्हार | 17.737 | - | 67.388 | - | 85.125 | - |
| घावड़ा | 108.115 | - | 34.388 | 48 | 142.503 | 48 |
| नीलगिरी | - | - | 128.713 | - | 128.713 | - |
| करा/सेन्हा/अन्य | 310.185 | - | - | 931 | 310.185 | 931 |
| योग | **1171.510** | **3664** | **859.954** | **4201** | **2031.464** | **7865** |
| साल जलाऊ चट्टा | - | Chatta | 307 | Chatta | 307 | Chatta |
| योग:- | - | Chatta | 307 | Chatta | 307 | Chatta |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कामर्स पोर्टल में रजिस्ट्रेशन करना अनिवार्य है।
(2) क्रेताओं को ई-ऑक्सन के पूर्व क्रय लोंटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137

G-252601900/4 स्वा./- वनमण्डलाधिकारी, धमतरी वनमंडल, धमतरी

## ମୃତ ସମ୍ବର ଜବତ



ଚିକିଟି,୨।୭(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ଉଷାଦେବୀଙ୍କ ବାସଭବନ ସଂଲଗ୍ନ ପାଚେରୀ ଭିତରେ ବୁଧବାର ଅପରାହ୍ନରେ ଏକ ମୃତ ସମ୍ବରକୁ ଚିକିଟି ବନବିଭାଗ ଜବତ କରିଛି। ସୂଚନାଯୋଗ୍ୟ ରତନେଇ ଜଙ୍ଗଲରୁ ଏକ ସମ୍ବରକୁ କୁକୁର ପିଛା କରିବା ଫଳରେ ଦୌଡ଼ି ଆସି ବିଧାୟିକାଙ୍କ ବାସଭବନ ପାଚେରୀ କାନ୍ଥକୁ ଧକ୍କାଦେଇ ପଡିଯିବାରୁ ଘଟଣାସ୍ଥଳରେ ସମ୍ବରଟିର ମୃତ୍ୟୁ ହୋଇଥିଲା। ଏନେଇ ଚିକିଟି ବନବିଭାଗକୁ ଜଣାଇବା ପରେ ଘଟଣା ସ୍ଥଳରେ ବନବିଭାଗ ଅଧିକାରୀ କାମନା ଭୂୟାଁ ପହଞ୍ଚି ମୃତ ସମ୍ବରକୁ ଜବତ କରିଛନ୍ତି। ଗୁରୁବାର ମୃତ ସମ୍ବରଟିର ବ୍ୟବଚ୍ଛେଦ କରାଯିବା ବୋଲି ବନବିଭାଗ ଅଧିକାରୀ କହିଛନ୍ତି।

## ଆସିକା ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ

ଛତ୍ରପୁର,୨।୭(ଦିଲ୍ଲୀପ ସାମଲ): ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନାଙ୍କ ବିରୋଧରେ କୋଟିନଡା ଥାନା ଅଧୀନ ସିଦ୍ଧିନୂଆଗାଁ ଗ୍ରାମର ଶିବରାମ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଆସିକା ଥାନାରେ ବହୁବର୍ଷ ଧରି ରହିଥିବା ଜଣେ କନଷ୍ଟେବଲଙ୍କ ଜରିଆରେ ସେ ବିଭିନ୍ନ ବ୍ୟବସାୟୀମାନଙ୍କଠାରୁ ବଟି ଆଦାୟ କରୁଥିବା ଶିବରାମ କହିଛନ୍ତି। ଶିବରାମ ତାଙ୍କ ସ୍ତ୍ରୀଙ୍କ ନାମରେ ଲାଇସେନ୍ସପ୍ରାପ୍ତ ଏକ ବିଦେଶୀ ମଦ ଦୋକନ ଚଳାଉଛନ୍ତି। ତାଙ୍କୁ ଏସଡିପିଓ ବିଭିନ୍ନ ହଇରାଣ କରିଥିବା ଓ ଧମକ ଦେଇଥିବା ଶିବରାମ କହଛନ୍ତି । ସେ ଏ ନେଇ ମୁଖ୍ୟମନ୍ତ୍ରୀ, ପୋଲିସ ଡିଜି, ଗୃହ ବିଭାଗ ସଚିବ, ଗଞ୍ଜାମ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହ କୋଟିନଡା ଥାନାରେ ଆସିକା ଏସଡିପିଓ ଓ ସମ୍ପୃକ୍ତ କନଷ୍ଟେବଲଙ୍କ ବିରୋଧରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆସିକା ଜେଏମଏଫସି କୋର୍ଟରେ ୬/୨୦୨୫ରେ ଏକ ୱାନସିସି ମାମଲା ଦାୟର କରିଥିବା କହିଛନ୍ତି। ଜୀବନ ପ୍ରତି ବିପଦ ଥିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶିବରାମ ଏବଂ ତାଙ୍କ ଓକିଲ ଦିଲ୍ଲୀପ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ଏ ନେଇ ଆସିକା ଏସଡିପିଓ ଜେନାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।

## ଅଟୋ ପଛକୁ ଧକ୍କା ଦେଲା ଟ୍ରକ୍, ୩ ଆହତ

ହିଞ୍ଜିଳିକାଟୁ, ୨।୭ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ପୌରାଞ୍ଚଳ କଲେଜ ସମ୍ମୁଖରେ ବୁଧବାର ରାତିରେ ଏକ ଯାତ୍ରୀବାହୀ ଅଟୋ (ଓଡି ୦୭ ଏକ୍ସେ ୭୮୦୯ ) ପଛକୁ ଏକ ଟ୍ରକ (ଓଆର ୦୭ ଏଲ ୫୭୦୩) ଧକ୍କା ଦେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି। ଆହତଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇ ଚାଳକ ଟ୍ରକକୁ ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେବେଳେ ସମରଝୋଳ ଛକରେ ପୋଲିସ ଟ୍ରକକୁ ଅଟକାଇବା ଚାଳକଙ୍କୁ ଥାନାରେ ଅଟକ ରଖିଛି। ଯାତ୍ରୀବାହୀ ଅଟୋଟି ଆସିକାରୁ ବ୍ରହ୍ମପୁର ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଟ୍ରକଟି ଅଟୋ ପଛପଟକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ।

# ହସ୍ତାନ୍ତର ହେଉନି କଲେଜ କୋଠା

- ଗୋପାଳପୁର କଲେଜ ଛାତ୍ରୀଛାତ୍ର ହସନ୍ତସନ୍ତ
- ରୁଷା ଅନୁଦାନ ବଢ଼ୁଥିବାରୁ କଲେଜ କ୍ଷତି ସହୁଛି
- ଡେଭିଏଶନ ସ୍ୱୀକୃତି ନ ମିଳିବାରୁ କାମ ବନ୍ଦ
- ମନ୍ତ୍ରୀ ଅବଗତ କରିବା ପରେ ବି ବିଭାଗର ହେୟଜ୍ଞାନ



ଅଧାପନ୍ତରିଆ ହୋଇ ରହିଥିବା କୋଠା।

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜ ପରିସରରେ ରୁଷା ଅନୁଦାନ ପାଣ୍ଠିରେ ଅତିରିକ୍ତ କୋଠା କାମ ଚାଲିଛି। ତେବେ ୩ ବର୍ଷ ହେଲା କୋଠା ନିର୍ମାଣ କାମ ସରୁନଥିବାରୁ ଛାତ୍ରୀଛାତ୍ର ହନ୍ତସନ୍ତ ହେଉଥିବା କଲେଜ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ପ୍ରକାଶ କରିଛନ୍ତି। ୨୦୧୮ରେ ରୁଷା ପାଣ୍ଠିରୁ ଗୋପାଳପୁର କଲେଜରେ ଅତିରିକ୍ତ କୋଠା ନିମନ୍ତେ ଖଲ୍ଲିକୋଟ କ୍ଲଷ୍ଟର ପକ୍ଷରୁ ୨ କୋଟି ୧୯ ଲକ୍ଷ ୪୮ ହଜାର ୭୫୦ ଟଙ୍କା ମଞ୍ଜୁର ହୋଇଥିଲା । ୭ କୋଠାରେ ଗୋଟିଏ କମ୍ପ୍ୟୁଟର ଲ୍ୟାବ, ୩ ସ୍ମାର୍ଟ କ୍ଲାସ୍ ଓ ୩ ଆର୍ଟ୍ସ ବ୍ଲକ ପାଇଁ ଏହି ଅନୁଦାନ ଖର୍ଚ୍ଚ ହେବାକୁ ସ୍ଥିର ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଏହି କୋଠା ନିର୍ମାଣ କାମର ଦାୟିତ୍ୱ ନେଇଛି। ତେବେ ଗତ ୨୦୧୯ ଅଗଷ୍ଟ ୨୬ ତାରିଖ ସୁଦ୍ଧା ଶତକଡା ୫୦ ଭାଗ ଅର୍ଥ ପୈଠ କରାଯାଇଥିଲା। ପୁଣି ୨୦୨୦ ଜୁଲାଇ ୧ ତାରିଖରେ ଉକ୍ତ ଟଙ୍କା କଲେଜକୁ ଫେରସ୍ତ ହୋଇଥିଲା। ପରେ ସରକାରଙ୍କ ଅନୁମତି କ୍ରମେ ୨୦୨୧ରେ ପୁଣି ଏଷ୍ଟିମେଟ କରି ୨ କୋଟି ୩୯ ଲକ୍ଷ ୩୭ ହଜାର ଟଙ୍କା ଚୂଡାନ୍ତ ହୋଇଥିଲା । ପୂର୍ବରୁ ହୋଇଥିବା ଚୂଡାନ୍ତ ଅର୍ଥରୁ ପ୍ରାୟ ୩୪ ଲକ୍ଷ ବର୍ଦ୍ଧିତ ହୋଇଥିଲେ ମଧ୍ୟ କଲେଜ ପକ୍ଷରୁ ୨୦୨୧ ନଭେମ୍ବର ୧୧ ତାରିଖରେ ପୁରା ଟଙ୍କା ପୈଠ କରାଯାଇଥିଲା। ପରେ ୨୦୨୨ରେ କୋଠା କାମ ଆରମ୍ଭ ହୋଇଥିଲା । ପ୍ରାୟ ଶତକଡା ୯୦ ଭାଗ କାମ ସରିଛି। ଆଉ ୧୦ ଭାଗ କାମ ଛାଡି ବିଭାଗ ଚୁପ୍ ରହିଛି। ଏହି ୧୦ ଭାଗ ଭିତରେ ରହିଛି ଡ୍ରେନ, ବିଦ୍ୟୁତ, ଶୌଚାଳୟ, ଗାର୍ଡ ୱାଲ ଆଦି କାମ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରକାରଙ୍କୁ ଡେଭିଏସନ ପାଇଁ ଚିଠି କରିଥିଲେ ମଧ୍ୟ ଏହାର ସ୍ୱୀକୃତି ମିଳି ନଥିବାରୁ କାମ ବନ୍ଦ ରହିଛି ବୋଲି କୁହାଯାଇଛି । ତୁରନ୍ତ କୋଠା କାମ ସରିଲେ ଯୁକ୍ତ ୩ ଏବଂ ପିଜି ବିଭାଗ ଛାତ୍ରୀଛାତ୍ର ପାଠପଢ଼ା ସୁଯୋଗ ପାଇବେ। ଏ ନେଇ କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡା କୁହନ୍ତି, ପ୍ରାୟ ୩ ବର୍ଷ ହେଲା କୋଠା ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ସୁଧା କଲେଜକୁ ହସ୍ତାନ୍ତର ହୋଇନାହିଁ । କୋଠା କାମ ବିଳମ୍ବ ହୋଉଥିବାରୁ ରୁଷା ପାଣ୍ଠିର ଅନୁଦାନ ବଢ଼ି ବଢ଼ି ଚାଲିଛି। ଯଦ୍ୱାରା କଲେଜରୁ ଆର୍ଥିକ କ୍ଷତି ସହିବାକୁ ପଡୁଛି । ଏ ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ମନ୍ତ୍ରୀ ବିଭାଗକୁ ମଧ୍ୟ ଅବଗତ କରିଛନ୍ତି। କିନ୍ତୁ ବିଭାଗ ହେୟଜ୍ଞାନ କରୁଥିବା ସେ କହିଛନ୍ତି । ତୁରନ୍ତ କୋଠା ନିର୍ମାଣ ସାରି କଲେଜକୁ ହସ୍ତାନ୍ତର କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

## ବେଆଇନ ମିଶ୍ରି କମ୍ପାନୀ ସିଲ୍, ମାଲିକ ଗିରଫ



କମ୍ପାନୀରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ) ବଡବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଦ୍ୱିତୀୟ ଲାଇନରେ ଚାଲିଥିବା ଏକ ବେଆଇନ ମିଶ୍ରି କମ୍ପାନୀରେ ପୋଲିସ ଚଢଉ କରିଛି। ସେଠାରୁ ବିପୁଳ ପରିମାଣର କଞ୍ଚାମାଲ ଜବତ କରିଛି। କମ୍ପାନୀ ମାଲିକଙ୍କୁ ଗିରଫ କରାଯାଇ କମ୍ପାନୀ ସିଲ୍ କରିଛି ପୋଲିସ। ଅଭିଯୁକ୍ତ ଜଣଙ୍କ ୟୁ. ଭଦ୍ରିନାରାୟଣ ବୋଲି ପୋଲିସ କହିଛି। ଉକ୍ତ ଅଞ୍ଚଳରେ ବେଆଇନ ଭାବେ ମିଶ୍ରି ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ସହ ପୋଲିସ ଟିମ ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ। ମାଲିକ ଏସମ୍ପର୍କିତ କୌଣସି କାଗଜ ପତ୍ର ଦେଖାଇ ପାରିନଥିଲେ। ଯାଞ୍ଚ ବେଳେ ମିଶ୍ରି ପ୍ରସ୍ତୁତ ପାଇଁ ମହଜୁଦ ଥିବା ୨୫ କେଜିର ୧୮୦ ପ୍ଲେଟ, ୩୦ ବସ୍ତା ଚିନି, ବିଭିନ୍ନ ସରଞ୍ଜାମ, ମେସିନ ଇତ୍ୟାଦି ଜବତ ହୋଇଛି। ଅସ୍ୱାସ୍ଥ୍ୟକର ଭାବେ ସେଠାରେ ମିଶ୍ରି ପ୍ରସ୍ତୁତ ହେଉଥିଲା ବୋଲି ପୋଲିସ କହିଛି। ୩/୪ ବର୍ଷ ହେଲା ଉକ୍ତ କମ୍ପାନୀ ମାଲିକ ସେଠାରେ ବେଆଇନ ଓ ଅସ୍ୱାସ୍ଥ୍ୟକର ଭାବେ ମିଶ୍ରି ପ୍ରସ୍ତୁତ କରି ଜିଲା ଓ ଜିଲା ବାହାରେ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।



କୋର୍ଟପେଟା ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ବାମନ ଓ ପର୍ଶୁରାମ ଅବତାର।

## ଗଛ ଲଗାଇଲେ ମାଜିଷ୍ଟ୍ରେଟ

ଶେରଗଡ଼, ୨।୭ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ପଞ୍ଚୁଆଣି ସ୍ଥିତ କୋର୍ଟ ପରିସରରେ ବନମହୋତ୍ସବ ପାଳିତ ହୋଇଛି। ଶେରଗଡ଼ କୋର୍ଟର ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପାଢ଼ୀ ଯୋଗଦେଇ ଚାରା ରୋପଣ କରିଛନ୍ତି। ଏଥିରେ ଆସିକା ରେଞ୍ଜର ପ୍ରମୋଦ ପଣ୍ଡା, ଶେରଗଡ଼ ଫରେଷ୍ଟର ରାଜେନ୍ଦ୍ର ଗୌଡ, ଆଇନଜୀବୀ ସମୀର ପ୍ରଧାନ ଯୋଗଦେଇ ଥିଲେ।

## ଗଞ୍ଜାମ ଜିଲା ଫୁଟ୍‌ବଲ ଲିଗ୍

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଫୁଟବଲ ଲିଗର ବୁଧବାର ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ସୋଡ଼ାକ ଟାଇଗର କ୍ଲବ ସହ ପତିତପାବନ ସଙ୍ଘ ଏଫ. ସି କ୍ଲବ ମଧ୍ୟରେ ହୋଇଥିଲା। ପତିତପାବନ ୬ ଗୋଲ ଦେଇଥିବାବେଳେ ସୋଡ଼ାକ କୌଣସି ଗୋଲ କରିପାରିନଥିଲା। ଦ୍ୱିତୀୟ ମ୍ୟାଚ ଗ୍ରୀନ ଚିଲି, ପଦ୍ମନାଭପୁର ଏଫ. ସି କ୍ଲବ ସହ ଖେମୁଣ୍ଡି ଏଫ. ସି କ୍ଲବର ହୋଇଥିଲା। ଖେମୁଣ୍ଡି ଗୋଟିଏ ଗୋଲ କରିଥିଲେ। ଗ୍ରୀନ ଚିଲି ୨ ଗୋଲ କରି ବିଜୟୀ ହୋଇଥିଲା। ରେଫେରୀ ଥିଲେ ସୁଜିତ କୁମାର ପାତ୍ର, ଭିନସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା ଓ ଅଭିମନ୍ୟୁ ବେହେରା। ଅତିଥି ଭାବେ ଗଞ୍ଜାମ ଫୁଟବଲ ସଂଘର ଯୁଗ୍ମ ସମ୍ପାଦକ ଡି. ଆପାରାଓ ,ବିଜୟୀ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ ବାବୁ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

## ସମାଜ ବିକାଶରେ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଡା. ପି. ରବି କୁମାର ଉଦ୍‌ବୋଧନ ଦେଉଛନ୍ତି।

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ) ସମାଜ ବିକାଶରେ ଜଣେ ଡାକ୍ତରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡାକ୍ତର ହେବାକୁ ହେଲେ ଦୀର୍ଘ ବର୍ଷର ଅଧ୍ୟୟନ, ନିଷ୍ଠା ଏବଂ ଆନ୍ତରିକତାର ଆବଶ୍ୟକତା ରହିଛି ବୋଲି ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର ତଥା ମୁଖ୍ୟ ଡକ୍ଟର ପି. ରବି କୁମାର ପ୍ରକାଶ କରିଛନ୍ତି। ଗୋଇଲୁଣ୍ଡିସ୍ଥିତ ଆର୍ କେ ଡାଇବେଟିସ ଏବଂ ଏଣ୍ଡୋକ୍ରାଇନୋଲୋଜି ସେଣ୍ଟର ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ସେ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଣେ ସୁନାମଧନ୍ୟ ଭେଷଜ ଚିକିତ୍ସକ ସ୍ୱର୍ଗତ ଡକ୍ଟର ବିଧାନ ଚନ୍ଦ୍ର ରାୟ ଜନ୍ମ ଗ୍ରହଣ କରିଥିବାରୁ ଜୁଲାଇ ପହିଲାକୁ ଡାକ୍ତର ଦିବସ ପାଳିତ ହେଉଛି। ଡାକ୍ତରମାନେ ଏବେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ବ୍ୟକ୍ତିଗତ ଜୀବନର ବହୁ ମୂଲ୍ୟ ସମୟ ରୋଗୀ ସେବାରେ ବିତାଉଛନ୍ତି। ତେଣୁ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏଣ୍ଡୋକ୍ରାଇନୋଲୋଜି ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଦୀପକ କୁମାର ଦାସ ଏବଂ ସହକାରୀ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ରହିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କର୍ମଚାରୀ ଡକ୍ଟର ଶଙ୍କର ମାଝୀ ଏବଂ କଳିଙ୍ଗ ବିଦ୍ୟା ମନ୍ଦିରର ସଚିବ ହରେକୃଷ୍ଣ କୋଠିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଏମସି ଘର ଟିକସ ବୃଦ୍ଧିରେ ହାଇକୋର୍ଟଙ୍କ ରହିତାଦେଶ

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ଘର ଟିକସ ବୃଦ୍ଧି ଉପରେ ହାଇକୋର୍ଟ ପୁଣି ଥରେ ରହିତାଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ଗତ ୨୦୨୧ରେ ବିଏମସି ପକ୍ଷରୁ ଘର ଟିକସ ବୃଦ୍ଧିକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସେ ଡବ୍ଲୁପି (ସି) ନଂ-୧୧୨୯୦/୨୧ରେ ଏକ ମାମଲା ରୁଜୁ କରିଥିଲେ। ଏହାକୁ ବିଚାର କରି ହାଇକୋର୍ଟ ପ୍ରଥମେ ବର୍ଦ୍ଧିତ ଘର ଟିକସ ଆଦାୟ ଉପରେ ରୋକ ଲଗାଇଥିଲେ। ଏହାପରେ ମହାନଗର ନିଗମକୁ ହାଇକୋର୍ଟ ୪ ମାସ ମଧ୍ୟରେ କର୍ପୋରେସନ ବୈଠକରେ ଟିକସ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିଗମ ପକ୍ଷରୁ ଟିକସ ବୃଦ୍ଧିକୁ ଯଥାର୍ଥତା ପ୍ରତିପାଦନ କରି ସଠିକ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ହାଇକୋର୍ଟରେ ଆଇନଜୀବୀ ଟିକସ ବୃଦ୍ଧି ବିରୋଧରେ ପୁଣି ଥରେ ଚ୍ୟାଲେଞ୍ଜ କରିଥିଲେ। ବର୍ତ୍ତମାନ ହାଇକୋର୍ଟ ବର୍ଦ୍ଧିତ ଟିକସ ବୃଦ୍ଧିରେ ରୋକ ଲଗାଇ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପଟେ ୨୦୨୦ରେ ନିଗମ ପକ୍ଷରୁ ଘର ଟିକସ ବୃଦ୍ଧି ସମୟରେ କୌଣସି ଜନ ଶୁଣାଣି ଓ କାଉନସିଲର ଅନୁମତି ନିଆଯାଇ ନ ଥିବା ବେଳେ ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରି ନ ଥିବା ଆଇନଜୀବୀ ଅଭିଯୋଗ କରିଛନ୍ତି।

## ସୋସିଆଲ ମିଡିଆରେ ଅପପ୍ରଚାର କରି ଜଣେ ଗିରଫ

ଖଲ୍ଲିକୋଟ,୨।୭(ପ୍ରଶାନ୍ତ କୁମାର ମିଶ୍ର): ମଥୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ତାଙ୍କ ଦିଅରଙ୍କ ସହ ଖଲ୍ଲିକୋଟ ବିଧାୟକ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ସୋସିଆଲ ମିଡ଼ିଆରେ ଖବର ପ୍ରସାରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ବରଦା ପ୍ରସନ୍ନ ଶତପଥୀ । ତାଙ୍କୁ ଖଲ୍ଲିକୋଟ ପୋଲିସ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଗତ କିଛିଦିନ ତଳେ ମଥୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ, ତାଙ୍କ ଦିଅର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ସହ ମିଶି ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ସୋସିଆଲ ମିଡ଼ିଆରେ ଖବର ପ୍ରସାରଣ ହୋଇଥିଲା। ଏନେଇ ଗତ ୨୪ ତାରିଖରେ ମଥୁରା ପୂର୍ବତନ ସରପଞ୍ଚ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୫୩୨/୨୦୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଏକ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମାନସୀ ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, କନଷ୍ଟେବଲ ରମାକାନ୍ତ ନାୟକ, ପ୍ରସନ୍ନ ରଉତ ପ୍ରମୁଖ ଭୁବନେଶ୍ୱରର ଏକ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ବରଦାଙ୍କୁ ଗିରଫ କରିଥିଲେ।

## ୨ ପାଣି ପ୍ରସ୍ତୁତକାରୀ ୟୁନିଟ୍ ସିଲ୍

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ)- ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୨ ବେଆଇନ ପାଣି ପ୍ରସ୍ତୁତକାରୀ ୟୁନିଟକୁ ସିଲ କରାଯାଇଛି। ଗୋଇଲୁଣ୍ଡି ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ସମ୍ମୁଖରେ ଏହି ଦୁଇ ୟୁନିଟ ଥିଲା। ପାଣିର କୌଣସି ଶୁଦ୍ଧତା ନ ଥିବା ବେଳେ ବିନା ଲାଇସେନ୍ସରେ ଘର ମଧ୍ୟରେ ବେଆଇନ ଭାବେ ଏହି ୟୁନିଟ ଚାଲିଥିଲା। ପାଣି ପ୍ରସ୍ତୁତକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ ଜାରି କରାଯାଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗା ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଦାସକାଠିଆ କଳାକାର ସମାବେଶ

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ) ଜିଲା ବରିଷ୍ଠ କଳାକାର ସଂଘର ବାର୍ଷିକୋତ୍ସବ ଅବସରରେ ବୁଧବାର ପ୍ରକାଶମ ହଲ ପରିସରରେ ୨ ଦିନିଆ ରାଜ୍ୟସ୍ତରୀୟ ଦାସ କାଠିଆ କଳାକାର ସମାବେଶ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଆଲୋଚକ ରୂପେ ବରିଷ୍ଠ ସାରସ୍ୱତ ସାଧକ ଡ ବିଜୟ ଚନ୍ଦ୍ର ମହାରଣା, ନିଖିଳ ଉତ୍କଳ ଦାସ କାଠିଆ କଳାକାର ସଂଘ ସଭାପତି ବାଳକୃଷ୍ଣ ମିଶ୍ର, ଉପସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା, ଗାୟକ ରାମଚନ୍ଦ୍ର ସାହୁ ଓ ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଲୋକ କଳା ଦାସ କାଠିଆ ନୃତ୍ୟର ସୁରକ୍ଷା ସଂକ୍ରାନ୍ତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଘର ସଂପାଦକ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥିଲେ। ଗାୟକ ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା, ଯୋଗିନ୍ଦ୍ର ବେହେରା, ପଂଚାନନ ଦାଶ, ସାରଥୀ ପଣ୍ଡା, ଗଣପତି ସେଠୀ, ଶ୍ରୀଧର ରଥ ଓ ପାଲିଆ କଳାକାର ଗଣେଶ ରଥ ଏବଂ ରବି ଗୌଡଙ୍କ ସମେତ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶଙ୍କର୍ଷଣ ସାବତ, ପ୍ରଦୀପ କୁମାର ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ, ବଳଦେବ ସାହୁ ଓ ଚିତ୍ତ ରଞ୍ଜନ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପଦକ୍ଷେପ



କମିଶନର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଆଲୋଚନା।

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଭୁକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏ ନେଇ ବୁଧବାର ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସହରର ରେଡକ୍ରସ ଓ ଆସ୍କା ରୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ତୁଳସୀ ନଗର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ରୋଗୀଙ୍କୁ କିଭଳି ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିବ ପଦକ୍ଷେପ ନିଆଯିବ। ଏଥିପାଇଁ ସମସ୍ତ ସୁବିଧା ପ୍ରଦାନ କରିବାକୁ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବୃଦ୍ଧି, ସ୍ୱତନ୍ତ୍ର ଡାକ୍ତର ସେବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଦାବି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଦିନ ବଦଳରେ ୨ ଦିନ ସ୍ୱତନ୍ତ୍ର ଡାକ୍ତରଙ୍କ ଚିକିତ୍ସା ସେବା ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ଏ ନେଇ ପଦକ୍ଷେପ ନିଆଯିବ ବୋଲି କମିଶନର କହିଥିଲେ। ଏଡିୟୁପଏଚଓ ଡା ସରୋଜ କୁମାର ସାମଲ, ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗୀଙ୍କୁ ଅତ୍ୟାବଶ୍ୟକ ଔଷଧ ମିଳୁନି

ବ୍ରହ୍ମପୁର, ୨।୭( ସୁବାସ ଚନ୍ଦ୍ର ପାଢ଼ୀ) ସହରର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସୁଥିବା ନିୟମିତ ରୋଗୀଙ୍କ ନିମନ୍ତେ ମାସ୍କ ସହ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଉନଥିବା ଅଭିଯୋଗ ହେଉଛି। ଗୁଡସ୍‌ସେଡ ରୋଡ ଓ ଗୋସାଣୀନୂଆଗାଁ ଆରୋଗ୍ୟ ମନ୍ଦିର, କେଲୁଆପଲ୍ଲୀ ସହ ବ୍ଲକରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସମସ୍ୟା ଲାଗି ରହିଛି। କିଛି ମାସ ହେବ ମୁଖ୍ୟତଃ ମଧୁମେହ ଓ ରକ୍ତଚାପ ନିମନ୍ତେ ଥିବା ଔଷଧ ମିଳୁନାହିଁ। ବ୍ରହ୍ମପୁର ସହରରେ ୭ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ୮ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ କିଛି ସବସେଣ୍ଟର ରହିଛି। ଏମକେସିଜି ବଡଡାକ୍ତରଖାନା ଓ ସିଟି ହସପିଟାଲ ଉପରେ ରୋଗୀଙ୍କ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀ ଓ ସେବିକା ସହ ବହୁପ୍ରକାର ଔଷଧ ଯୋଗାଇଦିଆଯାଉଛି। ଜିଲାର ମୋଟ ୨୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମସ୍ତ ପ୍ରକାର ରୋଗୀମାନଙ୍କ ପାଇଁ ସୁବିଧା ଯୋଗାଇ ଦିଆଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ କିଛି ମାସ ହେବ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଟେଲିମିଷାରଟନ, ମେଟଫୋରମିନ, ଜିପି ୧ ଓ ଆମ୍ଲୋଡପିନ ପରି ଅତ୍ୟାବଶ୍ୟକ ଔଷଧ ଉପଲବ୍ଧ ନାହିଁ। ଏହାର ବିକଳ୍ପ ସ୍ୱରୂପ ଚିକିତ୍ସା ପାଇଁ ଅନ୍ୟ ଔଷଧ ପ୍ରଦାନ କରାଯାଉଥିବା କୁହାଯାଉଛି। କିନ୍ତୁ ରୋଗୀଙ୍କ ବୟସ ଓ ଶରୀରରେ ରୋଗପ୍ରତିରୋଧକ ଶକ୍ତି ଅନୁଯାୟୀ ଉଚିତ ଚିକିତ୍ସା ମିଳୁପାରିନଥିବା ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରିଥିବା ପ୍ରିୟଙ୍କା ଦାସ ନାମ୍ନୀ ଜଣେ ରୋଗୀ କହିଛନ୍ତି। କିଛି ଫାର୍ମାସୀଙ୍କ ସହ ସମସ୍ୟା ବିଷୟରେ ଆଲୋଚନା ସମୟରେ କହିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଔଷଧ ସକାଶେ ଇନଡେଣ୍ଟ ପଠାଇଦିଆଯାଇଛି। କୌଣସି କାରଣବଶତଃ ଔଷଧ ମିଳିବାରେ ବିଳମ୍ବ ହେଉଛି। ଅନ୍ୟ କିଛି ସ୍ୱାସ୍ଥ୍ୟକେନ୍ଦ୍ରରେ ପୁରୁଣା ଔଷଧ ମହଜୁଦ ରହିଛି। ମୁଖତଃ ଅଧିକାଂଶ କେନ୍ଦ୍ରରେ ଔଷଧ ମିଳୁନାହିଁ। ଜଣେ ଯକ୍ଷ୍ମା ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ସଦସ୍ୟଙ୍କୁ ନେଇ ଆସିଥିଲେ। ଯକ୍ଷ୍ମାରେ ପୀଡିତ କାରଣରୁ କାଶ ହେବା ସ୍ୱାଭାବିକ ଘଟଣା। ତେଣୁ ସ୍ୱାସ୍ଥ୍ୟକର୍ମୀଙ୍କୁ ମାସ୍କ ପିନ୍ଧିବା ପାଇଁ ମାଗିଥିଲେ। କାର୍ଯ୍ୟରତ କର୍ମଚାରୀ ରୁକ୍ଷ ବ୍ୟବହାର କରି ମନାକରିଦେଇଥିଲେ। ନିଜସହ ଘଟିଥିବା ଏହି ତିକ୍ତ ଅନୁଭୂତି ସେ ବଖାଣିଛନ୍ତି। ମେଡିସିନ ସହ ରୋଗୀଙ୍କ ପାଇଁ ଅନ୍ୟ ଆବଶ୍ୟକ ସାମଗ୍ରୀ ଆସୁଛି। କିନ୍ତୁ ଅନେକ ସମୟରେ ପ୍ରକୃତ ରୋଗୀ ଜଣଙ୍କ ଏହା ପାଇପାରୁନଥିବା ଅଭିଯୋଗ ହେଉଛି। ଅଭାବ ରହିଥିବା ଔଷଧ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ମେଡିସିନ ଷ୍ଟୋର ଇନଚାର୍ଜ ରଞ୍ଜିତ ପଣ୍ଡାଙ୍କ କହିବାନୁସାରେ କିଛି କେନ୍ଦ୍ରରେ ମେଡିସିନ ଅଭାବ ରହିଥିବା ତଥ୍ୟ ଆମ ନିକଟରେ ହସ୍ତଗତ ହୋଇଛି। ସ୍ଥାନୀୟ ବଜାରରୁ କିଣି ଆବଶ୍ୟକତା ମେଣ୍ଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସମସ୍ୟା ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ମୁଣ୍ଡରୁ ଗଣ୍ଡି ଅଲଗା କରିଦେଲେ

**ମହିଳାଙ୍କୁ କୋଦାଳରେ ହାଣି ହତ୍ୟା**

**୫ବର୍ଷ ପୂର୍ବେ ସ୍ୱାମୀଙ୍କୁ ପିଟି ହତ୍ୟା କରାଯାଇଥିଲା**

ପାଟଣା,୨।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମ ଭାଲୁଘେରା ସାହିରେ ଜଣେ ମହିଳାଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। କୋଦାଳରେ ବାରମ୍ବାର ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦିଆଯାଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ କାଦେ ମାଝିଙ୍କ ସ୍ତ୍ରୀ ତୁଳସୀ ମାଝି(୫୮)। ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ପୋଲିସ ମୃତଦେହ ଜବତ କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଦେବଦତ୍ତ ନାଏକଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ୬ଟାରେ ଗ୍ରାମର ବାରିଆଲ ମାଝି ବିଲକୁ ଯାଉଥିଲେ। ତୁଳସୀଙ୍କ ଘର ଦେଇ ବାରିଆଲ ଯାଉଥିବା ସମୟରେ ଫୁଲପାହାଡ଼ି ନାଏକ ସାହିର ଦେବଦତ୍ତ ତାଙ୍କ ବାଟ ଓଗାଳିଥିଲେ। ଲଙ୍ଗଳ ଉପରୁ କୋଦାଳ ନେଇ ହାଣିବି ହାଣିବି କହି ବାରିଆଲଙ୍କ ଡାହାଣ ହାତକୁ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ଏହି ସମୟରେ ତୁଳସୀ ଘର ଅଗଣାରେ ଠିଆ ହୋଇଥିବାବେଳେ ଦେବଦତ୍ତ କୋଦାଳରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବାରମ୍ବାର ଚୋଟ ପକାଇ ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। ଏଥିସହ ବାମ ଗୋଡ଼ ଏବଂ ଡାହାଣ ହାତକୁ ହାଣି ପକାଇଥିଲେ। ଗ୍ରାମବାସୀ ଘଟଣା ଦେଖି ଭୟଭୀତ ହୋଇଯାଇଥିବା ତୁଳସୀଙ୍କ ବୋହୂ ବାସନ୍ତୀ, ପୁଅ ଫାଗୁ କହିଛନ୍ତି। ତୁଳସୀଙ୍କ ଝିଅ ଦୁଲି ମାଝୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏସ୍ଆଇ ଲକ୍ଷ୍ମଣ ମାଝି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ କୋଦାଳ ଜବତକରି ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ ଚଳାଇଛନ୍ତି। ହତ୍ୟାକାଣ୍ଡ ସମ୍ପର୍କରେ ଗାଁ ଲୋକେ ମୁହଁ ଖୋଲୁ ନ ଥିବାବେଳେ ତୁଳସୀଙ୍କ ସ୍ୱାମୀ କାଦେଙ୍କ ପରିବାର ଅନ୍ୟ ଧର୍ମରେ ଦୀକ୍ଷିତ ହୋଇଥିବାରୁ ସେମାନଙ୍କ ପରିବାର ଉପରେ ଏଭଳି ଆକ୍ରମଣ ହେଉଥିବା ସନ୍ଦେହ କରାଯାଉଛି। ଥାନା ଅଧିକାରୀ ମହାକୁଡ଼ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହତ୍ୟାର କାରଣ ଜଣାପଡ଼ିନାହିଁ। ଏକ ମାମଲା(ନଂ.୧୪୩/୨୫ରେ ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ୫ବର୍ଷ ପୂର୍ବେ ତୁଳସୀଙ୍କ ସ୍ୱାମୀ କାଦେଙ୍କୁ ମଧ୍ୟ ଅନ୍ୟ ଧର୍ମ ଗ୍ରହଣ କରିବାକୁ ନେଇ ସଂଘବଦ୍ଧ ଭାବେ ଗାଁ ସଭାରେ କଙ୍ଗାରୁ କୋର୍ଟ କରି ପିଟି ହତ୍ୟା କରାଯାଇଥିଲା।



ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

## ୨ ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ



ଗିରଫ ୨ ଅଭିଯୁକ୍ତ।

**ବନା ଢାବାରେ ଆତଙ୍କରାଜ ମାମଲା**

ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)

ଜୟଦେବ ବିହାରସ୍ଥିତ ବନା ଢାବାରେ ଆତଙ୍କରାଜ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ବନା ଢାବା ଲେନ୍‌ରେ ରହୁଥିବା ଯଶୋବନ୍ତ ମହାରଣା ଓରଫ ଚନ୍ଦନ (୨୪) ଓ ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବ ନଗରର ସନ୍ଦିପ ବାଗ୍ ଓରଫ ଚିକୁ (୨୮)। ଅଭିଯୁକ୍ତଙ୍କଠାରୁ କାର୍, ଖଣ୍ଡା, କ୍ରିକେଟ ଷ୍ଟମ୍ପ୍ ଓ ମଦ ବୋତଲ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ଅଭିଯୋଗକାରୀ ରାଧାରାଣୀ ବେହେରା ଏବଂ ତାଙ୍କ ବାପା ବନମାଳୀ ବନା ଢାବା ନାମରେ ହୋଟେଲ ବ୍ୟବସାୟ କରନ୍ତି। ଜୁନ ୧୩ ରାତି ପ୍ରାୟ ୧୦ଟା ବେଳେ ଗିରଫ ଦୁଇ ଅଭିଯୁକ୍ତ ଏବଂ ସହଯୋଗୀମାନେ ଉକ୍ତ ଢାବାରେ ରାତ୍ରିଭୋଜନ କରୁଥିବା ଜଣେ ଗ୍ରାହକଙ୍କ ସହ ଝଗଡ଼ା କରି ମାଡ଼ ମାରିଥିଲେ। ବନମାଳୀ ଏଥିରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅଭିଯୁକ୍ତ ଚନ୍ଦନ ନିକଟରେ ଥିବା ଏକ ଘର ଭିତରୁ ଖଣ୍ଡା ଆଣି ବନମାଳୀଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ବନମାଳୀ ଆକ୍ରମଣରୁ ବର୍ତ୍ତିଯାଇଥିଲେ। ଏଥିସହ ଅଭିଯୁକ୍ତମାନେ ହୋଟେଲକୁ ପଥର ଫିଙ୍ଗିବା ସହ ଢାବାର କବାଟକୁ ଗୋଇଠା ମାରିଥିଲେ। ସେମାନେ ଢାବାରେ ଥିବା ବିଭିନ୍ନ ସାମଗ୍ରୀ ସବୁକୁ ନଷ୍ଟ କରିଦେଇଥିଲେ। ଏନେଇ ରାଧାରାଣୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୮୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ମହିଳାଙ୍କ ସମେତ ୨ ଜଣଙ୍କୁ ଖଣ୍ଡାରେ ଆକ୍ରମଣ

**୨ ଗିରଫ, ୩ ନାବାଳକଙ୍କ ସମ୍ପୃକ୍ତି**

ଛତ୍ରପୁର/ଗଞ୍ଜାମ,୨।୭ (ସନ୍ତୋଷ ପାଢ଼ୀ/ ବିଦ୍ୟାଧର ସାହୁ)

ଛତ୍ରପୁର ବ୍ଲକ ଗଞ୍ଜାମ ଥାନା ଅଧୀନ ତେଲୁଗୁ ନୂଆଗାଁ ନିକଟରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ମଙ୍ଗଳବାର ରାତିରେ ଖଣ୍ଡାରେ ଆକ୍ରମଣ କରାଯାଇଥିଲ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଗସ୍ତିନୂଆଗାଁର ସନିଆ ଗୌଡ ଓ ଶିବ ନାହାକ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ନାବାଳକମାନେ ଜୁଭେନାଇଲ ବୋର୍ଡରେ ହାଜର ହେବେ ବୋଲି ବୁଧବାର ଛତ୍ରପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଚନ୍ଦନ ଘଡ଼ାଇ ସୂଚନା ଦେଇଛନ୍ତି। ପିଲାଙ୍କ ଝଗଡାକୁ ନେଇ ତେଲୁଗୁ ନୂଆଗାଁର ରିଙ୍କି ବେହେରା ଅଗସ୍ତିନୂଆଗାଁର ଭୀମ ତରାଇଙ୍କ ସହ ଗଞ୍ଜାମ ଥାନାକୁ ଏତଲା ଦେବାକୁ ଯାଇଥିଲେ। ତେବେ ସେଠାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇ ଝଗଡ଼ା ସମାଧାନ ହୋଇଥିଲା । ଭୀମଙ୍କ ସହ ରିଙ୍କି ବାଇକରେ ଫେରୁଥିବାବେଳେ ତେଲୁଗୁନୂଆଗାଁ ନିକଟରେ ସନିଆ ଓ ଶିବଙ୍କ ସହ ୩ ନାବାଳକସେମାନଙ୍କୁ ଖଣ୍ଡା ଓ କାତିରେ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଯିବା ପରେ ଉଭୟଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଭୀମଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ୍: ଯୁବକ ଗିରଫ

ସୋର, ୨।୭(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଟେଣ୍ଟେଇ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରଛି। ଉକ୍ତ ଯୁବକ ହେଲେ ବାସୁଦେବପୁର ଥାନା ପଡୁଆଁ ଅଞ୍ଚଳର ବିଜୟ ମଲିକ (୨୩)। ବିଜୟ ସମ୍ପୃକ୍ତ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ରଖିଥିଲେ। ପରେ ତାଙ୍କ ସହିତ ମନାନ୍ତର ହେବାରୁ ବିଜୟ ଉକ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଯୁବତୀ ଜଣଙ୍କ ଏହା ଜାଣିପାରି ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୩୩୯/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଜୟଙ୍କୁ ପୋଲିସ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି।

## ମଦଦୋକାନ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ

ବାରିପଦା,୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଷ୍ଟେଶନ ବଜାର ହାଟ ନିକଟରେ ଗୁରୁବାର ଭୁଜାଲି ଚୋଟରେ ଜଣେ ମଦ ଦୋକାନ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ବିହାର ରାଜ୍ୟର ମୁନ୍ନା ଯାଦବ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମୁନ୍ନା ବାରିପଦା ଷ୍ଟେଶନ ବଜାର ଅଞ୍ଚଳରେ ଥିବା ଏକ ମଦ ଦୋକାନରେ କାମ କରୁଥିଲେ। ପୂର୍ବାହ୍ନ ୧୧ଟାରେ ହାଟରୁ ପରିବା ନେଇ ଫେରୁଥିବା ସମୟରେ ଜଣେ ଅଚିହ୍ନା ଯୁବକ ହଠାତ୍ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ।

## ଚିକିତ୍ସା ବାହାନାରେ ନାବାଳିକାଙ୍କୁ ବଳାତ୍କାର, ବାବା ଗିରଫ

ପଲଶାଗୋରା, ୨।୭(ଅଶ୍ୱିନ କୁମାର ନନ୍ଦ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଚିକିତ୍ସା ବାହାନାରେ ଜଣେ ବାବା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମନମୁଣ୍ଡା ପୋଲିସ ବୁଧବାର ଅଭିଯୁକ୍ତ ବାବା ସୀତାରାମ(୬୦)ଙ୍କୁ ଗିରଫ କରିଛି। ଉଭୟ ବାବା ଓ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି।

ଅଭିଯୋଗ ଅନୁଯାୟୀ ନାବାଳିକାଙ୍କ ଦେହ ଖରାପ ହେବାରୁ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇଥିଲେ। ତା' ପରେ ବି ଦେହ ଭଲ ନ ହେବାରୁ ନାବାଳିକାଙ୍କୁ ତାଙ୍କ ବାପା ମଙ୍ଗଳବାର ନିକଟସ୍ଥ କନ୍ଧମାଳ ବ୍ଲକ ପଲସାଗୋରା ପଞ୍ଚାୟତର ଯୁନାନି ଗ୍ରାମରେ ଥିବା ମଠର ବାବା ସୀତାରାମଙ୍କ ପାଖକୁ ନେଇଥିଲେ। ବାବା ଜଣକ ନାବାଳିକାଙ୍କୁ ଦେଖିବା ପରେ ଚିକିତ୍ସା ପାଇଁ ଗୋଟିଏ ରାତି ରହିବାକୁ ପଡ଼ିବ ବୋଲି କହିଥିଲେ। ବାବାଙ୍କ କଥାରେ ପଡ଼ି ନାବାଳିକାଙ୍କୁ ମଠରେ ଛାଡ଼ି ନାବାଳିକାଙ୍କ ବାପା ଘରକୁ ଚାଲିଆସିଥିଲେ। ସେହି ରାତିରେ ବାବା ଜଣକ ଚିକିତ୍ସା ବାହାନାରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। କୌଣସି ମତେ ନାବାଳିକା ଜଣକ ବାବାଙ୍କ ନିକଟରୁ ଖସି ଆସି ରାସ୍ତାରେ ରାତିରେ ଜଣେ ବ୍ୟକ୍ତିଙ୍କ ସହାୟତାରେ ଘରକୁ ଖବରଦେଇ ନେଇ ଯିବାକୁ କହିଥିଲେ। ନାବାଳିକା ଜଣକ ଘରେ ସବୁକଥା କହିବା ପରେ ବୁଧବାର ତାଙ୍କ ବାପା ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୦୪/୨୦୨୫ ରୁଜୁକରି ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ଘଟଣାର ତଦନ୍ତ କରୁଛନ୍ତି।

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)

ଚନ୍ଦକା ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ବର୍ଷେ ଜେଲଦଣ୍ଡ ହୋଇଛି। ଭୁବନେଶ୍ୱର ଅତିରିକ୍ତ ସିଜେଏମ୍ (ସ୍ୱତନ୍ତ୍ର କୋର୍ଟ) ତଥା ସହକାରୀ ଦୌରା ଜଜ୍‌ଙ୍କ ଅଦାଲତ ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅଜୟ ନାୟକ (୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ୩ ମାସ ଅଧିକ ଜେଲରେ ରହିବେ ବୋଲି କୋର୍ଟ କହିଛନ୍ତି। ଚନ୍ଦକା ଥାନା ସିମିଳିପାଟଣା ଗାଁର ତ୍ରିନାଥ ଦେହୁରୀଙ୍କୁ ଅଜୟ ଆକ୍ରମଣ କରିଥିଲେ। ୨୦୨୧ ନଭେମ୍ବର ୨୦ ସକାଳ ୮ଟା ୩୦ରେ ତ୍ରିନାଥ ନିକଟସ୍ଥ ପୋଖରୀରୁ ଗାଧୋଇ ସାରି ଗାଁ ରାସ୍ତାରେ ଫେରିବା ବେଳେ ଅଜୟ ତାଙ୍କ ଉପରେ ଛେପ ପକାଇ ଅଟକାଇଥିଲେ। ତ୍ରିନାଥ ଏହାର କାରଣ ପଚାରିବାରୁ ଅଜୟ ତାଙ୍କୁ ଗାଳି କରିବା ସହ ଧକା ମାରିଥିଲେ। ଏଥିସହ ଏକ ଲୁହାଛଡରେ ମରଣାନ୍ତକ ଆକ୍ରମଣ କରି ସେ ଫେରାର ହୋଇଯାଇଥିଲେ। ଏତଲା କ୍ରମେ ପୋଲିସ ମାମଲା (ନଂ.୨୬୯/୨୦୨୧) ରୁଜୁ କରି ଅଜୟଙ୍କୁ ଗିରଫ କରିଥିଲା। କୋର୍ଟ ୭ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ଶୁଣାଇଛନ୍ତି।

## ପୋଖରୀରୁ ହାତଗୋଡ଼ ବନ୍ଧା ମୃତଦେହ ଜବତ

**ହତ୍ୟା ମାମଲା ରୁଜୁ**

ସୁନ୍ଦରଗଡ଼,୨।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଉରିମୁଣ୍ଡା ଗ୍ରାମର ଏକ ପୋଖରୀରୁ ବୁଧବାର ସକାଳେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ମହନ୍ତ ଟପ୍ପୋ(୫୯)। ମୃତ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ସଦର ଥାନାରେ ଏକ ହତ୍ୟା ମାମଲା ( ନଂ.୨୩୮/୨୫) ରୁଜୁକରି ଅଧିକ ତଦନ୍ତ କରୁଛି। ମହନ୍ତଙ୍କୁ ତଣ୍ଟିଚିପି ହତ୍ୟା ପରେ ତାଙ୍କ ଦେହରେ ପଥର ଏବଂ ହାତ ଗୋଡ ବାନ୍ଧି ପାଣିରେ ପକାଇ ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସଦର ଥାନା ଆଇଆଇସି ସସ୍ମିତା ଦେବତା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମହନ୍ତ ଶୁକ୍ରବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ହତ୍ୟାବେଳର ଡେମୋ ଦେଖାଇଲେ ପ୍ରେମିକ



ଅଭିଯୁକ୍ତ ଲଜ୍‌ରେ କିଭଳି ହତ୍ୟା କଲେ ତାହାର ଡେମୋ ଦେଖାଉଛନ୍ତି।

- **ଲଜ୍‌ରେ ପ୍ରେମିକାଙ୍କୁ ଛୁରି ଭୁସି ହତ୍ୟା ଘଟଣା**
- **ମୋବାଇଲ, ସ୍କୁଟି ଓ ବାଇକ୍ ଜବତ, ଭିସେରା ସଂଗୃହୀତ**

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ନିକଟ ପୁଷ୍ପାଞ୍ଜଳି ଲଜ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରିୟା କୁମାରୀ ମହାରଣାଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିବା ଘଟଣାର ତଦନ୍ତ ଚାଲିଛି। ବୁଧବାର ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ହୋଇଛି। ପ୍ରିୟାଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଛୁରାମାଡ଼ ହୋଇଛି। ତାଙ୍କ ବାପା ପ୍ରଭାକର ମହାରଣାଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୩୨୭/୨୫ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକ ଅଭୟ ମହାରଣାଙ୍କୁ ଗିରଫ କରିଛି। ତାଙ୍କୁ ଉକ୍ତ ଲଜ୍‌କୁ ନେଇ ପ୍ରିୟାଙ୍କୁ ସେ କିଭଳି ହତ୍ୟା କରିଥିଲେ ତାହାର କ୍ରାଇମ୍‌ସିନ ରିକ୍ରିଏସନ କରିଛି। ଲଜ୍‌ର ରୁମ ନଂ. ୧୧୨ ଚାରିପଟେ ରକ୍ତଛିଟା ପଡ଼ିଥିବା ଦେଖାଯାଇଛି। ସେଠାରୁ ରକ୍ତଭିଜା ଛୁରି, ଅଭିଯୁକ୍ତଙ୍କ ମୋବାଇଲ ଫୋନ୍, ବାଇକ୍ ଓ ପ୍ରିୟାଙ୍କ ସ୍କୁଟି ଜବତ କରାଯାଇଛି। ଏଥିସହ ପ୍ରିୟାଙ୍କ ଭିସେରା ସଂଗ୍ରହ ହୋଇଛି। 'ମୋର ନାହିଁ ତ କାହାର ନାହିଁ' ବୋଲି ଅଭୟ ନିଷ୍ପତ୍ତି ନେଇ ସିନେମା ଷ୍ଟାଇଲରେ ପ୍ରିୟାଙ୍କୁ ହତ୍ୟା କରି ଗୋଷାଣି ନୂଆଗାଁ ଥାନାରେ ଆତ୍ମସମର୍ପଣ କରିଥିଲେ ବୋଲି ଜଣାପଡିଛି। ତାଙ୍କର ଡିଏନ୍‌ଏ ପରୀକ୍ଷା ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇଛି।

ଲାଞ୍ଜିପଲି ରେଡିକା ସାହିର ପ୍ରିୟା ଓ ଉମାନଗର ପ୍ରଥମ ଲାଇନର ଅଭୟଙ୍କ ମଧ୍ୟରେ ଦୀର୍ଘବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ପ୍ରିୟା ଏକ ଘରୋଇ ହସ୍ପିଟାଲରେ ଲ୍ୟାବ୍‌ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ଅଭୟ କୌଣସି କାମ କରୁ ନ ଥିଲେ। ପ୍ରେମିକାଙ୍କ ଅନ୍ୟତ୍ର ବାହାଘର ପାଇଁ ପ୍ରସ୍ତାବ ଆସିଥିବା ଜାଣିବା ପରେ ସେ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ମଙ୍ଗଳବାର ଲଜ୍‌କୁ ଆସିବାକୁ ପ୍ରିୟାଙ୍କୁ ଅଭୟ ଫୋନ କରି ସୋମବାର ସନ୍ଧ୍ୟାରେ ଜଣାଇଥିଲେ। ଯୋଜନା ମୁତାବକ ଅଭୟ ପ୍ରଥମେ ଲଜ୍‌ରେ ରୁମ୍ ବୁକ କରିଥିଲେ। ସେ ପ୍ରଥମେ ରୁମକୁ ଯାଇ ଏକ ଛୁରି ଲୁଚାଇ ରଖିଥିଲେ। କିଛି ସମୟ ପରେ ପ୍ରିୟା ଉକ୍ତ ରୁମ୍‌କୁ ଆସିଥିଲେ। ଦୀର୍ଘଘଣ୍ଟା ଧରି ସେମାନେ ସେଠାରେ ରହିଥିଲେ। ଶେଷରେ ଅଭୟ ପ୍ରଥମେ ପ୍ରିୟାଙ୍କ ତଣ୍ଟି ଓ ପରେ ଛାତି ଏବଂ ପେଟରେ ଅନେକ ସ୍ଥାନରେ ଛୁରି ଭୁସିଥିଲେ। ପ୍ରିୟା ମରିଯିବା ଭାବି ଅପରାହ୍ନ ସାଢେ ୪ଟାରେ ଅଭୟ ରୁମ୍‌ରୁ ବାହାରି ସିଟି ହସ୍ପିଟାଲକୁ ଯାଇ ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ବୋଲି ଜେରା ସ୍ୱୀକାର କରିଛନ୍ତି।


No. B-255

**Government of Odisha**
**"e" Procurement Notice**

**OFFICE OF THE SUPERINTENDING ENGINEER RAYAGADA (R&B) DIVISION NO.I, RAYAGADA**

E-mail ID: sepwdrgda1@gmail.com

Bid Identification No. RC (RANDB) RGD 06/2025-2026 (Single/Double Cover - Online Tender)
File No. E-II-C8-28/2025 No. 6306 Date: 25.06.2025

1. No. of the Works : 07 (Seven) Building Work only
2. Estimated Cost : Rs.99.96 Lakhs, Rs.66.61 Lakhs, Rs.12.57 Lakhs, Rs.12.98 Lakhs, Rs.69.50 Lakhs, Rs.99.00 Lakhs & Rs.50.77 Lakhs
3. Cost of Document : Rs.10,000/- & Rs.6,000/-
4. Bid Security : Rs.99,970/-, Rs.66,700/-, Rs.12,600/-, Rs.12,990/-, Rs.69,500/-, Rs.99,000/- & Rs.50,800/-
5. Class of Contractor : 'B' and 'C&D'
6. The bid documents will be available in the website: **www.tendersodisha.gov.in from 11.00 hrs. of dated 07.07.2025 to 17.00 hrs. of dated 17.07.2025 for online bidding.**
7. Last date/time for receipt of bids in the portal : Upto 17.00 hrs. of Dated: 17.07.2025
8. Bids received **"Online"** shall be **opened at 11.30 hours on dated 18.07.2025 in the Office of the Superintending Engineer, Rayagada (R&B) Division No. I.**
9. Further details can be seen from the e-Procurement portal: **www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only.

**Sd./- Superintending Engineer Rayagada (R&B) Division No. I**

OIPR-34040/11/0010/2526

No. O-337 **GOVERNMENT OF ODISHA** eerwbnjr@gmail.com

**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**

**NATIONAL COMPETITIVE BIDDING THROUGH e-Procurement**

Identification No. Online Tender/01/RWDBNJ/2025-2026
Ltr. No. 3418 Date: 24.06.25

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/01/ 2025-26 | Road Works | 1 No. | 84.95 Lakhs | "B" & "A" Class | 06 (Six) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/01/ RWDBNJ/2025-2026 | 24.06.2025 at 10.00 A.M. | 04.07.2025 upto 3.00 P.M. |

Further details can be seen from the website: **www.tendersodisha.gov.in.**

OIPR-25174/11/0022/2526 **Sd./- Executive Engineer, R.W. Division, Bhanjanagar**

**OFFICE OF THE EXECUTIVE ENGINEER, RURAL WORKS DIVISION, BARGARH**

No. O-355 **Email: rd_bgh@yahoo.co.in, Gmail: rwd.bgh@gmail.com**

**e-Procurement Notice No. ONLINE-BGH-04 of 2025-26**

| | | | |
|---|---|---|---|
| 1 | Name of the Work | : | Building work during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-04 of 2025-26 | 08.07.2025 at 11.00 A.M. | 18.07.2025 upto 5.00 P.M. | 18.07.2025 upto 4.00 P.M. | 19.07.2025 at 11.00 A.M. |

Further details can be seen from the website **www.tendersorissa.gov.in.**

**OIPR-25062/11/0029/2526 Sd./- Executive Engineer, R.W. Division, Bargarh**

**OFFICE OF THE DISTRICT JUDGE, JHARSUGUDA**

**ADVERTISEMENT No. 01/2025**

**Dated, Jharsuguda the 30th Day of June, 2025**

No. W-25: Applications in the prescribed format are invited from the desirous candidates for filling up of the following Group- 'C' posts in the Judgeship of Jharsuguda under Odisha District and Civil Courts' Judicial Staff Services (method of Recruitment and Conditions of Service) Rules, 2008 (Amendment Rules, 2010, 2023 & 2025) and subject to the result of W.P. (C) No. 1273/2014 pending before the Hon'ble High Court of Orissa.

**CATEGORY-WISE VACANCY POSITION**

| Sl. No. | Name of Post | Scale of pay as per Pay Matrix of ORSP Rules, 2017 | UR | SEBC | SC | ST | Total |
|---|---|---|---|---|---|---|---|
| 01 | Junior Clerk-cum-Copyist | Rs.19,900/- to 63,200/- (Level-4) | 3 | 1* | 1* | 2* | 7 |
| 02 | Stenographer Grade-III | Rs.25,500/- to 81,100/- (Level-7) | 1 | 1 | - | 1* | 3 |

'*' Rolled over / Backlog vacancy.

**LAST DATE FOR RECEIPT OF APPLICATION:** 29.07.2025 by 5.00 P.M.

For more details, please visit the website i.e. **https://jharsuguda.dcourts.gov.in** Or **https://jharsuguda.odisha.gov.in**.

**OIPR-18018/11/0002/2526 Sd./- District Judge, Jharsuguda**

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

**Ph.No.06815-222052, e-Mail: parala.mply@gmail.com**

No.C-605 Letter No.2165 Dated: 30.06.2025

**EXPRESSION OF INTEREST**

The Executive Officer, Paralakhemundi Municipality invites Expression of Interest (EOI) in sealed covers from the intending Architect / Consulting firms for preparation of DPR for following project(s): (1) Beautification of open space infront of Municipality Office & other development works.

| | |
|---|---|
| Sale of Schedule Paper (Start Date) | 02.07.2025, 10.00 A.M. |
| Sale of Schedule Paper (End Date) | 09.07.2025, upto 05.00 P.M. |
| Last date of Receipt of Schedule Paper | 10.07.2025 upto 05.00 P.M. |
| Opening of bid | 11.07.2025, 11.00 A.M. at Paralakhemundi Municipality |

The detail of EOI document will be available in the District website of Gajapati i.e. https://gajapati.odisha.gov.in & Office website i.e. https://www.paralakhemundimunicipality.com from 02.07.2025 to 09.07.2025.

The authority reserves the right to reject any or all the EOI without assigning any reason thereof.

**Sd./- Executive Officer Paralakhemundi Municipality**

OIPR-13145/11/0029/2526

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**

**e-mail ID: sepwd_rgda@yahoo.com, Phone/Fax No.: 06856-223049**

No. B-251 **e-Procurement Notice**

**Bid Identification No. C.C.E. (RANDB) RGDA-02/2025-26 (Online) Dt.25.06.2025**

No. 865 **INVITATION FOR BIDS** Date: 25.06.2025

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below. | | |
| 2. | Nature of work | : | Bridge Work |
| 3. | No. of works | : | 01 (One) No. of work |
| 4. | Estimated Cost (Approximately) | : | Rs.611.30 Lakh |
| 5. | Bid Cost (Online) | : | Rs.10,000/- |
| 6. | EMD/Bid Security Amount (Online) | : | One Percentage of the Estimated Cost |
| 7. | Class of Contractor | : | A and Special Class as per Financial Eligibility |
| 8. | Availability of Bid documents in the website | : | 11.00 hours of Dt.08.07.2025 to 17.00 hours of Dt.23.07.2025 |
| 9. | Date of opening of Bid | : | 11.00 Hrs. of Dt.24.07.2025 |
| 10. | The bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Construction Engineer Rayagada (R&B) Circle, Rayagada**

OIPR-34154/11/0013/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମିହିର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ ରଥଯାତ୍ରାରେ ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ଭକ୍ତସେବା

## ୨୦ ଲକ୍ଷରୁ ଅଧିକ ଭକ୍ତଙ୍କୁ ଅନ୍ନ ସେବା ଲକ୍ଷ୍ୟ

**ଭୁବନେଶ୍ୱର,୨।୭ (ଅଭୟ ଦାଶ)**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର(ଜେଏସ୍‌ପି)ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ପୁରୀ ରଥଯାତ୍ରାରେ ଭକ୍ତ ସେବା ଯୋଗାଇ ଦିଆଯାଉଛି। ଲଗାତର ୧୧ ବର୍ଷ ହେବ ପୁରୀ ରଥଯାତ୍ରାରରେ ଭକ୍ତମାନଙ୍କୁ ବିଭିନ୍ନ ସେବା ଶାଖା ଯୋଗାଇ ଆସୁଛି। ଚଳିତ ବର୍ଷ ନବଯୌବନ ଦର୍ଶନ ଦିନଠାରୁ ଆଜି ପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ଭକ୍ତଙ୍କୁ ଦେୟମୁକ୍ତ ସତେଜ ରନ୍ଧା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି। ଏପରିକି ଶାଖା ଦ୍ୱାରା ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ସହ ଏହି ସେବା ଜାରି ରହିଛି। ସେହିଭଳି ସର୍ବାଧିକ ସଂଖ୍ୟକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳଷ୍ଟେଶନ ନିକଟ ଓ ଗୁଣ୍ଡିଚା ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡଠାରେ ୨ଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ୍ ସ୍ଥାପନ କରାଯାଇଛି। ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଯୋଗାଇ ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନ ଆଦିରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେଶନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ବିଶେଷକରି ରାନ୍ଧିବା, ପରିବହନ ଏବଂ ବଣ୍ଟନକୁ ଅତ୍ୟନ୍ତ ଯତ୍ନ ଏବଂ ନିଷ୍ଠାର ସହ ପରିଚାଳନା କରିବା ପାଇଁ ୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ସଦସ୍ୟ ଦିନ ରାତି କାମ କରୁଛନ୍ତି। ସେହିପରି ପୁରୀ ବସ୍‌ଷ୍ଟାଣ୍ଡ ଖାଦ୍ୟ ଷ୍ଟଲ୍‌କୁ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲାବେଳେ ପୁରୀ ରେଳ ଷ୍ଟେଶନ ନିକଟ ଖାଦ୍ୟ ଷ୍ଟଲ୍‌କୁ ଅତିରିକ୍ତ ଡିଭିଜନାଲ ରେଳ ପ୍ରବନ୍ଧକ ଡି.କେ. ବେହେରା ଉଦ୍‌ଘାଟନ କରିଥଲେ। ଏହି ଅବସରରେ ବରିଷ୍ଠ ଏସ୍‌ଡିଏମ୍ ଅନିଲ କୁମାରଙ୍କ ସମେତ ବରିଷ୍ଠ ରେଳ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି, ତାହା ନିଶ୍ଚିତ କରିବା ପାଇଁ ଗତ ୧୧ବର୍ଷ ଧରି ଆମର ଏହି ପ୍ରୟାସ ଜାରି ରହିଛି। ଭାରତର ଏହି ମହାନ୍ ଆଧ୍ୟାତ୍ମିକ ପର୍ବ ଅବସରରେ ସେବା ପ୍ରଦାନର ସୁଯୋଗ ପାଇଁ ଆମେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଉଛୁ।




# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨।୭**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୮୮ (୨୮୭.୬୦) ପଏଣ୍ଟ ହ୍ରାସ ଘଟି ୮୩, ୪୧୦ (୮୩,୪୦୯.୬୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୮୮(୮୮.୪୦) ପଏଣ୍ଟ କମି ୨୫,୪୫୩(୨୫,୪୫୩.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିର୍ଲା ଓପସ୍‌ର ନୂତନ ଅଭିଯାନ




**ଭୁବନେଶ୍ୱର,୨।୭**

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଗ୍ରାସିମ ଇଣ୍ଡଷ୍ଟ୍ରିଜ ଅଧୀନ ବିର୍ଲା ଓପସ୍ ପେଣ୍ଟସ୍‌ର ନୂତନ ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ମୂଳ ଦର୍ଶନ 'ଦୁନିଆ କୋ ରଙ୍ଗ୍ ଦୋ' ଶୀର୍ଷକ ବିଷୟ ଉପରେ ଆଧାରକରି କମ୍ପାନୀ ଏକ ନୂଆ ବ୍ରାଣ୍ଡ କ୍ୟାମ୍ପେନ ଉନ୍ମୋଚନ କରିଛି। ଏହା ହେଉଛି ଏକ ହୃଦୟସ୍ପର୍ଶୀ ଜାତୀୟସ୍ତରୀୟ ଅଭିଯାନ ଯାହା କିମ୍ବଦନ୍ତୀ ଗେଟ୍‌ୱେ ଅଫ୍ ଇଣ୍ଡିଆଠାରୁ ଆରମ୍ଭ କରି ଭାରତର କାଳଜୟୀ ସ୍ମାରକୀଗୁଡ଼ିକୁ ଜୀବନ୍ତ କରିଛି ଏବଂ ରଙ୍ଗର ଶକ୍ତି କିଭଳି ଦେଶବ୍ୟାପୀ ଗୌରବ, ସୌନ୍ଦର୍ଯ୍ୟ ଓ ରୂପାନ୍ତରଣକୁ ପୁନର୍ଜୀବିତ କରିପାରିବ, ତାହାକୁ ଉନ୍ମୋଚିତ କରୁଛି। ଆନିମେଟେଡ୍ ପଦ୍ଧତି ସହ ଏହି ହୃଦୟସ୍ପର୍ଶୀ ଫିଲ୍ମଟି ଓପସ୍ ବୟକୁ ପୁନଃ ପରିଚିତ କରାଇଛି, ଯାହା ଚାରିପାଖର ଦୁନିଆକୁ ରଙ୍ଗିନ କରିବା ଏବଂ ଆନନ୍ଦ ବିସ୍ତାର କରିବାର ପ୍ରୟାସ ଜାରି ରହିଛି। ରଙ୍ଗ ମାଧ୍ୟମରେ ପରିବର୍ତ୍ତନର ମୂଳଦୁଆକୁ ଆହୁରି ଗଭୀର କରିଛି। ଏ ସମ୍ପର୍କରେ ବିର୍ଲା ଓପସ୍ ପେଣ୍ଟସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, ଆମର ପୂର୍ବ କ୍ୟାମ୍ପେନଗୁଡ଼ିକରୁ ମିଳିଥିବା ପ୍ରଭାବଶାଳୀ ବାର୍ତ୍ତା ଓ ଦର୍ଶକଙ୍କ ପ୍ରତିକ୍ରିୟାକୁ ଅନୁସରଣକରି ଆମେ ଗର୍ବର ସହିତ ଆମର ନୂଆ କ୍ୟାମ୍ପେନକୁ ଶୁଭାରମ୍ଭ କରିଛୁ। ଯାହା ଜୀବନ୍ତ ରଙ୍ଗ ଓ ଶୈଳୀଗୁଡ଼ିକ ମାଧ୍ୟମରେ ପରିବର୍ତ୍ତନର ସମ୍ଭାବନାକୁ ପରିକଳ୍ପନାକରି ଭାରତର ଐତିହ୍ୟକୁ ପାଳନ କରିଛି।

# ସେନାର ଉଦ୍ଧାର କାର୍ଯ୍ୟରେ ଷ୍ଟାର୍ଟଅପ୍ ଟେକ୍ନୋଲୋଜି

**ଭୁବନେଶ୍ୱର,୨।୭**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଏକ ଡିପ୍ ଟେକ୍ ଷ୍ଟାର୍ଟଅପ୍ କମ୍ପାନୀ 'ବନ୍‌ଭି ଏରୋ'କୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ସିକିମ୍‌ର ଲାଚେନଠାରେ ଘଟିଥିବା ଭୂସ୍ଖଳନରେ ୩ଜଣ ଯବାନ ପ୍ରାଣ ହରାଇଥିବାବେଳେ ଅନ୍ୟ ୬ଜଣ ବ୍ୟକ୍ତି ନିଖୋଜ ଥିଲେ। ଏଭଳି ଜଟିଳ ସ୍ଥିତିରେ ବନ୍‌ଭି ଏରୋର ଅତ୍ୟାଧୁନିକ ଡ୍ରୋନ୍ ଟେକ୍ନୋଲୋଜି ଜୀବନ ରକ୍ଷାକାରୀ ପ୍ରମାଣିତ ହୋଇଥିଲା। ଏପରିକି ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା, ଦ୍ରୁତ ପହଞ୍ଚ ଓ ପୁନରୁଦ୍ଧାର ପାଇଁ ଭାରତୀୟ ସେନାକୁ ବନ୍‌ଭି ଏରୋ ଆବଶ୍ୟକ ସହଯୋଗ କରିଥିଲା। ସାଧାରଣତଃ ଅଧିକ ଉଚ୍ଚତାରେ ଭୂସ୍ଖଳନ ଉଦ୍ଧାର କାର୍ଯ୍ୟ ଏସ୍‌ଡିଆର୍‌ଏଫ୍ ଟିମ୍, ସ୍ନିଫର ଡଗ୍, ମାଟି ଖୋଳିବା ଓ ଗ୍ରାଉଣ୍ଡ-ବେସ୍‌ଡ ଜିପିଆର୍ ଉପକରଣ ଆଦି ଉପରେ ନିର୍ଭର କରାଯାଉଥିବାବେଳେ ଏହି ଅପରେଶନରେ କିନ୍ତୁ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବନ୍‌ଭି ଏରୋର ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର (ଜିପିଆର୍) ଡ୍ରୋନ ଭଗ୍ନାବଶେଷ ଉପରେ ଉଡିଥିଲା ଏବଂ ଅସ୍ଥିର ଭୂଭାଗକୁ ପ୍ରଭାବିତ ନ କରି ମାଟି ତଳେ ଦବି ରହିଥିବା ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ଆଧୁନିକ ସେନ୍‌ସରଗୁଡ଼ିକର ବ୍ୟବହାର କରିଥିଲା। ବନ୍‌ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, ଭାରତୀୟ ସେନା ଆମ ଟେକ୍ନୋଲୋଜିକୁ ବ୍ୟବହାର କରିବା ସ୍ୱଦେଶୀ ସମାଧାନଗୁଡ଼ିକ କ୍ଷେତ୍ରରେ ବଢୁଥିବା ଆତ୍ମବିଶ୍ୱାସକୁ ଦର୍ଶାଉଛି। ଓଡ଼ିଶାଭିତ୍ତିକ ଏକ ଷ୍ଟାର୍ଟଅପ ଭାବେ ଆମେ ଗର୍ବିତ ଯେ ଆମର ଉଦ୍ଭାବନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରିପାରୁଛି।

# ଆଇପିଏଲ୍‌ଆଇର ନୂତନ ଉତ୍ପାଦ

**ଭୁବନେଶ୍ୱର,୨।୭**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ (ଆଇପିଏଲ୍‌ଆଇ)ର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍‌ସ୍ୟୁରାନ୍ସ ପ୍ଲାନ୍ ପ୍ଲସ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ହେଉଛି ଏକ ବଜାର ସଂଯୋଜିତ ଉତ୍ପାଦ, ଯାହାକୁ ଗ୍ରାହକଙ୍କୁ ଦୀର୍ଘାବଧିରେ ସମ୍ପତ୍ତି ନିର୍ମାଣ ପାଇଁ ସକ୍ଷମ କରିବା ଲାଗି ଡିଜାଇନ କରାଯାଇଛି। ଏହି ଉତ୍ପାଦକୁ ମାସିକ କେବଳ ୧୦୦୦ ଟଙ୍କାର ସର୍ବନିମ୍ନ ପ୍ରିମିୟମ ସହ କ୍ରୟ କରାଯାଇପାରିବ, ଯାହା ବହୁ ସଂଖ୍ୟକ ଯୁବ ଗ୍ରାହକଙ୍କୁ ବ୍ୟବସ୍ଥାଗତ ଭାବେ ନିବେଶ କରିବା ଓ ନିଜର ଦୀର୍ଘାବଧି ଆର୍ଥିକ ଲକ୍ଷ୍ୟ ହାସଲକରିବା ପାଇଁ ସକ୍ଷମ କରୁଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, ଡିଜାଇନ ଦୃଷ୍ଟିରୁ ୟୁଲିପ୍ ଏକ ପ୍ରଭାବଶାଳୀ ସମ୍ପତ୍ତି ସୃଷ୍ଟି ଟୁଲ୍। ଯୁବପିଢ଼ିଙ୍କୁ ଶୀଘ୍ର ନିବେଶ ଆରମ୍ଭ କରିବା ଓ ଦୀର୍ଘାବଧି ପାଇଁ ନିବେଶ ବଜାୟ ରଖିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ଏପରିକି ଯୁବ ବର୍ଗଙ୍କୁ ପ୍ରୋତ୍ସାହିତ କରିବା ଲାଗି ଆମେ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍‌ସ୍ୟୁରାନ୍ସ ପ୍ଲାନ୍ ପ୍ଲସ୍‌ର ଶୁଭାରମ୍ଭ କରିଛୁ।


# Classified Everyday
0674-2580101, 9692975378



REAL ESTATE

**SALE**

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276

Pre Launch Booking open for 2BHK & 3BHK Residential flats At- Kalinga Nagar, Bhubaneswar, 7978751719 / 9124721060 D-71399

FOR RENT

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Healthcare

Newly open spa positively health benefits (Expert therapist). Contact: 7749034655 D-76922

Positively health benifits SPA expert female therapist homely atmosphere. Contact-9114559860. D-1112

AFFIDAVIT

By virtue of an affidavit sworn before Executive Magistrate, Khordha, dated-02.06.2025, I Sujata Chhotaray, W/o-Jitendra Chhotaray, At-Jamushai(Jariput), P.O-Gudum, P.S- Khordha Sadar, Dist-Khordha, Pin-752056 declare that I have changed my son name and address from Asutosh Srichandan, At-Mahula, P.O.-Angarapada, P.S.-Chandaka, Dist-Khordha (old name & address) to Asutosh Chhotaray, S/o-Jitendra Chhotaray. At-Jamusahi (Jariput), P.O-Gudum, P.S- Khordha Sadar, Dist-Khordha, Pin-752056 (New Name & Address). Henceforth, he shall be known as Asutosh Chhotaray for all purposes. D-1132

### ନିଜର ପ୍ରିୟଜନମାନଙ୍କୁ

ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate Daringbadi, dated-05.06.2025, I, Rajaswini Pradhan, Address, Village- Saringirpi, P.O.- Daringbadi, P.S.- Daringbadi, Dist.- Kandhamal, Odisha PIN- 762105, declare that I have changed the name of my son from Soyam Saswat Pradhan to Swayam Saswat Pradhan. Henceforth, he shall be known as Swayam Saswat Pradhan for all purposes.
Rajaswini Pradhan D- 1133

By virtue of an affidavit sworn before Executive Magistrate, Gania. dtd- 25.06.2025 at Tahasildar Gania, I, Rasmita Pradhan, Address At- Damaghati, P.O.- Badasilinga, P.S.- Gania, Dist.- Nayagarh, PIN- 752084, declare that I have corrected my name from Rasmita Pradhan to Rasmita Dehury. Henceforth, I shall be known as Correct name is Rasmita Dehury for all purposes.
Rasmita Dehury D-1134

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ.ଚାରୁଲତା ବାରିକ**
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୫୧
ତିରୋଧାନ: ୧୪।୦୭।୨୦୨୪
ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୭୭୦୬୭

### ୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱ ନିନିରାଣୀ ଦାସ**
ସ୍ୱାମୀ: ସ୍ୱ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୧୩୯

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## LEGAL NOTICE

IN THE COURT OF THE ADDITIONAL CIVIL JUDGE (SENIOR DIVISION), KENDRAPARA

Civil Suit No.- 257/ 2013

NOTICE UNDER ORDER-5 RULE- 20(1-A) OF CPC

ଲୋକନାଥ ସାହୁ....... ........ବାଦୀ

ବନାମ

ସୁମିତ କୁମାର ସାହୁ ଓଗେର....... ........ବିବାଦୀ

ବଂଶୀଧର ସାହୁ ଓରଫ ସ୍ମୃତିରଞ୍ଜନ, ପିତା- ସ୍ୱ ଜଳଧର ସାହୁ, ସା- ମଢ଼ିଆଳ- ସାମିଲ- ବଳଗଣ୍ଡି, ଥାନା- କେନ୍ଦ୍ରାପଡ଼ା ଟାଉନ୍, ପୋଷ୍ଟ/ଜିଲ୍ଲା- କେନ୍ଦ୍ରାପଡ଼ା। ହାଲ୍ ସାକିନ୍/ ପୋଷ୍ଟ/ ଥାନା- ଠାକୁରମୁଣ୍ଡା, ଜିଲ୍ଲା- ମୟୂରଭଞ୍ଜ (ଓଡ଼ିଶା)।

ଯେହେତୁ ଉପରୋକ୍ତ ନମ୍ବର ମୋକଦ୍ଦମାରେ ତୁମ୍ଭେ ନୋଟିସ୍ ଗ୍ରହୀତାଙ୍କ ପ୍ରତି ବାରମ୍ବାର କୋର୍ଟରୁ ସମନ ଓ ପୋଷ୍ଟାଲ ସମନ ଗଲେ ମଧ୍ୟ ତାହା ତୁମ୍ଭେ ଗ୍ରହୀତା ଗ୍ରହଣ କରୁନାହଁ କିମ୍ବା କୋର୍ଟରେ ହାଜିର ହେଉନାହଁ। ଏଣୁ ତୁମ୍ଭଙ୍କୁ ଅତ୍ର ପ୍ରକାଶନ ଦ୍ୱାରା ଜଣାଇ ଦିଆଯାଉଅଛି କି ତୁମ୍ଭେ ତା ୦୭.୦୭.୨୦୨୫ରିଖରେ ଉପରୋକ୍ତ ଅଦାଲତରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲ ଜରିଆରେ ହାଜର ହୋଇ ଆପତ୍ତି ଦର୍ଶାଇବେ, ନଚେତ୍ ତୁମ୍ଭ ଅନୁପସ୍ଥିତିରେ ଆଇନ ଅନୁସାରେ ମୋକଦ୍ଦମା ବିଚାର କରାଯିବ। ଅଦ୍ୟ ତା ୨୦.୦୬.୨୦୨୫ରିଖ ଅଦାଲତଙ୍କ ସ୍ୱାକ୍ଷର ଓ ମୋହର କ୍ରମେ ଦିଆଗଲା।

Sd/- Addl. Civil Judge, Senior Division, Kendrapara

D-1137

IR No- 1013

Date- 18.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ), IAS, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ,ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ୍‌ର ଧାରା ୧୫(ଖ) ଅନୁଯାୟୀ ଓ.ଏସ.ଏସ.କେସ୍ ନଂ- ୮୩୬/୨୦୨୩

ଶ୍ରୀମତୀ କଲ୍ୟାଣୀ ନାୟକ, ସ୍ୱାମୀ ହରିଶଙ୍କର ଧୌନଲିଆ .........ବାଦୀ

ବନାମ

ସୁରେନ୍ଦ୍ରନାଥ ମହାନ୍ତି ଏବଂ ଅନ୍ୟମାନେ .........ପ୍ରତିବାଦୀ

ନୋଟିସ୍ ସି.ପି.ସି ଅର୍ଡ଼ର- ୫ ରୁଲ୍- ୨୦ ମୁତାବକ

୧।ସୁରେନ୍ଦ୍ରନାଥ ମହାନ୍ତି, ୨।ଧୀରେନ୍ଦ୍ରନାଥ ମହାନ୍ତି ଉଭୟଙ୍କର ପିତା ସ୍ୱର୍ଗତ ଜଗଦାନନ୍ଦ ମହାନ୍ତି ,୩। ବିବେକାନନ୍ଦ ମହାନ୍ତି ପିତା ସ୍ୱର୍ଗତ ରବିନ୍ଦ୍ରନାଥ ମହାନ୍ତି, ୪। ଶ୍ରୀମତୀ ନିବେଦିତ ମହାନ୍ତି ସ୍ୱାମୀ ସତ୍ୟକିଶୋର ପଟ୍ଟନାୟକ, ୫। ଶ୍ରୀମତୀ ରଞ୍ଜିତା ମହାନ୍ତି ସ୍ୱାମୀ ଦେବଦାଶ ପଟ୍ଟନାୟକ ପ୍ରତିବାଦୀ ନମ୍ବର- ୪ ଏବଂ ୫ ଙ୍କ ପିତା ସ୍ୱର୍ଗତ ରବିନ୍ଦ୍ରନାଥ ମହାନ୍ତି , ୬। ସୁଧା@ସୁଧାଂଶୁବାଳା ରାୟ ସ୍ୱାମୀ ସୀତାକାନ୍ତ ରାୟ, ୭। ଶ୍ରୀମତୀ ଅମୀୟବାଳା ପଟ୍ଟନାୟକ ସ୍ୱାମୀ ଜ୍ୟୋତିଷଚନ୍ଦ୍ର ପଟ୍ଟନାୟକ ପ୍ରତିବାଦି ନମ୍ବର- ୬ ଏବଂ ୭ ଙ୍କ ପିତା ସ୍ୱର୍ଗତ ଜଗଦାନନ୍ଦ ମହାନ୍ତି ସମସ୍ତ ପ୍ରତିବାଦୀ ମାନଙ୍କର ବାସସ୍ଥାନ ସା- ପାଇକରାପୁର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା ୨୨।୦୭।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ, ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ବିଦ୍ୟାଧରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୨୮, ପ୍ଲଟ ନଂ- ୫/୬୩, କିସମ- ପୁରାତନ ପତିତ, ସବ୍-ପ୍ଲଟ ନଂ- ୩୫, ରକବା- ଏ ୩.୯୦୦ଡି ସ୍ମଧରୁ ଏ ୦.୦୫୪ଡି, ସତ୍ୱ- ଦଖଲ ସ୍ୱତ୍ୱଶୂନ୍ୟ

ହାଲ୍- ଖାତା ନଂ- ୯୩, ପ୍ଲଟ ନଂ- ୬୬, କିସମ- ତଇଲା, ରକବା- ଏ୦.୩୨୦ଡି. ସ୍ମଧରୁ ଏ୦.୦୫୪ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ, କୋର୍ଟ ଅଫିସର

D-1136


ବାଣୀ

# ବାଣୀଙ୍କ ନୂଆ ଅବତାର

ବାଣୀ କପୁର ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । କାରଣ ସେହି ଶୁଭ ଦିନଟି ପାଖେଇ ଆସୁଛି । ତା'ସହ ଆଉ ଏକ କଥାକୁ ନେଇ ସେ ମଧ୍ୟ ଆଶାବାଦୀ ଅଛନ୍ତି । କଥା କ'ଣ କି ଚଳିତ ମାସରେ ରିଲିଜ ହେବାକୁ ଯାଉଛି ଏକ ରହସ୍ୟ ରୋମାଞ୍ଚଭରା ହିନ୍ଦୀ ସିନେମା 'ମାଣ୍ଡାଲା ମର୍ଡର୍ସ' । ଆଉ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ବାଣୀ । ଏଥିରେ ନିଜ ଭୂମିକା ସମ୍ପର୍କରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ଭାବରେ ମୋ ଉପରେ କେନ୍ଦ୍ରୀତ । ଏହା ଏକ କ୍ରାଇମ୍ ଥ୍ରୀଲର । ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ଏବଂ ମୋ ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ମୁଁ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି । ଏପରି ରୋଲ୍‌କୁ କିପରି ତୁଲାଇବି ସେ ନେଇ ମୋ ମନରେ ଶଙ୍କା ଆଶଙ୍କା ସୃଷ୍ଟି ହୋଇଥିଲା । କିନ୍ତୁ ଶୁଟିଂ ସମୟରେ ମୁଁ ଦୃଢ଼ତାର ସହ ଶଟ୍ ଦେଇଥିଲି । ଏଥିରେ ମୁଁ ଜଣେ ଗୋଇନ୍ଦା ଭୂମିକାରେ ଅଭିନୟ କରିଛି ।'' ଯଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାଟି ଚଳିତ ମାସ ୨୫ ତାରିଖରେ ନେଟଫ୍ଲେକ୍ସରେ ରିଲିଜ ହେବାକୁ ଯାଉଛି । ତେବେ ଏହି ଭୂମିକା ବାଣୀଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା ।

## ଅତୀତରୁ

❖ମାଣିକେଶ୍ୱରୀ ପ୍ରଡକ୍ସନ ପ୍ରା.ଲି., ଭବାନୀପାଟଣା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସମର୍ପଣ' । ଏହାର ପ୍ରଯୋଜନା କରିଥିଲେ ରାହାସ ବିହାରୀ ପଣ୍ଡା । ନିର୍ଦ୍ଦେଶନା ଦେଇଥିଲେ ପ୍ରଫୁଲ୍ଲ ରଥ ଏବଂ ଏନ.ଗୋପାଳ ।

❖ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରଯୋଜନାରେ ନିର୍ମିତ ପୌରାଣିକ ଚଳଚ୍ଚିତ୍ର 'ସାକ୍ଷୀ ଗୋପୀନାଥ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଗଣେଶ ମହାପାତ୍ର ।

❖ଓଡ଼ିଆ ସିନେମା 'ପତି ପତ୍ନୀ'ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟ ଅଭିନୟ କରିଥିଲେ ।

❖ ଓଡ଼ିଆ ସିନେମା 'ସତୀ ଅନସୂୟା'ର ନିର୍ଦ୍ଦେଶନା ଦେଇଥିଲେ ଏ. ସଞ୍ଜୀବ ରାଓ । ଚକ୍ରପାଣି ଏବଂ ରୋଜାରମଣି ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ ।

# ଜଗନ୍ନାଥଙ୍କ ଭଜନ ଗାଇବା ଅନୁଭୂତି ନିଆରା

ଭଜନ ଗାଇବା ଏବଂ ସେଗୁଡିକୁ ସ୍ୱରାୟିତ କରିବାରେ ବର୍ତ୍ତମାନର ଆଗଡ଼ଧାଡିର ସ୍ୱର ସଂଯୋଜକ ଏବଂ ଗାୟକଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ପ୍ରଶାନ୍ତ ପାଢ଼ୀ । ଦୀର୍ଘ ଚାରି ଦଶନ୍ଧି ଧରି ସେ ଭଜନ ସହ ଜଡିତ । ଜଗନ୍ନାଥ ଭଜନ ଗାଇବାର ଅନୁଭୂତି ବିଷୟରେ ସେ କହନ୍ତି, '' ଭଜନରୁ ହିଁ ମୋର ଗାୟକ ଜୀବନ ଆରମ୍ଭ । ୧୯୮୫-୮୬ରୁ ଏପର୍ଯ୍ୟନ୍ତ ଜଗତର ନାଥ ଜଗନ୍ନାଥଙ୍କ ଆଶୀର୍ବାଦରୁ ମୁଁ ଭଜନ ଗାଇବା ଚାଲୁ ରଖିଛି । ଅନେକ ଭଜନ ସନ୍ଧ୍ୟାରେ ତ ବିଭିନ୍ନ ପ୍ରକାର ଭକ୍ତି ଗୀତକୁ ଗାଇ ଉପସ୍ଥିତ ଶ୍ରୋତାଙ୍କୁ ଆନନ୍ଦିତ କରିଛି । କିନ୍ତୁ ଗୋଟିଏ କଥା କହିବି, ଜଗନ୍ନାଥଙ୍କ ଭଜନ ଗାଇବାରେ ଯେଉଁ ଆତ୍ମତୃପ୍ତି ମିଳେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ । ଜଗନ୍ନାଥଙ୍କ ଭଜନ ଗାଇବା ଅନୁଭୂତି ମଧ୍ୟ ନିଆରା । ଏହାର ମଧ୍ୟ କାରଣ ରହିଛି । ଯେଉଁ ଗୀତରେ ସମର୍ପଣ ରହିଲା, ଭାବ ରହିଲା ସେହି ଭଜନ ସବୁବେଳେ ଶ୍ରୋତାଦୃତ ହୋଇଥାଏ । ସେଭଳି ଭଜନକୁ ଶ୍ରୋତା ସବୁବେଳେ ମନେ ରଖନ୍ତି ଆଉ ଗାଇବାକୁ ଅନୁରୋଧ କରନ୍ତି । ଆଜିକାଲି ଯେଉଁ ଚାଲୁ ଭଜନ ଚାଲିଚି ତାହା କ୍ଷଣିକ । ବଡଦାଣ୍ଡରେ ମୁଁ ଗାଇଥିବା ପ୍ରଥମ


ମୋ ଅନୁଭୂତି/ପ୍ରଶାନ୍ତ ପାଢ଼ୀ

ଜଗନ୍ନାଥଙ୍କ ଭଜନ ଥିଲା 'କରିଦେ କରିଦେ ଭିକାରୀ ମୋତେ ତୋ ବଡଦାଣ୍ଡରେ' । ୧୯୮୬-୮୭ ମସିହାରେ ଏହାକୁ ମୁଁ ଗାଇଥିଲି । ଏ ପର୍ଯ୍ୟନ୍ତ ବଡଦାଣ୍ଡ ହେଉ ବା ଅନ୍ୟ ଯେକୌଣସି ଭଜନ ସନ୍ଧ୍ୟାରେ ସେହି ଭଜନକୁ ଗାଇବାକୁ ଅନେକ ଶ୍ରୋତା ଅନୁରୋଧ କରିଥାଆନ୍ତି । ଏପରିକି ଏହାକୁ ଗାଇବା ବେଳେ ମୁଁ ଭାବପ୍ରବଣ ହୋଇଉଠେ । ମୋ ସାମନାରେ ଜଗନ୍ନାଥଙ୍କ ମୁହଁ ଭାସି ବୁଲେ । ଆଉ ଗାଇବା ସମୟରେ ହିଁ ମୋ ଆଖି ଅଶ୍ରୁପ୍ଲାବିତ ହୋଇଯାଏ । ସେହିଭଳି ମୋ ଗାୟକ ଜୀବନର ପ୍ରାରମ୍ଭରେ ମୋ ସ୍ୱର ସଂଯୋଜିତ 'କଳାଚଢ଼େଇରେ କଳାଚଢ଼େଇ' ଗୀତ ଏବେ ବି ଶ୍ରୋତାଦୃତ ହୋଇ ରହିଛି । କାରଣ ଆଜି ମୁଁ ନିଜକୁ ଜଣେ ଭଜନ ଗାୟକ ଭାବରେ ପରିଚିତ କରାଇ ପାରିଛି ଆଉ ତା'ପଛରେ ରହିଛି ପ୍ରଭୁ ଜଗନ୍ନାଥଙ୍କର ଅପାର କରୁଣା । ତାଙ୍କର ପାଦ ତଳେ ମୋ ଗାୟକ ଜୀବନ ସଦା ସମର୍ପିତ ହୋଇ ରହିବ । ଏଥର ରଥ ଯାତ୍ରା ଅବସରରେ ମୋର ଏକ ଭଜନ 'ଆ ଜଗା ତୁ ରଥକୁ ଆ' ରିଲିଜ ହୋଇଛି । ଏହାକୁ ଶ୍ରୋତା ଗ୍ରହଣ କରିବେ ବୋଲି ଆଶା ରଖିଛି ।''

## ପରଦାରେ..

### ଶ୍ରୀଜଗନ୍ନାଥଙ୍କ ନବକଳେବର



ଜଗତର ନାଥ ଶ୍ରୀଜଗନ୍ନାଥ । ତାଙ୍କର କଥାମୃତକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' । ଉକ୍ତ ବିଗ୍ ବଜେଟ୍ ସିନେମା ଚଳିତ ବର୍ଷ ବାହୁଡା ଅବସରରେ ଅର୍ଥାତ୍, ଚଳିତ ମାସ ୪ ତାରିଖରେ ପରଦା ଉପରକୁ ଆସୁଛି । ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି) ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି । ଦିଲୀପ କୁମାର ଜେନା ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଣୟ ଜେଠୀ । ଷ୍ଟାର-ଷ୍ଟଡେଡ୍ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ ଦାସ, , ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର , ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି । ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ଚିତ୍ରଟିର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର । ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି । କୋରିଓଗ୍ରାଫି କରିଛନ୍ତି ବବି ଇସଲାମ ଓ ଜିତୁ ରାଉତ ।

### ଆଇ ଆମ କାଳିଆ



ଓଡ଼ିଆ ସିନେମାର ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଆଇ ଆମ କାଳିଆ : ଲଭ୍ ଅର ଡିଭୋସନ' ଚଳିତ ମାସ ୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି । କାଳିଆ ଜଣେ ଜଗନ୍ନାଥଙ୍କ ପରମ ଭକ୍ତ । ସମୟକ୍ରମେ ସେ ଜେନିଫର ନାମ୍ନୀ ଜଣେ ବିଦେଶିନୀ ଟୁରିଷ୍ଟ ସଂସ୍ପର୍ଶରେ ଆସୁଛି । ଆଉ ତା'ପରେ କାହାଣୀରେ କ'ଣ ହଟଚମଟ ସୃଷ୍ଟି ହେଉଛି ତାହାକୁ ଆଧାର କରି ଏହି ସିନେମାଟି ନିର୍ମିତ ହୋଇଛି । ଏ ସମ୍ପର୍କରେ ହରି କହନ୍ତି, ''ଜଣେ ଜଗନ୍ନାଥଙ୍କ ଭକ୍ତ ନିକଟରେ ତାହାର ଭକ୍ତି ବଡ ନା ପ୍ରେମ ବଡ ? କାଳିଆ ଠାକୁରଙ୍କୁ ସେ ଜୀବନର ସବୁକିଛି ବୋଲି ଧରି ନେଇଛି, ହେଲେ ଏପରି ସମୟ ଆସିଛି ଯେଉଁ ସମୟରେ ତାକୁ ତା' ଭକ୍ତିର ଅଗ୍ନିପରୀକ୍ଷା ଦେବାକୁ ପଡିଛି ।'' ଏଥିରେ ହରିଙ୍କ ଅପୋଜିଟ୍‌ରେ ନାୟିକା ସାଜିଛନ୍ତି ତୁର୍କମେନିସ୍ତାନର ଅନ୍ୟତମ ଲୋକପ୍ରିୟ ଥିଏଟର ଅଭିନେତ୍ରୀ ଆନିୟା । ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁବାସ ସାହୁ । ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ । କୁନା ତ୍ରିପାଠୀ, ପୁଷ୍ପା ପଣ୍ଡା ଏବଂ ସାତ୍ୟକୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।

## ନୂଆ ସିନେମା

# ଚାରିଧାମ

ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଏଥର ଦଶହରାରେ ପୁଣି ଥରେ ମଇଦାନକୁ ଓହ୍ଲାଇବେ । ଏଥିପାଇଁ ନିର୍ମାଣାଧୀନ ନୂଆ ଓଡ଼ିଆ ସିନେମା 'ଚାରିଧାମ-ଏ ଜର୍ନି ଉଇଦିନ୍'ରେ ସେ ନାୟକ ସାଜୁଛନ୍ତି । ଏହାର ପ୍ରଥମ ଅଫିସିଆଲ ପୋଷ୍ଟର ଏଥର ରଥଯାତ୍ରା ଅବସରରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏହି ବିଗବଜେଟ୍ ଫିଲ୍ମଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ଏହି ଅଭିନେତା । ଫିଲ୍ମଟି କେବଳ ଓଡ଼ିଶା ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି । 'କର୍ମ' ହିଟ୍ ସାବ୍ୟସ୍ତ ହେବା ପରେ ପୁଣି ଥରେ ଏକ ଭିନ୍ନ ଧରଣର ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ଅନୁଭବ । ଆଉ ଏଭଳି ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସେ ପୂରାଦମ୍‌ରେ ଅଣ୍ଟା ଭିଡିଛନ୍ତି । ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଛନ୍ତି ଅନୁରାଧା ପାଣିଗ୍ରାହୀ । ଅନୁଭବ-ଅନୁରାଧା ଯୋଡି ବ୍ୟତୀତ ଏହି ଚିତ୍ରରେ ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ଅଭିନୟ କରୁଛନ୍ତି । ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ହିମାଦ୍ରି ତନୟ ଦାସ । ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ତାପସ ସରଘରିଆ । କ୍ୟାମେରା କୁଇନ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଳ ରାଉତରାୟ । ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି କୁମାରଶ୍ରୀ ସାହୁ । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥୀ । କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି ଗିରିଶ ମହାନ୍ତି ।


ଅନୁଭବ

# କଥା ପଚିଶ ବର୍ଷର...

ତାଙ୍କର ବଲିଉଡ୍‌ର କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୦ରୁ । ସେ ଅଭିନୟ କରିଥିବା ପ୍ରଥମ ସିନେମାଟିର ଟାଇଟଲ ଥିଲା 'ରିଫ୍ୟୁଜି' । ଜେ.ପି ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ତାଙ୍କୁ ମାଇଲେଜ ଦେଇଥିଲା । ଆଉ ତା'ପରେ ସେ କେବେ ପଛକୁ ଫେରି ଚାହିଁନାହାନ୍ତି । ଚଳିତବର୍ଷ ସେ ହିନ୍ଦୀ ସିନେମାରେ ତାଙ୍କର ସିଲଭର ଜୁବିଲି ଅର୍ଥାତ ୨୫ ବର୍ଷ ପାଳନ କରୁଛନ୍ତି । ହଁ, ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି କରୀନା କପୁର । ନିଜର ଏହି ଲମ୍ବା କ୍ୟାରିୟରକୁ ନେଇ ସେ ବେଶ୍ ଖୁସି ଅଛନ୍ତି । ଏ ବିଷୟରେ ସେ କହନ୍ତି, ''ଅଭିନୟ ଜୀବନରେ ଉତ୍‌ଥାନ ପତନ ଲାଗି ରହିଥାଏ । ସେସବୁକୁ ସାମନା କରି ଆଗକୁ ଆଗେଇବାକୁ ପଡେ । ଯେହେତୁ ଏକ କଳାକାର ପରିବାରରେ ମୋର ଜନ୍ମ, ତେଣୁ ବଲିଉଡ୍‌ର ନିଜ କ୍ୟାରିୟରକୁ କିପରି ଆଗକୁ ଆଗେଇ ନେବି ସେ ନେଇ ଆରମ୍ଭରୁ ମୁଁ ନିଜକୁ ପ୍ରସ୍ତୁତ କରିନେଇଥିଲି । ବାକି ରହିଲା ମୋ ଅଭିନୀତ ହିଟ୍ ସିନେମା କଥା । ଏସବୁ ସମ୍ଭବ ହୋଇଛି କେବଳ ଦର୍ଶକମାନଙ୍କ ପାଇଁ । ସେମାନେ ଯଦି ମୋର ସିନେମାଗୁଡିକୁ ଗ୍ରହଣ କରି ନ ଥାନ୍ତେ ତେବେ ମୁଁ ଆଜି ଏ ସ୍ଥାନରେ ପହଞ୍ଚି ପାରି ନ ଥାନ୍ତି ।'' କରୀନା ଅଭିନୟ କରିଥିବା ଦର୍ଶକାଦୃତ ସିନେମାଗୁଡିକ ମଧ୍ୟରେ ରହିଛି-'ମୁଝେ କୁଛ୍ କହନା ହେ', 'କଭି ଖୁସି କଭି ଗମ୍', 'ଏଲଓସି କାରଗିଲ୍', 'ଚମେଲି', 'ଜବ୍ ଉଇ ମେଟ୍', 'ଥ୍ରୀ ଇଡିୟଟସ', 'ହିରୋଇନ୍', 'ରାଉଡି ରାଠୋଡ', ଏବଂ 'ଉଡ୍‌ତା ପଞ୍ଜାବ' । ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ସିଙ୍ଘମ ଏଗେନ୍', ଯାହା ଗତ ବର୍ଷ ରିଲିଜ ହୋଇଥିଲା ।


କରୀନା

# ବବିଙ୍କ ପ୍ରଶଂସାରେ ନର୍ଗିସ

ନର୍ଗିସ ଫକ୍ରି ଏବେ ବବି ଦେଓଲଙ୍କ ପ୍ରଶଂସାର ଶତମୁଖ । କେମିତି ବା ପ୍ରଶଂସା କରିବେ ନାହିଁ କହୁନାହାନ୍ତି ? କଥା କ'ଣ କି ଉଭୟ ନର୍ଗିସ ଏବଂ ବବି ଚଳିତ ମାସରେ ରିଲିଜ ହେବାକୁ ଯାଉଥିବା ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିଛନ୍ତି । ଏହାର ଟାଇଟଲ ରହିଛି 'ହରି ହର ବୀରା ମଲ୍ଲୁ-ପାର୍ଟ ୧' । ପାଖାପାଖି ୪୦୦କୋଟି ବଜେଟ୍‌ରେ ପ୍ରସ୍ତୁତ ଉକ୍ତ ସିନେମାରେ ପବନ କଲ୍ୟାଣ, ନିଧି ଅଗ୍ରୱାଲ ଏବଂ ନୋରା ଫତେହି ପ୍ରମୁଖ ଅଭିନୟ କରିଛନ୍ତି । ହେଲେ ବବିଙ୍କୁ ପ୍ରଶଂସା କରିବା ପଛରେ ନିଶ୍ଚୟ କିଛି କାରଣ ଥିବ । କଥା କ'ଣ କି ଏହି ଫିଲ୍ମର ଶୁଟିଂ ସମୟରେ ଏହାର ପ୍ରଯୋଜକ ଏ.ଏମ. ରତ୍ନମ ତାଙ୍କର ଆଗାମୀ ଫିଲ୍ମରେ ଏହି ଯୋଡିକୁ ନେବା ବୋଲି ପ୍ରାକ୍ ସୂଚନା ଦେଇସାରିଛନ୍ତି । ଆଉ ଏକଥା ଜାଣିବା ପରେ ବବିଙ୍କୁ ପ୍ରଶଂସା ନ କରି ନର୍ଗିସ ବା କେମିତି ରହିପାରନ୍ତେ କହୁନାହାନ୍ତି ! ''ଚଳିତ ମାସ ୨୪ରେ ମୋ ଅଭିନୀତ ଏହି ତେଲୁଗୁ ସିନେମା ରିଲିଜ ହେଉଛି । ଏହାର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି । ତା'ସହ ଏହାର ପ୍ରଯୋଜକ ମୋତେ ଏବଂ ବବିଙ୍କୁ ତାଙ୍କର ଆଗାମୀ ଫିଲ୍ମରେ ନେବାକୁ ସୂଚନା ଦେଇସାରିଛନ୍ତି । ସତ କଥା କହିବାକୁ ଗଲେ ବବିଙ୍କ ଅଭିନୟ ମୋତେ ଭାରି ଇମ୍ପ୍ରେଶ କରିଛି । ଏ ନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ।''


ନର୍ଗିସ

ଧରିତ୍ରୀ DHARITRI

ଧରିତ୍ରୀ 51 Years

# ଜୟସ୍ୱାଲ, ଗିଲ୍‌ଙ୍କ ଦୃଢ଼ ବ୍ୟାଟିଂ


ବର୍ମିଂହାମ, ୨।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ପ୍ରଥମ ଇନିଂସରେ ୫୭ ଓଭରରେ ୩ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲଙ୍କ ପରେ ଅଧିନାୟକ ଶୁବମନ ଗିଲ୍ ଦୃଢ଼ ବ୍ୟାଟିଂ କରି ଇନିଂସ ସମ୍ଭାଳିଛନ୍ତି।

ଟସ୍‌ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା।

**ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ**

ପ୍ରଥମ ଟେଷ୍ଟରେ ଶତକ ହାସଲକାରୀ ଲୋକେଶ ରାହୁଲ ମାତ୍ର ୨ ରନକରି ଆଉଟ ହେବାରୁ ୧୫ ରନରେ ଭାରତ ପ୍ରଥମ ଉଇକେଟ ହରାଇଥିଲା। ଜୟସ୍ୱାଲ ଓ କରୁଣ ନାୟାର ସତର୍କତାର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୮୦ ରନ ଯୋଗକରି ଦଳକୁ ବିପଦରୁ ରକ୍ଷା କରିଥିଲେ। ନାୟାର ୩୧ ରନକରି ଆଉଟ ହେବାରୁ ୯୫ ରନରେ ଭାରତକୁ ଦ୍ୱିତୀୟ ଝଟ୍‌କା ଲାଗିଥିଲା। ଚମତ୍କାର ଫର୍ମରେ ଥିବା ଜୟସ୍ୱାଲ ଏଠାରେ ମଧ୍ୟ ଦୃଢ଼ ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ। ମାତ୍ର ସେ ୮୭ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ଏକ ୱାଇଡ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ଜେମି ସ୍ମିଥଙ୍କୁ କ୍ୟାଚ ଦେଇଥିଲେ। ସେ ୧୦୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୩ ଚୌକା ମାରିଥିଲେ। ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ଗତ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲକାରୀ ରିଷଭ ପନ୍ତ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ଗିଲ୍ ଅର୍ଦ୍ଧଶତକ ପୂରଣ କରିଥିବାବେଳେ ପନ୍ତ ୧୭ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ସମେତ କ୍ରିସ୍ ୱକ୍ସ ଓ ବ୍ରେଡନ କାର୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଯଶସ୍ୱୀ ଜୟସ୍ୱାଲ।

## କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଖେଳାଳି

ଇଂଲଣ୍ଡର ପୂର୍ବତନ କ୍ରିକେଟର ୱେନ ଲାର୍କିନ୍ସଙ୍କର ଗତ ଜୁନ ୨୮ ତାରିଖରେ ପରଲୋକ ଘଟିଥିଲା। ଏଥିଲାଗି ଏଜବାଷ୍ଟନଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପରିଧାନ କରିଛନ୍ତି। ନର୍ଥହାମ୍ପଟନଶାୟାର ଓ ଡର୍ହାମକୁ ଘରୋଇ କ୍ରିକେଟରେ ପ୍ରତିନିଧିତ୍ୱ କରିଥିବା ଲାର୍କିନ୍ସ ୧୯୭୯ରୁ ୧୯୯୧ ମଧ୍ୟରେ ଇଂଲଣ୍ଡ ପାଇଁ ୧୩ ଟେଷ୍ଟ ଓ ୨୫ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ତାଙ୍କ କ୍ୟାରିୟରର ଦ୍ୱିତୀୟ ମ୍ୟାଚ୍ ୧୯୭୯ ବିଶ୍ୱକପ୍ ଫାଇନାଲରେ ଖେଳିଥିଲେ। ସେ କ୍ୟାରିୟରର ଷଷ୍ଠ ଟେଷ୍ଟ ମ୍ୟାଚ୍ ଖେଳିବାର ୮ ବର୍ଷ ପରେ ସପ୍ତମ ଟେଷ୍ଟ ଖେଳିଥିଲେ। ୧୯୮୨ରେ ଦକ୍ଷିଣ ଆଫ୍ରିକାକୁ ବିଦ୍ରୋହୀ ଟୁର କରିବା ଲାଗି ତାଙ୍କୁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିଲା।

# ଗଫ୍‌ଙ୍କୁ ହରାଇଲେ ୟଷ୍ଟ୍ରେମ୍‌ସ୍କା

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ**

ଲଣ୍ଡନ, ୨।୭

ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ବୁଧବାର ଅନୁଷ୍ଠିତ ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଦ୍ୱିତୀୟ ସିଡ୍ କୋକୋ ଗଫ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଦୟନା ୟଷ୍ଟ୍ରେମ୍‌ସ୍କା। ଆମେରିକାର ଗଫ୍ ସମ୍ପ୍ରତି ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨ୟ ସିଡ୍ ଥିବାବେଳେ ୟୁକ୍ରେନର ୟଷ୍ଟ୍ରେମ୍‌ସ୍କା ଅଣସିଡେଡ ଖେଳାଳି। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଟପ୍‌ସିଡ୍ ଆରିନା ସାବାଲେଙ୍କା ୭-୬ (୭/୪), ୬-୪ ସେଟ୍‌ରେ ମାରି ବୌଜକୋଭାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଗୁଡ଼ିକରେ ମାଡିସନ କିଜ୍ ୬-୪, ୬-୨ରେ ଓଲ୍‌ଗା ଡାନିଲୋଭିକ୍, ଲୌରା ସିଗମୁଣ୍ଡ ୬-୨, ୬-୩ରେ ଲେଲା ଫର୍ନାଣ୍ଡେଜଙ୍କୁ ପରାସ୍ତ କରିଛନ୍ତି।



କୋକୋ ଗଫ୍‌ଙ୍କୁ ହରାଇବା ପରେ ଉଲ୍ଲସିତ ଦୟନା ୟଷ୍ଟ୍ରେମ୍‌ସ୍କା।

### ନୋରି ତୃତୀୟ ରାଉଣ୍ଡରେ

ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ କାମେରନ୍ ନୋରି ୪-୬, ୬-୪, ୬-୩ ୭-୫ ସେଟ୍‌ରେ ୧୨ତମ ସିଡ୍ ଫ୍ରାନ୍ସେସ୍ ଟିଆଫୋଙ୍କୁ ପରାସ୍ତ କରିଛନ୍ତି। ସେହିପରି ଲର୍ନର ଟିଏନ୍‌ଙ୍କୁ ନିକୋଲାସ ଜାରି ୬-୨, ୬-୨, ୬-୩ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଟେଷ୍ଟ ର୍‌ୟାଙ୍କିଙ୍ଗ୍ସ: ୬ଷ୍ଠକୁ ଉଠିଲେ ପନ୍ତ

ଦୁବାଇ, ୨।୭(ପି.ଟି.)

ଭାରତର ବିସ୍ଫୋରକ ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ଆଇସିସି ଟେଷ୍ଟ ବ୍ୟାଟରଙ୍କ ର୍‌ୟାଙ୍କିଙ୍ଗ୍‌ରେ ଗୋଟିଏ ପାହ୍ୟା ଉପରକୁ ଉଠି ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ନୂଆ ଟେଷ୍ଟ ର୍‌ୟାଙ୍କିଙ୍ଗ୍ସରେ ଏହା ଦର୍ଶାଯାଇଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଉଭୟ ଇନିଂସ୍‌ରେ ଶତକ ହାସଲ କରିଥିବା ପନ୍ତଙ୍କ ରେଟିଂ ପଏଣ୍ଟ ୮୦୧ରେ ପହଞ୍ଚିଛି, ଯାହାକି ତାଙ୍କ କ୍ୟାରିୟରରେ ସର୍ବାଧିକ। ସେ ଏବେ ନଂ.୧ ଟେଷ୍ଟ ବ୍ୟାଟର ଜୋ ରୁଟ୍‌ଙ୍କଠାରୁ ୮୮ ପଏଣ୍ଟ ପଛରେ ରହିଛନ୍ତି। ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଅଧିନାୟକ ଶୁବମନ ଗିଲ୍ ଗୋଟିଏ ପାହ୍ୟା ତଳକୁ ଖସି ୨୧ତମ ସ୍ଥାନରେ ରହିଛନ୍ତି।

# ଫୁଟ୍‌ବଲ କୋଚ୍ ପଦରୁ ମାର୍କ୍ୱେଜ୍ ଓହରିଲେ

**ନୂଆଦିଲ୍ଲୀ, ୨।୭(ପି.ଟି.):** ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦରୁ ମାନୋଲୋ ମାର୍କ୍ୱେଜ୍ ଇସ୍ତଫା ଦେଇଛନ୍ତି। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସହ ଆପୋସ ବୁଝାମଣା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନିକଟ ଅତୀତରେ ଭାରତୀୟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଏଆଇଏଫ୍‌ଏଫ୍ କୌଣସି ବଡ଼ ନିଷ୍ପତ୍ତି ନେବା ପାଇଁ ଚାପରେ ଥିଲା। ମାର୍କ୍ୱେଜ୍‌ଙ୍କ ଚୁକ୍ତିରେ ଆହୁରି ୧ ବର୍ଷ ବାକିଥିବା ବେଳେ ସେ ପଦ ଛାଡ଼ିବା ଲାଗି ଇଚ୍ଛାପ୍ରକଟ କରିଥିଲେ। ଏଥିରେ ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟି ରାଜି ହୋଇଥିଲା। ଏଆଇଏଫ୍‌ଏଫ୍ ଓ ମାନୋଲୋ ଆପୋସ ବୁଝାମଣାରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଣୁ ତାଙ୍କୁ ଭାରତୀୟ ଦଳର କୋଚ୍ ପଦରୁ ଛାଡ଼ ଦିଆଯାଇଛି।

# ୟଙ୍ଗଷ୍ଟର ପ୍ରିମିୟର ଲିଗ୍ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨।୭(ଅନାଦି କର)

ୟଙ୍ଗଷ୍ଟର ପ୍ରିମିୟର ଲିଗ୍ (ୱାଇପିଏଲ୍) କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ଲାଗି ବୁଧବାର ଲୋଗୋ ଉନ୍ମୋଚିତ କରାଯାଇଛି। ଏହି ଟୁର୍ନାମେଣ୍ଟ ଲାଗି ଆସନ୍ତା ୬ ତାରିଖରୁ ଖେଳାଳିଙ୍କ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ୧୯ ବର୍ଷରୁ କମ୍ ବୟସର ଖେଳାଳିମାନେ ଆବେଦନ କରିପାରିବେ। ପରେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ହେବାକୁ ଥିବା ଟ୍ରାଏଲ୍ସ ଲାଗି ଡକା ଯିବ।

ଲୋୟଲା ସ୍କୁଲସ୍ଥିତ କ୍ରିକେଟ ଏକାଡେମୀ ଅଫ୍ ପଠାନ ପକ୍ଷରୁ ଫ୍ରାଞ୍ଚାଇଜି ଭିତ୍ତିକ ଲିଗ୍ ୱାଇପିଏଲ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ କରିବାକୁ ଯାଉଛି। ଏହା ଓଡ଼ିଶାର ଯୁବ ଖେଳାଳିଙ୍କ ପାଇଁ ଏକ ବଡ଼ ପ୍ଲାଟଫର୍ମ ଯୋଗାଇବା ସହ ସେମାନଙ୍କୁ ସିଧାସଳଖ ଆୟ କରିବାକୁ ସୁଯୋଗ ପ୍ରଦାନ କରିବ।




ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

ଚଳିତ ବର୍ଷ ମହିଳାଙ୍କ ଲାଗି ମଧ୍ୟ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଏଆର୍ ସ୍ପୋର୍ଟ୍ସ ଏମ୍‌ଡି ଅଶୋକ କୁମାର କହିଛନ୍ତି। ଡିସେମ୍ବର ୨୦ରୁ ୩୦ ପର୍ଯ୍ୟନ୍ତ ପୁରୁଷଙ୍କ ଟୁର୍ନାମେଣ୍ଟରେ ୮ଟି ଦଳ ଓ ମହିଳାଙ୍କ ଟୁର୍ନାମେଣ୍ଟରେ ୪ଟି ଦଳ ଭାଗ ନେବେ। ସୁରଞ୍ଜନା ମହାପାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ମାଲିକ ଓ ୱାଇପିଏଲ୍‌ର ମ୍ୟାନେଜମେଣ୍ଟ ପାର୍ଟନର ଇନସିଗ ଏଡୁ ସ୍ପୋର୍ଟ୍ସର ଉପ ପ୍ରତିଷ୍ଠାତା ଶେଖ ଅବଦୁଲ ଉପସ୍ଥିତ ଥିଲେ।

# ଲିଖିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨।୭(ପି.ଟି.)

**ବେଙ୍ଗାଲୁରୁ ଦଳାଚକଟା**

ବେଙ୍ଗାଲୁରୁ ଦଳାଚକଟା ଘଟଣାକୁ ନେଇ ଆଇପିଏଲ୍ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ସମସ୍ୟା ବଢ଼ିବାରେ ଲାଗିଛି। ବିସିସିଆଇର ଅମ୍ବୁଡ୍‌ସମ୍ୟାନ-କମ୍-ଏଥିକ୍ସ ଅଫିସର ଅବସରପ୍ରାପ୍ତ ଜଷ୍ଟିସ୍ ଅରୁଣ ମିଶ୍ରା ଆର୍‌ସିବି ଓ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)କୁ ବିଜୟ ଉତ୍ସବବେଳେ ଘୋର ଅବହେଳା କାରଣରୁ ଘଟିଥିବା ଦଳାଚକଟା ଘଟଣା ଉପରେ ଲିଖିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟପାଠ ଦାଖଲ କରିବା ପାଇଁ ଉଭୟ ଆର୍‌ସିବି ଓ କେଏସ୍‌ସିଏକୁ ୪ ସପ୍ତାହର ସମୟ ଦିଆଯାଇଛି। ଅଭିଯୋଗକାରୀ ଆଇପିଏସ୍ ଅଧିକାରୀ ବିକାଶ କୁମାର ଅମ୍ବୁଡ୍‌ସମ୍ୟାନଙ୍କ ନିକଟରେ ଆର୍‌ସିବିର ବର୍ତ୍ତମାନ ମାଲିକଙ୍କୁ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଫ୍ରାଞ୍ଚାଇଜ୍ ବିକିବାରୁ ବାରଣ କରିବା ଲାଗି ଅନୁରୋଧ କରିଛନ୍ତି।

'ଘଟଣାର ଗଭୀରତାକୁ ଦୃଷ୍ଟିରେ ରଖି କେଏସ୍‌ସିଏ ଓ ଆର୍‌ସିବିକୁ ଅଭିଯୋଗ ନେଇ ୪ ସପ୍ତାହ ମଧ୍ୟରେ ଲିଖିତ ଉତ୍ତର ଦାଖଲ କରିବାକୁ କୁହାଯାଇଛି। ଗତ ଜୁନ୍ ୪ରେ ବେଙ୍ଗାଲୁରୁରେ ଘଟିଥିବା ଦୁର୍ଭାଗ୍ୟଜନକ ଦଳାଚକଟା ଘଟଣା ସମ୍ପର୍କରେ ଏହି ଅଭିଯୋଗ ଦାଖଲ କରାଯାଇଛି। ଆର୍‌ସିବି ଦ୍ୱାରା ଘୋର ଅବହେଳା ଓ ନିୟମର ଉଲ୍ଲଂଘନ କରାଯାଇଥିବା ନେଇ ଅଭିଯୋଗରେ ଦାବି କରାଯାଇଛି। ଆବେଦନକାରୀ ଆର୍‌ସିବି ଫ୍ରାଞ୍ଚାଇଜ୍‌କୁ ସସ୍‌ପେଣ୍ଡ କରିବା ସହ ବର୍ତ୍ତମାନ ବିକ୍ରି ଲାଗି ଚାଲିଥିବା ବୁଝାମଣାକୁ ବେଆଇନ ଘୋଷଣା କରିବାକୁ ଅନୁରୋଧ କରିଥିବା ଜଷ୍ଟିସ୍ ମିଶ୍ରା ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ(କ୍ୟାଟ୍) ବହୁ ସଂଖ୍ୟାରେ ଲୋକ ଏକତ୍ରିତ ପାଇଁ ଆର୍‌ସିବିକୁ ଦାୟୀ କରିଥିଲା।

# 'ଖବରଦାତାଙ୍କ ଭୂମିକା କ୍ରୀଡ଼ା ଅଗ୍ରଗତିର ମୁଖ୍ୟ ଆଧାର'

ଭୁବନେଶ୍ୱର, ୨।୭ (ଅନାଦି କର)

**ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ**

ମଞ୍ଚେଶ୍ୱର ସମେଇଗାଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ(ଜେଏମ୍‌ଏସ୍‌ଏ) ପକ୍ଷରୁ ବୁଧବାର ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୪ କ୍ରୀଡ଼ା ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୦୨ରୁ ୨୪ ବର୍ଷ ଧରି ଏଭଳି ପ୍ରୟାସ ଚଳାଇ ଆସିଥିବା ଜେଏମ୍‌ଏସ୍‌ଏ ଚଳିବର୍ଷ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡୀ, କୁସୁମ ମଞ୍ଜରୀ ଦାସ ଏବଂ ଅନାଦି କରଙ୍କୁ ସମ୍ବର୍ଦ୍ଧିତ କରିଛି। ଜେଏମ୍‌ଏସ୍‌ଏ ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ଓ ଦେଶର ଗର୍ବ ଓ ଗୌରବ ଓଡ଼ିଶାର ପ୍ରଥମ ମହିଳା ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଖବରଦାତାମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବହୁ ଆର୍ଥିକ ଉଦ୍ୟୋଗ ସହ ଜଡ଼ିତ ଲକ୍ଷ୍ମୀନାରାୟଣ ଦାସ, ଅକ୍ଷୟ ମିଶ୍ର(ସଂପାଦକ, ପରସ୍ପେକ୍ଟିଭ୍ ବାଇଟ୍ସ), ଅତୀଶ କୁମାର ରାଉତ(ସିନେ ପ୍ରଯୋଜକ ଓ ଜେଏମ୍‌ଏସ୍‌ଏର ମୁଖ୍ୟ ପୃଷ୍ଠପୋଷକ) ଏବଂ ଲଲାଟେନ୍ଦୁ ମିଶ୍ର (ପୂର୍ବତନ ବୌଦ୍ଧ ଜିଲାପାଳ ଓ ପୂର୍ବତନ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛୋଟପିଲାମାନଙ୍କୁ କିପରି ଉନ୍ନତଧରଣର ଶିକ୍ଷା ଦିଆଯାଇପାରିବ ତା' ଉପରେ ଆଲୋକପାତ କରିବା ସହ ଏଥିରେ କ୍ରୀଡ଼ା ଖବରଦାତା ମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ କ୍ରୀଡ଼ା ଖବରଦାତାଙ୍କ ଭୂମିକା କ୍ରୀଡ଼ା ଅଗ୍ରଗତିର ମୁଖ୍ୟ ଆଧାର ବୋଲି କହିଥିଲେ। ଏହି ଅବସରରେ ଏକାଡେମୀର ଦିବ୍ୟାଞ୍ଜଳି ମହନ୍ତ, ଯସ୍‌ରାଜ ମହାନ୍ତି, ଦିବ୍ୟାଂଶ ପାଣିଗ୍ରାହୀ, ତନ୍ମୟ ପାଢ଼ୀ ପ୍ରମୁଖ ଜିମ୍ନାଷ୍ଟିକ ପ୍ରଦର୍ଶନ କରିଥିଲେ। ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ଧନ୍ୟବାଦ ଜ୍ଞାପନ କରିଥଲେ। ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତାଙ୍କ ଗହଣରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଅନ୍ୟମାନେ।

## ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ

**ଭୁବନେଶ୍ୱର, ୨।୭ (ତପନ ସ୍ୱାଇଁ):** ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଖେଳାଯିବ। ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସମର୍ଥନରେ ଗତବର୍ଷ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ସ୍କୁଲ ପିଲାଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଭରିଥିଲା। ଏଥିରେ ଅଂଶଗ୍ରହଣ କରିବାକୁ ଭୁବନେଶ୍ୱର ମ୍ୟୁନିସିପାଲ ଏରିଆର ଆଗ୍ରହୀ ସ୍କୁଲଗୁଡ଼ିକ ଯଥାଶୀଘ୍ର ଆବେଦନ କରିବାକୁ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ଓ ସମ୍ପାଦକ ଦିଲୀପ ଦାସ ଅନୁରୋଧ କରିଛନ୍ତି।

## ୟାରାଜି ଆହତ

**ନୂଆଦିଲ୍ଲୀ, ୨।୭ (ପି.ଟି.):** ଏସିଆନ୍ ଚାମ୍ପିୟନ ଓ ଜାତୀୟ ରେକର୍ଡଧାରୀ ୧୦୦ ମି. ହର୍ଡଲ୍ସ ରନର ଜ୍ୟୋତି ୟାରାଜି କିଛିଦିନ ତଳେ ଟ୍ରେନିଂ କଲାବେଳେ ଆଣ୍ଠୁରେ ଆଘାତ ପାଇଛନ୍ତି। ଏସିଆନ ଗେମ୍ସ ରୌପ୍ୟ ପଦକଧାରୀ ୟାରାଜିଙ୍କ ନିକଟରେ ଆସନ୍ତା ସେପ୍ଟେମ୍ବରରେ ଟୋକିଓରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ହାସଲ କରିବାର ସୁଯୋଗ ଥିଲା। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କର ଏହି ଆଶା ଧୂଳିସାତ୍ ହୋଇଯାଇଛି।

# ସ୍ୱଚ୍ଛତା ଓ ନୈତିକତା ଉପରେ ଗୁରୁତ୍ୱ




ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଓସ୍‌ଜା କର୍ମକର୍ତ୍ତା।

ଭୁବନେଶ୍ୱର, ୨।୭(ତପନ ସ୍ୱାଇଁ)

**ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିଲା ଓସ୍‌ଜା**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ୍ ଆସୋସିଏଶନ(ଓସ୍‌ଜା) ପକ୍ଷରୁ ବୁଧବାର ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଖବର ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷାକରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରଛନ୍ତି। ଖେଳରତ୍ନ ତଥା ପାରାଲିମ୍ପିକ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥି ଓ ଅନ୍ତର୍ଜାତୀୟ ମହିଳା କ୍ରିକେଟର ରୋଶନାରା ପର୍‌ବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଖବରଦାତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯିବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ାବିତ୍‌ଙ୍କ ସଫଳତା ଦେଶ ଓ ରାଜ୍ୟକୁ ଗର୍ବିତ କରିଥାଏ। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ନିରପେକ୍ଷ ଓ ସଚେତନ ହେବାକୁ ଅତିଥି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାମାନେ ଆହ୍ୱାନ ଦେଇଛନ୍ତି। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନେ ଓସ୍‌ଜା ସ୍ମରଣିକା ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ. ରବି ଖବରଦାତାମାନଙ୍କୁ ଉଚ୍ଚକୋଟୀର ଖବର ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଉପସଭାପତି ତପନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁଙ୍କ ସମେତ ଓସ୍‌ଜା ସଦସ୍ୟ ହିମାଂଶୁ ପତି ମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତନ୍ମୟ ଦାସ, ରଞ୍ଜନ ରାୟ, ସମୀର, ଶୁଭଲକ୍ଷ୍ମୀ, ସୁଶାନ୍ତ, ଲୋକନାଥ, ଦେବାଶିଷ, ଚକ୍ରଧର, ବେଣୁଧର, ରାଜେନ୍ଦ୍ର, ମହେନ୍ଦ୍ର, ଦେବୀ ପ୍ରସାଦ, ଅନାଦି, ତୁଷାର, ଦୀପ୍ତି, ବିମଳ ଶକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ